EKAMAATRA

RNI Regd. No. ODIODI/2017/71524



Follow Us On @
www.ekamaatra.com
editor@ekamaatra.com
ekamaatra@gmail.com
advt@ekamaatra.com
ekamaatraodia
ekamaatranews


# ଏକମାତ୍ର

ଅନୁସନ୍ଧାନ ପରେ ଖବର



ସରିଗଲା ରଜ ମଉଜ, ପୁଣି ଆରବର୍ଷକୁ ଅପେକ୍ଷା...


ବର୍ଷ-୧ ସଂଖ୍ୟା-୨୩ ୧୯ - ୨୫ ଜୁନ, ୨୦୧୭ ଭୁବନେଶ୍ୱର ● Monday Weekly ● VOL-1 ISSUE-23 19th-25th June, 2017 BHUBANESWAR ₹ 5/- (8 Pages)


# ଅସ୍ଥିର ହେଲାଣି ଭକତ ପ୍ରାଣ, ରଥେ ବିଜେ ହେବେ ଚକାନୟନ








# ଇସ୍ପାତ ପେଣ୍ଠ ହେବ କଳିଙ୍ଗନଗର

**ଭୁବନେଶ୍ୱର :** ଯାଜପୁର ଜିଲ୍ଲାର କଳିଙ୍ଗନଗର ଦେଶର ଷ୍ଟିଲହବ୍ (ଇସ୍ପାତ ପେଣ୍ଠ) ହେବ ଏବଂ ୩୦୦ ନିୟୁତ ଟନ୍ ଇସ୍ପାତ ଉତ୍ପାଦନ ପାଇଁ କେନ୍ଦ୍ର ସରକାର ଯେଉଁ ଲକ୍ଷ୍ୟ ରଖିଛନ୍ତି, ତାହାର ୨୦ ପ୍ରତିଶତ ଭାଗୀଦାର ହେବ କଳିଙ୍ଗନଗର। ଅର୍ଥାତ୍ ଏଠାରୁ ଦେଶକୁ ୬୦ ନିୟୁତ ଟନ୍ ଇସ୍ପାତ ଯୋଗାଇବ ବୋଲି କହିଛନ୍ତି କେନ୍ଦ୍ର ଇସ୍ପାତ ମନ୍ତ୍ରୀ ଚୌଧୁରୀ ବୀରେନ୍ଦ୍ର ସିଂହ।

ଭୁବନେଶ୍ୱରଠାରେ ଶ୍ରୀ ସିଂହ ଉଲ୍ଲେଖ କରିଥିଲେ ଯେ ଓଡ଼ିଶା ଏଭଳି ଏକ ରାଜ୍ୟ ଯେଉଁଠାରେ ସବୁପ୍ରକାର ଖଣିଜ ସମ୍ପଦ ପରିପୂର୍ଣ୍ଣ ହୋଇ ରହିଛି। ତେଣୁ ଇସ୍ପାତ ଶିଳ୍ପ ପାଇଁ ଓଡ଼ିଶା ପ୍ରକୃଷ୍ଟ ସ୍ଥାନ। କେନ୍ଦ୍ର ଇସ୍ପାତ ସଚିବ ଡ. ଅରୁଣ ଶର୍ମା କଳିଙ୍ଗନଗର ଗସ୍ତ କରିଥିଲେ। ଇସ୍ପାତ ଶିଳ୍ପ ପାଇଁ

## ପୋସ୍କୋ ପାଇଁ ରାଜ୍ୟ ଦାୟୀ : କେନ୍ଦ୍ରମନ୍ତ୍ରୀ

କଳିଙ୍ଗନଗରରେ ଥିବା ସୁବିଧା ସୁଯୋଗ ଉପରେ ସେ ସମୀକ୍ଷା କରିଥିଲେ। ଏହି ସମୀକ୍ଷାରୁ ଜଣାପଡିଛି ଯେ କଳିଙ୍ଗନଗର ଠାରେ ଦେଶର ପ୍ରମୁଖ ଇସ୍ପାତ ପେଣ୍ଠ ହେବାର ସମସ୍ତ ସୁଯୋଗ ରହିଛି। ଇସ୍ପାତ ଶିଳ୍ପ ପାଇଁ ➤ ପୃ-୭




OMACS PROPERTIES PVT. LTD

About us

OMACS Properties Pvt. Ltd. is a company by two genuine Professionals who have completed some apartments with about 150 Nos. of 1 BHK, 2 BHK and 3 BHK Flats in and around Bhubaneswar within a committed period. We are determined to live upto people's expectations of getting their dream homes with best assured quality, design & service.



Our Directors

1. Er. Manas Ranjan Mohanty, BE. (Civil), M.Tech, a Civil Engineering Graduate from NIT, Rourkela is a BDA panel Architect & Structural Engineer, having vast experience in Planning, Designing and execution of Civil Engineering Projects in last 25 Years.
2. Alok Kumar Jena, MBA, who in his experience over last 6 years as a Management and Marketing professional in Real Estate Business imparts personal touch to everything required in achieving your Dream Home.

Deep Palace

It is for you to Dream for us to Deliver on time



BOKING OPEN

| FACILITY | SECURITY |
| --- | --- |
| Gym/Yoga Center | Fire Fighting System |
| Rooftop Garden | Video Door Phone |
| Society Hall | 24 x 7 Security |
| Car Wash Point | Survillance & CCTV |
| 24 x 7 Power & Water Backup etc... | Lighting Arrester |






About Project

About Project - Our Project DEEP PALACE coming up in well planned GA plotting scheme, having roads on North & East is a S+4, Apartment, having 16 Nos of 2BHK and 3BHK units, will begin in the 3rd quarter of 2016 and will be completed in the last quarter of 2017.

Distance of important Places

1- DAV School & Kendriya Vidyalaya in Front of Deep Place.
2- SUM Hospital, AMRI Hospital within 5 mins.
3- All Leading Banks & Market Area within 1.5km.
4- BDA Parks & Children Park within 200 mtr.
5- Airport & Bus Stand within 15 min Drive.

Project Details :

Type-S+4 Apartment. Location-Plot No.414, Kalinga Nagar Adjacent to DAV School, Near Sum Hospital, Bhubaneswar,Odisha.
**Construction Starts-Aug 2016.**
Total Units-16 Nos. (2BHK, 8 Nos., 3 BHK 8 Nos)

Head Office :

Plot No.23, District Centre, Near ICICI Bank, Chandrasekharpur, Bhubaneswar-751016,Odisha
E-Mail :omacsbbsr@gmail.com
**Visit : www.omacsproperties.com**
Mob:-9937592899/9937141939/9937535800


## ରକ୍ତମୁଖା ଲସ୍କର ଆତଙ୍କୀ

# ୬ ପୋଲିସଙ୍କୁ ଗୁଳିକରି ହତ୍ୟା

**ଶ୍ରୀନଗର :** କୁଖ୍ୟାତ ଲସ୍କର କମାଣ୍ଡର ମାଜୁକୁ ଭାରତୀୟ ସେନାବାହିନୀ ହତ୍ୟା କରିବା ପରେ ରକ୍ତମୁଖା ହୋଇପଡିଛନ୍ତି ଲସ୍କର-ଇ-ତୋଇବା ଆତଙ୍କବାଦୀ। ପ୍ରତିଶୋଧପରାୟଣ ହୋଇ ସେମାନେ ଆଉଏକ ବର୍ବରକାଣ୍ଡ ଭିଆଇଛନ୍ତି। ଭାରତୀୟ ସୀମାରେ କାର୍ଯ୍ୟରତ ୬ ଜଣ ପୋଲିସ କର୍ମୀଙ୍କୁ ହତ୍ୟା କରିଛନ୍ତି। ଅତି ଅମାନବୀୟ ଭାବେ ଏହି ଆତଙ୍କବାଦୀମାନେ ଭାରତୀୟ ଯବାନମାନଙ୍କ ମୁହଁକୁ ଗୁଳି କରି ବିଭତ୍ସ ହତ୍ୟା କରିଛନ୍ତି। ଏଥିସହ ପୋଲିସ ନିକଟରୁ ବ୍ୟାପକ ପରିମାଣର ଅସ୍ତ୍ରଶସ୍ତ୍ର ଲୁଟ୍ ମଧ୍ୟ କରିନେଇଥିବା ଜଣାପଡିଛି। କୁଖ୍ୟାତ ଆତଙ୍କବାଦୀ ତଥା ଲସ୍କର କମାଣ୍ଡର ମାଜୁ ସୁରକ୍ଷାବାହିନୀ ଦ୍ୱାରା ନିପାତ ହେବା ଘଟଣା ପରେ ଆତଙ୍କବାଦୀମାନେ ଅଧିକ ପ୍ରତିହିଂସାପରାୟଣ ହୋଇପଡ଼ିଥିବା କୁହାଯାଉଛି। ଦେଶର ସହିଦ ଯବାନଙ୍କ ମୁହଁରେ ଏଭଳି ଗୁଳି ବାଜିଛି ଯେ ସେମାନଙ୍କ ମୁହଁ ବିକୃତ ହୋଇଯିବା ଯୋଗୁ ସେମାନଙ୍କୁ ଚିହ୍ନଟ କରିବା ମଧ୍ୟ କଷ୍ଟକର। ହେଲେ ଏହାକୁ ନେଇ ପୋଲିସ ମହଲରେ ତୀବ୍ର ଉତ୍ତେଜନା



ପ୍ରକାଶ ପାଇଛି। ଆତଙ୍କବାଦୀଙ୍କ ଏଭଳି ବର୍ବରତାକୁ ଦେଶର ବିଭିନ୍ନ ମହଲରେ ନିନ୍ଦା କରାଯାଇଛି। ଆତଙ୍କବାଦୀଙ୍କୁ ଧରିବା ଲାଗି ନିରାପତ୍ତା ବାହିନୀ ଏକ ବଡ଼ ଧରଣର ଅଭିଯାନ ଆରମ୍ଭ କରିଛି। ଘଟଣାରୁ ପ୍ରକାଶ ଯେ ଜୁନ୍ ୧୬ ତାରିଖ ସନ୍ଧ୍ୟାରେ ଅନନ୍ତନାଗ ଜିଲ୍ଲାର ଅଚାବଲ୍‌ଠାରେ ପୋଲିସ ବାହିନୀ ଏକ ସର୍ଚ୍ଚ ଅପରେସନ୍‌ରେ ବାହାରିଥିବା ବେଳେ ଆତଙ୍କବାଦୀମାନେ ସେମାନଙ୍କୁ ଘେରିଯାଇ ସ୍ୱୟଂଚାଳିତ ବନ୍ଧୁକରୁ ଆଖିବୁଜା ଗୁଳିବର୍ଷା କରିଥିଲେ। ଏଥିରେ ଜଣେ ସବ୍‌ଇନିସ୍ପେକ୍ଟରଙ୍କ ସମେତ ୬ ଜଣ ➤ ପୃ-୭

## ବ୍ୟାଙ୍କ ଆକାଉଣ୍ଟ ପାଇଁ ଆଧାର ବାଧ୍ୟ

AADHAAR

**ନୂଆଦିଲ୍ଲୀ :** ଦେଶର ବ୍ୟାଙ୍କ ଗୁଡ଼ିକରେ ଫେକ୍ (ନକଲି) ଆକାଉଣ୍ଟ ରୋକିବା ନେଇ ସରକାର ଦିନକୁ ଦିନ ନୂଆ ନୂଆ ନିୟମ ଲାଗୁ କରୁଛନ୍ତି। ସେହି ଅନୁସାରେ ଏଣିକି ବ୍ୟାଙ୍କରେ ଖାତା ଖୋଲିବା ପାଇଁ ହେଲେ ଆଧାର କାର୍ଡ ବାଧ୍ୟତାମୂଳକ ହେବ ବୋଲି କେନ୍ଦ୍ର ସରକାର ଘୋଷଣା କରିଛନ୍ତି। କେବଳ ସେତିକି ନୁହେଁ, ୫୦ ହଜାର ଟଙ୍କା ଏବଂ ତା'ଠାରୁ ଅଧିକ ଟଙ୍କାର ଦେଣନେଣ ପାଇଁ ମଧ୍ୟ ଆଧାର ବାଧ୍ୟତାମୂଳକ କରାଯାଇଛି। ଏଥିସହିତ ବର୍ତ୍ତମାନର ବ୍ୟାଙ୍କ ଖାତାଧାରୀମାନଙ୍କୁ ଆସନ୍ତା ଡିସେମ୍ବର ୩୧ ତାରିଖ ସୁଦ୍ଧା ସେମାନଙ୍କ ଆଧାର ନମ୍ବର ଦେବା ପାଇଁ କୁହାଯାଇଛି। ଗ୍ରାହକ ଏଥିରେ ବିଫଳ ହେଲେ ସେମାନଙ୍କ ଆକାଉଣ୍ଟ ବ୍ୟାଙ୍କ ଅଚଳ କରିଦେବ ବୋଲି ମଧ୍ୟ ଦର୍ଶାଯାଇଛି। ଆୟକର ରିଟର୍ଣ୍ଣ ଦାଖଲ ଏବଂ ପ୍ୟାନ୍‌କାର୍ଡ ଆବେଦନ ପାଇଁ ଆଧାରକାର୍ଡ ଜରୁରୀ ବୋଲି ସୁପ୍ରିମକୋର୍ଟ ଗତ କିଛିଦିନ ପୂର୍ବେ ରାୟ ଦେବା ପରେ ସରକାର ବ୍ୟାଙ୍କ ଖାତା ଖୋଲିବା ଏବଂ ଆର୍ଥିକ ନେଣଦେଣ କ୍ଷେତ୍ରରେ ଆଧାର ନମ୍ବର ବ୍ୟବହାରକୁ ଅନିବାର୍ଯ୍ୟ ଘୋଷଣା କରିଛନ୍ତି। ବ୍ୟାଙ୍କରେ ଖାତା ଖୋଲିବା ଏବଂ ଆର୍ଥିକ ନେଣଦେଣରେ ଆଧାର ନମ୍ବର ➤ ପୃ-୭

# 'ପିସି' ଗୁମର ପରେ କଡ଼ା ଲଗାମ୍

**ଭୁବନେଶ୍ୱର :** ବିଜେଡି ସରକାର ହେଉଛି ଲୋକଙ୍କ ସରକାର। ସରକାରଙ୍କ ସେବା ପ୍ରଦାନ ବ୍ୟବସ୍ଥା ଉପରେ ଲୋକଙ୍କ ସମ୍ପୂର୍ଣ୍ଣ ଭରସା ରହିଛି। ଏହି ଭରସାକୁ ବଳବତ୍ତର ରଖିବା ପାଇଁ ସମସ୍ତେ ମିଳିମିଶି କାମ କର। ଜିଲ୍ଲାପାଳମାନଙ୍କୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏଭଳି ବାର୍ତ୍ତା ଦେଇଛନ୍ତି। କେବଳ ସେତିକି ନୁହେଁ, 'ପିସି' ବ୍ୟବସ୍ଥାକୁ ତୃଣମୂଳସ୍ତରରେ ବନ୍ଦ କରିବା ପାଇଁ ନବୀନ ରୋକ୍‌ଠୋକ୍ ଶୁଣାଇଛନ୍ତି। ସରକାରୀ ସେବା ପ୍ରଦାନ ଉନ୍ନତି ଆଣିବା ଛଳରେ ସେ 'ପିସି' କଥା ଉଠାଇ ସିଧାସଳଖ ବାବୁମାନଙ୍କୁ ଆକ୍ଷେପ କରିଛନ୍ତି। ତେବେ ପ୍ରଶ୍ନ ଉଠୁଛି ଯେ ଦୀର୍ଘ ୧୭ ବର୍ଷ ଧରି ଯାହା ଜାଣି ନ ଥିଲେ, ଆଜି ଜାଣିଲେ କେମିତି ? ଅର୍ଥାତ୍ ଗତ ୧୭ ବର୍ଷ ଭିତରେ ନବୀନ ବାବୁ କେବେ ବି 'ପିସି' କଥା ଉଠାଇ ନ ଥିଲେ। ତା' ମାନେ 'ପିସି' ବ୍ୟବସ୍ଥା ବାବଦକୁ ରାଜ୍ୟ ମୁଖିଆ ଅନ୍ଧାରରେ ଥିଲେ ନିଶ୍ଚିତ। ମାତ୍ର



ଏବେ ଜାଣିଲେ କେମିତି ? ହଠାତ୍ କାହିଁକି 'ପିସି' ମନ୍ତ୍ର ଜପିଲେ ନବୀନ। କିଏ ତାଙ୍କ କାନରେ ଏସବୁ ପୂରେଇଲା ?

ଜଣାଶୁଣା ମହଲରୁ କଥା ଉଠୁଛି ଯେ ଗତ କିଛିବର୍ଷ ଧରି ମନ୍ତ୍ରୀପଦରେ ଥାଇ 'ପିସି' ବ୍ୟବସ୍ଥାରୁ ବେଶ୍ ହାତଚିକ୍କଣ କରିଥିବା କତିପୟ ନେତାଙ୍କ ଏସବୁ କାରନାମା। ଏବେ ମନ୍ତ୍ରୀପଦ ଚାଲିଯାଇଥିବାରୁ ଆଉ ହାତକୁ 'ପିସି' ଆସୁନାହିଁ। ବରଂ ସେହି ଅଂଶଟି ଯାଉଛି ତାଙ୍କର କଟ୍ଟର ବିରୋଧୀ ଭାବେ ଜଣାଶୁଣା ନେତା; ଯେଉଁମାନେ ଏବେ ଗାଦିରେ ଅଛନ୍ତି। ଓଡ଼ିଆରେ ଏକ ରୁଢ଼ି ରହିଛି- ସ୍ୱାମୀ ପଛେ ମରୁ, ସଉତୁଣୀ ବିଧବା ହେଉ। ସେହି ନ୍ୟାୟରେ ପୁରୁଣା ନେତାମାନେ ଏବେକା ନେତାଙ୍କ ହାତ ବନ୍ଦ ପାଇଁ ମୁଖିଆଙ୍କ କାନରେ ଅସଲ ଗୁମର ଖୋଲିଦେଇଥିବା ଚର୍ଚ୍ଚା ହେଉଛି।

ଘଟଣାରୁ ଜଣାପଡ଼ିଛି ଯେ ତୃଣମୂଳ ସ୍ତରରେ ପ୍ରାୟ ସମସ୍ତ ବିଭାଗରେ ଚାଲିଛି ଏହି 'ପିସି' ବ୍ୟବସ୍ଥା। ଅର୍ଥାତ୍ ଯେକୌଣସି ସରକାରୀ କାମରେ କାର୍ଯ୍ୟାଦେଶ ପାଇଥିବା କଣ୍ଟ୍ରାକ୍ଟର ବା ଠିକାଦାର ଏକ ବଡ଼ଭାଗ 'ପିସି' ବାବଦକୁ ଦେଇଥାନ୍ତି ସରକାରୀ ବାବୁ ଓ ନେତା, ମନ୍ତ୍ରୀମାନଙ୍କୁ। ➤ ପୃ-୭

## କେମିତି କଟିବ ଏ ସପ୍ତାହ

ସୁସ୍ଥ ନିରାମୟ ଜୀବନଯାପନ ସହିତ ଭୂସମ୍ପତ୍ତି ଅର୍ଜନର ଯୋଗ ରହିଛି। ବ୍ୟବସାୟ ସଫଳ ହେବ ଏବଂ ସରକାରୀ ସ୍ତରରୁ ସହଯୋଗ ମିଳିବାର ଆଶା କରାଯାଉଛି। ଶରୀର ସାମାନ୍ୟ ଅସୁସ୍ଥ ରହିପାରେ। ଶୁଭ କାର୍ଯ୍ୟ ପାଇଁ ବେଳ ଭଲ।

ଏ ସପ୍ତାହଟି ଆପଣଙ୍କ ପାଇଁ ଭଲ ରହିଛି। ଚାକିରି କ୍ଷେତ୍ରରେ ପଦୋନ୍ନତି ହୋଇପାରେ। ଦେହ ସୁସ୍ଥ ରହିବ। ଶାନ୍ତ, ନିପୁଣ ଓ ଧୈର୍ଯ୍ୟବାନ୍ ହୋଇପାରନ୍ତି। ମେଧାବୀ ଓ ଜିତେନ୍ଦ୍ରୀୟ ହୋଇପାରନ୍ତି। ଦୂର ସ୍ଥାନକୁ ଯାତ୍ରା କରିପାରନ୍ତି।

ଏ ସପ୍ତାହର ପ୍ରଥମ ତିନିଦିନ ଆପଣଙ୍କ ପାଇଁ ଶୁଭମୟ ହେବ। ଉଚ୍ଚ ପଦ ପଦବୀରେ ଅଧିଷ୍ଠିତ ହେବାର ଆଶଙ୍କା ରହିଛି। ଈଶ୍ୱର ବିଶ୍ୱାସୀ ଓ ଧର୍ମବଳରେ ବଳୀୟାନ ହୋଇପାରନ୍ତି।

ଏ ସପ୍ତାହଟି ଆପଣଙ୍କ ପାଇଁ ବହୁତ ଭଲ ହେବ। ବହୁତ ଦିନରୁ ଦେଖାଦେଇଥିବା ସମସ୍ୟାର ସମାଧାନ ହୋଇପାରେ। ଶତ୍ରୁ ନାଶକ ହୋଇପାରନ୍ତି। ବହୁ ଧନ ପ୍ରାପ୍ତି ହୋଇପାରେ।

ଏ ସପ୍ତାହରେ ବିଶେଷ କରି ଆପଣଙ୍କୁ ମିଶ୍ରିତ ଫଳ ମିଳିପାରେ। ମନ ଚଞ୍ଚଳ ରହିବ। ଖାଦ୍ୟ ପେୟରେ ଅଶାନ୍ତି ଅନୁଭବ କରିପାରନ୍ତି। ଅପ୍ରିୟ ସତ୍ୟ କରି ଅଡୁଆରେ ପଡିପାରନ୍ତି।

ଏ ସପ୍ତାହରଟି ଆପଣଙ୍କ ପାଇଁ ସୁଖ ଆଣିଦେବ। ପରର ଉପକାର କରି କ୍ଷତି ସହିପାରନ୍ତି। ଧନ ସମ୍ପଦ ମିଳିପାରେ। କର୍ମକ୍ଷେତ୍ରରେ ପ୍ରଭାବ ବିସ୍ତାର କରିବେ। ନୂତନ ଗୃହ କିଣିପାରନ୍ତି।

ଏ ସପ୍ତାହଟି ଆପଣଙ୍କ ପାଇଁ ଅଶୁଭମୟ ହେବ। କର୍ମକ୍ଷେତ୍ରରେ ଅଶାନ୍ତି ଦେଖାଦେବ। ବହୁ ବାଦ ବିବାଦ ଲାଗି ରହିବ। ଗୃହରେ ଅଶାନ୍ତିର ବାତାବରଣ ଖେଳାଯିବ। ସତର୍କ ରହି ଚଳିବାକୁ ହେବ।

ଏ ସପ୍ତାହଟି ବହୁ ଘାତ ପ୍ରତିଘାତ ଦେଇ ଗତି କରିପାରନ୍ତି। ଚିନ୍ତାଗ୍ରସ୍ତ ହୋଇପାରନ୍ତି। ଦୂରଯାତ୍ରା ଯୋଗ ରହିଛି। ଅଯଥାରେ କଳହ ସୃଷ୍ଟି ହୋଇପାରେ। ବିଶେଷକରି ପାରିବାରିକ ଅଶାନ୍ତି ଲାଗି ରହିବ।

ଏ ସପ୍ତାହଟି ଆପଣଙ୍କ ପାଇଁ ବହୁତ ଭଲ ରହିବ। ସମସ୍ତ କାର୍ଯ୍ୟରେ ସଫଳ ହେବେ। ନୂତନ ଗୃହ କ୍ରୟର ଯୋଗ ରହିଛି। ବିଦେଶ ପରିଭ୍ରମଣର ସୁଯୋଗ ରହିଛି। ଗୃହରେ ଶାନ୍ତି ବଜାୟ ରହିବ।

ସପ୍ତାହର ପ୍ରତିଟି ଦିନ ବହୁତ ଭଲରେ କଟିବ। ବିଭିନ୍ନ ଦିଗରୁ ସ୍ୱଳ୍ପ ଧନାଗମର ସୂଚନା ମିଳୁଛି। ଆପଣଙ୍କ ବ୍ୟବସାୟରେ ଉନ୍ନୀତ ହେବ। ଗୃହିଣୀମାନେ ଗୃହ କାର୍ଯ୍ୟରେ ବ୍ୟସ୍ତ ରହିବେ।

ଏ ସପ୍ତାହଟି ଆପଣଙ୍କ ପାଇଁ ଶୁଭଫଳ ଆଣିଦେବ। ରଚିକଳ ଭୋଜନ ମିଳିପାରେ। ପାଣ୍ଡିତ୍ୟର ପରିପ୍ରକାଶ ଘଟାଇ ପାରନ୍ତି। କର୍ମକ୍ଷେତ୍ର ଉଜ୍ଜ୍ୱଳମୟ ହେବ। ବିଦେଶ ଗସ୍ତ ରହିବ। କର୍ମକ୍ଷେତ୍ରରେ ସଫଳତା ହାସଲ କରିବେ।

ଏ ସପ୍ତାହଟି ଆପଣଙ୍କ ପାଇଁ ଖୁସି ଆଣିବେ। ପ୍ରତ୍ୟେକ କାର୍ଯ୍ୟରେ ଆଗକୁ ବଢ଼ି ଚାଲିବେ। ରୋଜଗାରର ମାର୍ଗ ଉନ୍ମୁକ୍ତ ହୋଇପାରେ। ବିଦେଶ ଯାତ୍ରା କରିପାରନ୍ତି। ଗୃହରେ ଶାନ୍ତି ବଜାୟ ରହିବ।



ଚନ୍ଦ୍ରଶେଖର ମିଶ୍ର
ଜ୍ୟୋତିର୍ବିଦ୍ ଓ ବାସ୍ତୁବିଶାରଦ
କାକଟପୁର, ପୁରୀ
ମୋ-୯୭୭୭୦୬୩୪୧୧

### ମୋଦି-ଟ୍ରମ୍ପ ସାକ୍ଷାତ ୨୬ରେ

# ନୂଆ ମୋଡ଼ ନେଇପାରେ ସମ୍ପର୍କ

**ନୂଆଦିଲ୍ଲୀ :** ଆମେରିକାର ନୂଆ ପ୍ରଶାସନ କ୍ଷମତାକୁ ଆସିବା ପରେ ପ୍ରଥମ ଥର ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଜୁନ୍ ୨୫ ଓ ୨୬ ଦୁଇଦିନ ପାଇଁ ଆମେରିକା ଗସ୍ତରେ ଯିବେ। ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ନିମନ୍ତ୍ରଣ କ୍ରମେ ମୋଦିଙ୍କର ଏହି ଗସ୍ତ ସ୍ଥିର ହୋଇଛି ବୋଲି ବୈଦେଶିକ ମନ୍ତ୍ରଣାଳୟ ଏକ ପ୍ରେସ ଇସ୍ତାହାରରେ ଘୋଷଣା କରିଛି। ଏହି ଦୁଇଦିନିଆ ଗସ୍ତର ଦ୍ୱିତୀୟ ଦିନ ଜୁନ୍ ୨୬ରେ ମୋଦି ଓ ଟ୍ରମ୍ପଙ୍କ ମଧ୍ୟରେ ଦ୍ୱିପାକ୍ଷିକ କଥାବାର୍ତ୍ତା ହେବ। ଜାନୁଆରୀ ୨୦ରେ କ୍ଷମତାକୁ ଆସିଥିବା ଟ୍ରମ୍ପଙ୍କ ସହିତ ମୋଦିଙ୍କର ଏହା ପ୍ରଥମ ସାକ୍ଷାତ ଆଲୋଚନା ହେବ। ଏହି ସାକ୍ଷାତ ଦୁଇଦେଶର ସମ୍ପର୍କକୁ ନିବିଡ କରିବା ସହିତ ଅନେକ ଆନ୍ତର୍ଜାତିକ ପ୍ରସଙ୍ଗରେ ଆଲୋଚନା ହେବ। ପ୍ରଧାନମନ୍ତ୍ରୀଙ୍କ ପଞ୍ଚମ ଆମେରିକା ଗସ୍ତ ସମ୍ପର୍କରେ ବହିର୍ବ୍ୟାପାର ମନ୍ତ୍ରଣାଳୟ ପକ୍ଷରୁସୂଚନା ମିଳିଛି। ଦ୍ୱିପାକ୍ଷିକ ସମ୍ପର୍କ ଅଧିକ ମଜଭୁତ କରିବା ଲାଗି ନୂଆ ଦିଗ ସୃଷ୍ଟି ହେବ ବୋଲି ଆଶା କରାଯାଉଛି। କାରଣ ବର୍ତ୍ତମାନ ସୁଦ୍ଧା ଭାରତ ଏବଂ ଆମେରିକା ମଧ୍ୟରେ ବିଭିନ୍ନ କ୍ଷେତ୍ରରେ ସହଯୋଗିତା ଲାଗିରହିଛି। ମୋଦି ଏବଂ ଟ୍ରମ୍ପଙ୍କ ପାଇଁ ଏହା ହେବ ପ୍ରଥମ ବୈଠକ। ପ୍ରଧାନମନ୍ତ୍ରୀ ଆମରିକୀୟ ନେତାଙ୍କ ନିକଟରେ ଅନେକ ପ୍ରସଙ୍ଗ ଉଠାଇବେ ବୋଲି ଭାରତ ସରକାର ସ୍ପଷ୍ଟ କରିସାରିଛି। ଏଚ୍-୧ବି ଭିଜା ନୀତି କଠୋର ହେବା ଯୋଗୁ ଭାରତର ଚିନ୍ତା ବଢ଼ିଯାଇଛି। ଦେଶରେ ଆଇଟି ସେକ୍ଟରକୁ ଶକ୍ତ ଝଟକା ଲାଗିଛି। ପିଉ ରିସର୍ଚ୍ଚ ସେଣ୍ଟରର ସୂଚନା ମୁତାବକ ୨୦୦୧ରୁ ୨୦୧୫ ଆର୍ଥିକ ବର୍ଷ ମଧ୍ୟରେ ଅଧିକ ସଂଖ୍ୟକ ଭାରତୀୟ କର୍ମଚାରୀଙ୍କୁ ଏଚ୍-୧ବି ଭିଜା ପ୍ରଦାନ କରିଥିଲା ଆମେରିକା। ମୋଟାମୋଟି ଭାବେ ମଞ୍ଜୁ ହୋଇଥିବା ଏଚ୍-୧ବି ଭିଜାର ୫୦ ପ୍ରତିଶତ ଭାରତୀୟଙ୍କୁ ମିଳିଥିଲା। ଏହି ୧୫ ବର୍ଷ ମଧ୍ୟରେ ପ୍ରଥମ କରି ନିଯୁକ୍ତି ପାଇଥିବା ୧.୮ ନିୟୁତ ଭାରତୀୟଙ୍କୁ ଆମେରିକା ଏଚ୍-୧ବି ଭିଜା ପ୍ରଦାନ କରିଥିଲା। କିନ୍ତୁ 'ଆମେରିକା ଫାଷ୍ଟ' ସ୍ଲୋଗାନ ଦେଉଥିବା ଟ୍ରମ୍ପ ନିଜ ଦେଶରେ ବେକାରି ସମସ୍ୟା ଦୂର କରିବା ପାଇଁ ଭିଜା ନୀତି କଠୋର କରିଛନ୍ତି। ଏହି ସମସ୍ୟାରସମାଧାନ ଲାଗି ଆମେରିକା ପ୍ରଶାସନ ସହ ପ୍ରଧାନମନ୍ତ୍ରୀ ଆଲୋଚନା କରିବେ ବୋଲି ବହିର୍ବ୍ୟାପାର ମନ୍ତ୍ରଣାଳୟ ପକ୍ଷରୁ ସୂଚନା ଦିଆଯାଇଛି। ସେହିପରି ପାକିସ୍ତାନ ପ୍ରାୟୋଜିତ ଆତଙ୍କବାଦ ଏବଂ ଅନ୍ୟାନ୍ୟ ଆଭ୍ୟନ୍ତରୀଣ ମାମଲା ଉପରେ ଉଭୟ ନେତା ଆଲୋଚନା କରିବେ। ବାଣିଜ୍ୟ ଓ ବ୍ୟବସାୟ କ୍ଷେତ୍ରରେ ସହଯୋଗିତା ବାଦ୍ ପ୍ରତିରକ୍ଷା ସମ୍ପର୍କକୁ ମଧ୍ୟ ଗୁରୁତ୍ୱ ଦିଆଯିବ। ଆମେରିକା ପ୍ରତିରକ୍ଷା ସଚିବ ଜେମ୍ସ ମାଟିସ୍ ସ୍ପଷ୍ଟ କରିସାରିଛନ୍ତି ଯେ, ପ୍ରତିରକ୍ଷା କ୍ଷେତ୍ରରେ ତାଙ୍କ ଦେଶ ଭାରତକୁ ଏକ ପ୍ରମୁଖ ସହଯୋଗୀ ରାଷ୍ଟ୍ର ରୂପେ ବିବଚେନା କରୁଛି। ଭାରତ ମହାସାଗରରେ ସ୍ଥିରତା ବଜାୟ ରଖିବା ପାଇଁ ନୂଆଦିଲ୍ଲୀ ପ୍ରମୁଖ ଭୂମିକା ଗ୍ରହଣ କରୁଥିବାରୁ ଏହାକୁ ୱାଶିଂଟନ ପ୍ରଶଂସା କରୁଛି।



ଦକ୍ଷିଣ-ପୂର୍ବ ଏସିଆରେ ଆତଙ୍କବାଦ ପ୍ରସାର ହେଉଥିବାରୁ ସାମୁଦ୍ରିକ ସୁରକ୍ଷା ନେଇ ବିପଦ ବଢ଼ିବାରେ ଲାଗିଛି। ଏଭଳି ନୂଆ ଚ୍ୟାଲେଞ୍ଜର ମୁକାବିଲା ପାଇଁ ଆମେରିକା ନୂଆ ପନ୍ଥା ବାହାର କରିଛି ବୋଲି ମାଟିସ୍ କହିଥିଲେ। ତେଣୁ ମୋଦିଙ୍କ ଗସ୍ତ କାଳରେ ଆତଙ୍କବାଦ ପ୍ରସଙ୍ଗରେ ଆଲୋଚନା ହେବ ବୋଲି ଆଶା କରାଯାଉଛି। ପ୍ୟାରିସ ଜଳବାୟୁ ଚୁକ୍ତିରୁ ଆମେରିକା ଓହରିଯିବା ନେଇ ନିକଟରେ ଟ୍ରମ୍ପ ଘୋଷଣା କରିଥିଲେ। ବିକଶିତ ରାଷ୍ଟ୍ରଗୁଡିକଠାରୁ ବିପୁଳ ଅର୍ଥ ଲାଭ ପାଇଁ ଭାରତ ଏହି ଚୁକ୍ତିକୁ ଗୁରୁତ୍ୱ ଦେଉଛି ବୋଲି ସେ କହିଥିଲେ। ଏନେଇ ନୂଆଦିଲ୍ଲୀ ଏବଂ ଟ୍ରମ୍ପ ପ୍ରଶାସନ ମୁହାଁମୁହିଁ ସ୍ଥିତିକୁ ଚାଲିଆସିଥିଲେ। ଅର୍ଥ ଲୋଭରେ ନୁହେଁ ବରଂ ପରିବେଶ ସୁରକ୍ଷା ପାଇଁ ନୂଆଦିଲ୍ଲୀ ପ୍ୟାରିସ ଜଳବାୟୁ ଚୁକ୍ତିକୁ ଗୁରୁତ୍ୱ ଦେଉଛି ବୋଲି ଭାରତ ପକ୍ଷରୁ ଦୃଢ଼ ମତବ୍ୟକ୍ତ କରାଯାଇଥିଲା। ମୋଦିଙ୍କ ଆମେରିକା ଗସ୍ତକୁ ନେଇ ଚର୍ଚ୍ଚା ଜୋର ଧରିଛି।

ସୂଚନାଥାଉ କି, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କ୍ଷମତାକୁ ଆସିବାର ତିନିବର୍ଷ ପୂରଣ ହୋଇଛି। ଏହି ତିନିବର୍ଷ ମଧ୍ୟରେ ମୋଦି ୬୨ଥର ବିଦେଶ ଗସ୍ତ ମୋଦିଙ୍କ ବିଦେଶ ଗସ୍ତ ବର୍ଷକୁ ହାରାହାରି ୨୧ଥର କଲେଣି। ଯାହା ବର୍ଷକୁ ହାରାହାରି ପ୍ରାୟ ୨୧ଥର। ନିକଟରେ ମୋଦି ୫ଟି ରାଷ୍ଟ୍ର ଗସ୍ତ ଶେଷ କରି ଫେରିଥିବାବେଳେ ଜୁନ୍ ୨୫ରେ ଆମେରିକା ଯିବାର କାର୍ଯ୍ୟକ୍ରମ ସ୍ଥିର ହୋଇଛି। ମୋଦି ଇତି ମଧ୍ୟରେ ଆମେରିକାକୁ ୪ଥର ଗସ୍ତ କରିଥିବାବେଳେ ଫ୍ରାନ୍ସ, ରୁଷକୁ ତିନିଥର ଲେଖାଏଁ ଗଲେଣି। ସେହିପରି ଜାପାନ, ନେପାଳ, ସିଙ୍ଗାପୁର, ଚୀନ, ଉଜବେକିସ୍ତାନ, ଆଫଗାନିସ୍ତାନ, ଶ୍ରୀଲଙ୍କା, କାଜାକସ୍ଥାନ ଓ ଜର୍ମାନୀକୁ ୨ଥର ଲେଖାଏଁ ଗସ୍ତ କଲେଣି। ମୋଦିଙ୍କ ଏହି ଗସ୍ତକୁ ତାଙ୍କ ଅନୁଗତମାନେ ସମର୍ଥନ କରୁଥିବାବେଳେ ବିରୋଧୀମାନେ ସମାଲୋଚନା କରିଛନ୍ତି। ମୋଦିଙ୍କ ବିଦେଶ ଗସ୍ତ ଦ୍ୱାରା ଆନ୍ତର୍ଜାତିକସ୍ତରରେ ଭାରତର ସମ୍ପର୍କରେ ଉନ୍ନତି ଆସିଛି ବୋଲି ଅନୁଗତମାନେ କହୁଛନ୍ତି। ଅନ୍ୟପଟେ ସମାଲୋଚକମାନେ କହୁଛନ୍ତି ଯେ ବିଦେଶ ଗସ୍ତ କରି ମୋଦି ଦେଶର କରଦାତାଙ୍କ ଅର୍ଥକୁ ନଷ୍ଟ କରୁଛନ୍ତି। ୨୦୧୪ ମେ ୨୬ ମୋଦି ପ୍ରଧାନମନ୍ତ୍ରୀ ଭାବେ ଶପଥ ଗ୍ରହଣ କରିବା ପରେ ଜୁନ୍ ୧୫-୧୬ରେ ପ୍ରଥମ ବିଦେଶଗସ୍ତ ଭାବେ ଭୁଟାନ ଯାଇଥିଲେ। ସେହିବର୍ଷ ସେ ବ୍ରାଜିଲ, ନେପାଳ, ଜାପାନ, ଆମେରିକା, ମିଆଁମାର, ଅଷ୍ଟ୍ରେଲିଆ ଓ ଫିଜି ଭଳି ଦେଶକୁ ଗସ୍ତ କରିଥିଲେ। ଆଣ୍ଟାର୍କଟିକା ମହାଦେଶ ବ୍ୟତୀତ ଅନ୍ୟ ସମସ୍ତ ମହାଦେଶକୁ ମୋଦି ତାଙ୍କର ଗସ୍ତ ଶେଷ କରିସାରିଲେଣି।

# ଇ-ୱେ ବିଲ୍ ସ୍ଥଗିତ ରଖିବା ସପକ୍ଷରେ କେନ୍ଦ୍ର

**ନୂଆଦିଲ୍ଲୀ :** ଅଧିକାଂଶ ରାଜ୍ୟର ସହମତି ପରେ ଜୁଲାଇ ପହିଲାରୁ ସାରା ଦେଶରେ ଦ୍ରବ୍ୟ ଓ ସେବା କର(ଜିଏସଟି) ଲାଗୁ କରିବା ପାଇଁ କେନ୍ଦ୍ର ସରକାରଙ୍କ ପକ୍ଷରୁ ଜୋରଦାର ପ୍ରସ୍ତୁତି ଆରମ୍ଭ ହୋଇଯାଇଛି। ତେବେ ଏହି ସମୟ ମଧ୍ୟରେ ଇ-ୱେ ବିଲ୍‌କୁ ଆଗାମୀ କିଛି ମାସ ପାଇଁ ସ୍ଥଗିତ କରିବା ପାଇଁ କେନ୍ଦ୍ର ସରକାର ପ୍ରସ୍ତାବ ଦେଇଛନ୍ତି। ସୂଚନା ଯୋଗ୍ୟ ଯେ ଇ-ୱେ ବିଲ୍ ନିୟମାନୁସାରେ ୫୦,୦୦୦ରୁ ଅଧିକ ମୂଲ୍ୟର ସାମଗ୍ରୀ ନେବା ଆଣିବା ପାଇଁ ଏହାକୁ ପ୍ରଥମେ ଅନ୍‌ଲାଇନରେ ପଞ୍ଜୀକରଣ କରିବାକୁ ପଡିବ। ଏହା ପରେ ଦୂରତା ଅନୁସାରେ ୧ରୁ ୧୫ ଦିନର ବୈଧତା ଥିବା ଇ-ୱେ ବିଲ୍ ପ୍ରଦାନ କରାଯିବ। ରାଜ୍ୟ ଏହାକୁ ସ୍ଥଗିତ ରଖିବା ସପକ୍ଷରେ ନ ଥିବାବେଳେ ବୈଷୟିକ ତ୍ରୁଟି ଦୃଷ୍ଟିରୁ ଏହାକୁ କିଛି ଦିନ ସ୍ଥଗିତ ରଖାଯିବାକୁ କେନ୍ଦ୍ର ସରକାର ପ୍ରସ୍ତାବ ଦେଇଛନ୍ତି। ଜିଏସଟି କାର୍ଯ୍ୟକାରୀ ହେବାର ପ୍ରଥମ ତିନି ମାସ ଜିଏସଟି ପରିଷଦ ଏହାକୁ କାର୍ଯ୍ୟକାରୀ କରିବା ଦିଗରେ ବ୍ୟସ୍ତ ରହିବ। ତେଣୁ ଜିଏସଟି ପରିଷଦ ଇ-ୱେ ବିଲ୍ ନେଇ ସମୟ ପାଇବ ନାହିଁ। ଜିଏସଟି ପରିଷଦ ସହିତ ମିଶି ଏନଆଇସି (ନ୍ୟାସନାଲ ଇନଫରମେଟିକ୍ସ ସେଣ୍ଟର) ଇ-ୱେ ବିଲ୍ କାର୍ଯ୍ୟପ୍ରଣାଳୀକୁ ଚୂଡ଼ାନ୍ତ ରୂପ ଦେବାର କାର୍ଯ୍ୟକ୍ରମ ରହିଛି। ତେଣୁ ଏଥିପାଇଁ ଅନ୍ତତଃ ୬ମାସର ସମୟ ଦିଆଯିବା ଆବଶ୍ୟକ ବୋଲି ୩ ଜୁନ୍‌ର ଜିଏସଟି ପରିଷଦ ବୈଠକରେ କୁହାଯାଇଥିଲା। ଏହାସହ ଉଦ୍ୟୋଗ ଜଗତରୁ ମିଳିଥିବା ବିଭିନ୍ନ ପ୍ରସ୍ତାବ ଉପରେ ମଧ୍ୟ ବିଚାର କରାଯିବ। ଉଦ୍ୟୋଗ ଜଗତର କହିବା କଥା ହେଲା ୫୦ହଜାର ଟଙ୍କାର ସୀମା ବହୁତ କମ୍ ଅଟେ। ସେହିପରି ଦୂରତା ଅନୁସାରେ ପରିବହନର ସମୟ ସୀମା ନିର୍ଦ୍ଧାରଣ କରିବା ବାସ୍ତବ କ୍ଷେତ୍ରରେ ସମ୍ଭବପର ନୁହେଁ ବୋଲି ପ୍ରକାଶ କରାଯାଇଛି। ଏଭଳି ସମସ୍ୟା ଏବଂ ପ୍ରସ୍ତାବ ପରିପ୍ରେକ୍ଷୀରେ ଇ-ୱେ ବିଲ୍‌କୁ କିଛି ମାସ ସ୍ଥଗିତ ରଖିବା ପାଇଁ କେନ୍ଦ୍ର ସରକାର ପ୍ରସ୍ତାବ ଦେଇଛନ୍ତି।

### ନିର୍ବାଚନ ଆୟୋଗଙ୍କ ଦାବି

# ଆମକୁ ଦଣ୍ଡବିଧାନର କ୍ଷମତା ମିଳୁ

**ନୂଆଦିଲ୍ଲୀ :** ସର୍ବୋଚ୍ଚ ନ୍ୟାୟାଳୟ ଭଳି ନିଜର ସ୍ୱାଧିକାର ରକ୍ଷା ପାଇଁ ଆଇନଗତ ବ୍ୟବସ୍ଥା କରିବାକୁ ଭାରତର ନିର୍ବାଚନ ଆୟୋଗ ଦାବି କରିଛନ୍ତି। ନିକଟରେ ଇଲେକ୍‌ଟ୍ରୋନିକ ଭୋଟିଂ ମେସିନ୍(ଇଭିଏମ୍) ଜାଲିଆତି ଓ ନିର୍ବାଚନ ପକ୍ଷପାତିତା ପ୍ରସଙ୍ଗ ନେଇ ଆୟୋଗଙ୍କ ଉପରେ ବିଭିନ୍ନ ରାଜନୈତିକ ଦଳଙ୍କ ପକ୍ଷରୁ ହୋଇଥିବା ଆକ୍ରମଣ ପରିପ୍ରେକ୍ଷୀରେ ମୁଖ୍ୟ ନିର୍ବାଚନ ଆୟୁକ୍ତ ସରକାରଙ୍କୁ ଏଭଳି ପ୍ରସ୍ତାବ ଦେଇଛନ୍ତି। ଏହି ପ୍ରସ୍ତାବରେ ଆୟୋଗଙ୍କ ପ୍ରତି ଅବମାନନା ଏବଂ ଆୟୋଗଙ୍କ କାର୍ଯ୍ୟକାରିତା ପ୍ରତି ପ୍ରଶ୍ନ ଉଠାଉଥିବା ବ୍ୟକ୍ତି ତଥା ଅନୁଷ୍ଠାନ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାର କ୍ଷମତା ପ୍ରଦାନ ପାଇଁ ଦାବି କରାଯାଇଛି। ଇଭିଏମ୍ ବିବାଦ ଉଠିବା ସମୟରୁ ହିଁ ଗତ ପ୍ରାୟ ଦେଢ଼ ମାସ ପୂର୍ବେ ଆୟୋଗ ଏଭଳି ଏକ ଚିଠି ଆଇନ ମନ୍ତ୍ରଣାଳୟକୁ ପଠାଇ ମତାମତ ଆହ୍ୱାନ କରିଛନ୍ତି। ନିର୍ବାଚନ ଆୟୋଗ ଏକ ସାମ୍ବିଧାନିକ ଅନୁଷ୍ଠାନ। ଦେଶର ସମସ୍ତ ମହତ୍ତ୍ୱପୂର୍ଣ୍ଣ ନିର୍ବାଚନ ପରିଚାଳନା ପାଇଁ ଏହା ଅଧିକାରପ୍ରାପ୍ତ। ଜାନୁଆରୀ ଓ ଫେବୃଆରୀ




ମାସରେ ଅନୁଷ୍ଠିତ ବିଧାନସଭା ନିର୍ବାଚନ ଫଳାଫଳ ନେଇ ଆୟୋଗଙ୍କ ପ୍ରତି କିଛି ବିରୋଧୀ ରାଜନୈତିକ ଦଳ ପକ୍ଷପାତିତାର ଆରୋପ ଲଗାଇଥିଲେ। ଏ ନେଇ ନାନା ତର୍କବିତର୍କ ହୋଇଥିଲା। ଏମିତି କି କିଛି ରାଜନୈତିକ ଦଳ ଅଦାଲତର ଆଶ୍ରୟ ନେଇଥିଲେ ଏବଂ ନିଜର ନିରପେକ୍ଷତା ପ୍ରମାଣ ପାଇଁ ଆୟୋଗଙ୍କୁ ଇଭିଏମ୍ ମୁକାବିଲା ଭଳି ପରୀକ୍ଷାର ସମ୍ମୁଖୀନ ହେବାକୁ ପଡ଼ିଥିଲା; ଯାହା କି ଅନୁଷ୍ଠାନର ସମ୍ମାନ ପ୍ରତି ଆଞ୍ଚ ଆଣିଥିଲା। ଆୟୋଗ ବସ୍ତୁତଃ ନଖ-ଦାନ୍ତ ବିହୀନ ହୋଇଥିବାରୁ ଇଭିଏମ୍ ଜାଲିଆତି ଓ ପକ୍ଷପାତିତା ନେଇ ତାଙ୍କୁ ହଲାପଟା ହେବାକୁ ପଡ଼ିଲା। ଏହି ପରିପ୍ରେକ୍ଷୀରେ ନିଜର ସାମ୍ବିଧାନିକ ମର୍ଯ୍ୟାଦା ରକ୍ଷା ପାଇଁ ନ୍ୟାୟାଳୟ ଭଳି ଏହାଙ୍କୁ କିଛି କ୍ଷମତା ପ୍ରଦାନ ପାଇଁ ଆୟୋଗ ସରକାରଙ୍କ ନିକଟକୁ ପତ୍ର ଲେଖି ଦାବି କରିଛନ୍ତି। ଆୟୋଗଙ୍କ ମତରେ ୧୯୭୧ର ଅଦାଲତ ଅବମାନନା ଆଇନ ଆଧାରରେ ସାମ୍ବିଧାନିକ ଅନୁଷ୍ଠାନକୁ ଅବମାନନା ଓ ଅପମାନିତ କରିବା ଅଭିଯୋଗକ୍ରମେ କାହାକୁ ଦଣ୍ଡବିଧାନ ପାଇଁ ଏହାଙ୍କୁ କ୍ଷମତା ପ୍ରଦାନ କରାଯିବା ଆବଶ୍ୟକ। ଏଥିପାଇଁ ରହିଥିବା ଆଇନର ଆବଶ୍ୟକ ସଂଶୋଧନ କରାଯିବା ଉଚିତ ବୋଲି ଆୟୋଗ ଆଇନ ବିଭାଗକୁ ଚିଠି ଲେଖିଛନ୍ତି। ପାକିସ୍ତାନ ଭଳି କିଛି ରାଷ୍ଟ୍ରରେ ଏଭଳି ବ୍ୟବସ୍ଥା ରହିଥିବା ଆୟୋଗ ଦର୍ଶାଇଛନ୍ତି। ଏହି ଚିଠି ଆଇନ ବିଭାଗର ବିଚାରାଧୀନ ରହିଛି। ନିକଟରେ ପାକିସ୍ତାନର ବିରୋଧୀ ଦଳ ନେତା ଇମ୍ରାନ ଖାନ୍‌ଙ୍କ ବିରୋଧରେ ରାଜନୈତିକ ଦଳଗୁଡ଼ିକୁ ବିଦେଶୀ ପାଣ୍ଠି ଯୋଗାଣ ପ୍ରସଙ୍ଗରେ ଭ୍ରମାତ୍ମକ ତଥ୍ୟ ପ୍ରଦାନ ଅଭିଯୋଗକ୍ରମେ ପାକିସ୍ତାନ ନିର୍ବାଚନ ଆୟୋଗ ଅବମାନନା ନୋଟିସ ଜାରି କରିଥିବା ଭାରତୀୟ ନିର୍ବାଚନ ଆୟୋଗ ତାଙ୍କ ଚିଠିରେ ଦର୍ଶାଇଛନ୍ତି।

### ନିମ୍ନ ଅଦାଲତରେ ବିଚାରପତି ନିଯୁକ୍ତି

# କେନ୍ଦ୍ରର ୪ଟି ବିକଳ୍ପ ପ୍ରସ୍ତାବ

**ନୂଆଦିଲ୍ଲୀ :** ନିମ୍ନ ଅଦାଲତରେ ହଜାର ହଜାର ସଂଖ୍ୟାରେ ବିଚାରପତି ପଦ ଖାଲି ପଡିଥିବାରୁ ସେଗୁଡିକୁ ପୂରଣ କରିବା ପାଇଁ ଏବେ ନିଟ୍ ଭଳି ଏକ ଜାତୀୟ ସ୍ତରର ପରୀକ୍ଷା ଆୟୋଜନ କରିବାକୁ କେନ୍ଦ୍ର ସରକାର ସୁପ୍ରିମ୍‌କୋର୍ଟଙ୍କୁ ପ୍ରସ୍ତାବ ଦେଇଛନ୍ତି। ସରକାରଙ୍କ ତରଫରୁ ଚାରିଟି ବିକଳ୍ପ ପ୍ରସ୍ତାବ ଦିଆଯାଇଛି। ୨୦୧୫ ଡିସେମ୍ବର ୩୧ ସୁଦ୍ଧା ସଂଗୃହୀତ ତଥ୍ୟ ଅନୁଯାୟୀ ଦେଶର ନିମ୍ନ ଅଦାଲତଗୁଡିକରେ ସମୁଦାୟ ୨୦,୫୦୨ଟି ବିଚାରପତି ପଦବୀ ଥିଲେ ମଧ୍ୟ ସେଗୁଡିକରେ ୧୬,୦୫୦ ଜଣ ବିଚାରପତି ନିୟୋଜିତ ଅଛନ୍ତି। ଅର୍ଥାତ୍ ଏହି ଅଦାଲତଗୁଡିକରେ ୪,୪୫୨ଟି ବିଚାରପତି ପଦବି ଖାଲି ପଡିଛି। ନିମ୍ନ ଅଦାଲତଗୁଡିକରେ ପ୍ରାୟ ଦୁଇ କୋଟିରୁ ଊର୍ଦ୍ଧ୍ୱ ମାମଲା ବିଚାରାଧୀନ ଥିବା ବେଳେ ଏତେ ସଂଖ୍ୟକ ବିଚାରପତି ପଦବି ଖାଲି ପଡିଥିବା ଯୋଗୁ ବିଚାର ପ୍ରକ୍ରିୟା ପ୍ରଭାବିତ ହେଉଛି। ତେଣୁ ଏହି ପଦଗୁଡିକ କିପରି ଶୀଘ୍ର ପୂରଣ କରାଯାଇପାରିବ ସେ ସମ୍ପର୍କରେ ନ୍ୟାୟପାଳିକା ଏବଂ କେନ୍ଦ୍ର ସରକାରଙ୍କ ପ୍ରତିନିଧିମାନଙ୍କ ମଧ୍ୟରେ ଗତ ଏପ୍ରିଲ ମାସରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଏହି ବୈଠକରେ ନିମ୍ନ ଅଦାଲତରେ ବିଚାରପତି ନିଯୁକ୍ତି ପାଇଁ ଏକ ଜାତୀୟ ସ୍ତରର ପରୀକ୍ଷା କରିବାକୁ ପରାମର୍ଶ ଦିଆଯାଇଥିଲା। ଏବେ ତା'ଉପରେ କେନ୍ଦ୍ର ସରକାର ବିସ୍ତୃତ ପ୍ରସ୍ତାବ ଦେଇଛନ୍ତି। କେନ୍ଦ୍ର ଆଇନ ମନ୍ତ୍ରଣାଳୟ ସଚିବ (ନ୍ୟାୟ ବିଭାଗ)ଙ୍କ ତରଫରୁ ସୁପ୍ରିମ୍‌କୋର୍ଟର ସେକ୍ରେଟାରୀ ଜେନେରାଲଙ୍କୁ ଲେଖାଯାଇଥିବା ଏକ ପତ୍ରରେ ଏଥିପାଇଁ ଅନେକ ବିକଳ୍ପ ଦିଆଯାଇଛି। ଏବେ ଡାକ୍ତରୀ ପାଠ୍ୟକ୍ରମରେ ନାମ ଲେଖାଇବା ପାଇଁ ସିବିଏସ୍‌ଇ ଦ୍ୱାରା କରାଯାଇଥିବା ନିଟ୍ (ନ୍ୟାସନାଲ ଏଲିଜିବିଲିଟି କମ୍ ଏଣ୍ଟ୍ରାନ୍ସ ଟେଷ୍ଟ) ପରୀକ୍ଷା ଭଳି ବିଚାରପତି ନିଯୁକ୍ତି ପାଇଁ ବି ଏକ ଜାତୀୟ ସ୍ତରର ପରୀକ୍ଷା କରିବାକୁ ଏଥିରେ ପ୍ରସ୍ତାବ ଦିଆଯାଇଛି। ଦ୍ୱିତୀୟ ପ୍ରସ୍ତାବ ଅନୁଯାୟୀ, ନିମ୍ନ ଅଦାଲତରେ ବିଚାରପତି ନିଯୁକ୍ତି ପାଇଁ ଏକ ନିଯୁକ୍ତି ବୋର୍ଡ ଗଠନ କରାଯିବ ଏବଂ ଏହା ସୁପ୍ରିମ୍‌କୋର୍ଟଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟ କରିବ। ତୃତୀୟ ପ୍ରସ୍ତାବ ଅନୁଯାୟୀ, କେନ୍ଦ୍ରୀୟ ଲୋକସେବା ଆୟୋଗକୁ ଏଭଳି ପରୀକ୍ଷା କରିବା ପାଇଁ କ୍ଷମତା ପ୍ରଦାନ କରାଯିବ। ଚତୁର୍ଥ ପ୍ରସ୍ତାବ ଅନୁଯାୟୀ, ଇନଷ୍ଟିଚ୍ୟୁଟ୍ ଅଫ୍ ବ୍ୟାକିଂ ଏଣ୍ଡ ପର୍ସନେଲ ସିଲେକ୍ସନ (ଆଇବିପିଏସ୍) ବ୍ୟାଙ୍କ କ୍ଷେତ୍ରରେ ନିଯୁକ୍ତି ପାଇଁ ଯେଉଁ ପ୍ରକ୍ରିୟା ଅନୁସରଣ କରୁଛି, ସେଥିରୁ କେତେକ ପ୍ରକ୍ରିୟାକୁ ବିଚାରପତି ନିଯୁକ୍ତି ପାଇଁ ବି ପ୍ରଚଳନ କରାଯାଇପାରିବ। ଏହି ପ୍ରସ୍ତାବଗୁଡିକ ଉପରେ ରାଜ୍ୟ ସରକାରମାନଙ୍କୁ ନିଜର ମତାମତ ଦେବାକୁ କୁହାଯାଇଛି। ଏହି ମାମଲାରେ ପରବର୍ତ୍ତୀ ଶୁଣାଣି ଜୁଲାଇ ମାସରେ ହେବ ବୋଲି ଆଶା କରାଯାଉଛି। ସୂଚନାଥାଉ କି ଭାରତରେ ଅଲ ଇଣ୍ଡିଆ ଜୁଡିସିଆଲ ସର୍ଭିସ ପ୍ରଚଳନ କରିବାକୁ ୧୯୬୦ ମସିହାରୁ ଦାବି କରାଯାଉଥିଲେ ମଧ୍ୟ କେତେକ ରାଜ୍ୟ ସରକାରଙ୍କ ବିରୋଧ ଯୋଗୁଁ ଏହା ଏପର୍ଯ୍ୟନ୍ତ କାର୍ଯ୍ୟକାରୀ କରାଯାଇପାରୁନାହିଁ। ବିଜେପି ଶାସିତ ମଧ୍ୟପ୍ରଦେଶ ଏବଂ ଅରୁଣାଚଳପ୍ରଦେଶ ସରକାର ଏହାର ଦୃଢ଼ ବିରୋଧ କରୁଥିଲା ବେଳେ ବିହାର, ଛତିଶଗଡ଼, ମଣିପୁର, ଓଡ଼ିଶା ଏବଂ ଉତ୍ତରାଖଣ୍ଡ ଏହି ପ୍ରସ୍ତାବରେ ବ୍ୟାପକ ପରିବର୍ତ୍ତନ ଚାହୁଁଛନ୍ତି।

### ଚୋରା ସଫ୍ଟୱେର ପାଇଁ ବଢୁଛି ସାଇବର ଆକ୍ରମଣ

# କ୍ଷତିଗ୍ରସ୍ତ ହୋଇପାରନ୍ତି ୬୦% କମ୍ପାନୀ

**ନୂଆଦିଲ୍ଲୀ :** ଦେଶରେ ନିଜର କାରବାର ଜାରି ରଖିଥିବା କମ୍ପାନୀଗୁଡିକ ସାଇବର ନିରାପତ୍ତା ପ୍ରତି ବିଶେଷ ଭାବରେ ଯତ୍ନବାନ ନୁହଁନ୍ତି। ଘରୋଇ ବଜାରର ପ୍ରାୟ ୬୦% କମ୍ପାନୀ ଚୋରା ସଫ୍ଟୱେର ବ୍ୟବହାର କରୁଛନ୍ତି। ଏଗୁଡିକ ବ୍ୟବସ୍ଥିତ ହୋଇ ନଥିବା ବିଶେଷଜ୍ଞମାନେ ପ୍ରକାଶ କରିଛନ୍ତି। ଏଣୁ ଦେଶରେ ଅଧିକାଂଶ ଶିଳ୍ପ ସଂସ୍ଥା ସାଇବର ଆକ୍ରମଣର ଶିକାର ହେବାର ସମ୍ଭାବନା ରହିଥିବା ବିଜନେସ ପ୍ରାକ୍ଟିସ ଫାର୍ମ ଇୱାଇ କହିଛି। କମ୍ପାନୀଗୁଡିକ ସେମାନଙ୍କ ହାର୍ଡୱେର ପ୍ରତି ଯତ୍ନଶୀଳ ଅଛନ୍ତି। ମାତ୍ର ସଫ୍ଟୱେର ପ୍ରତି ସଂସ୍ଥାମାନେ ଏତେଟା ଯତ୍ନବାନ ନୁହଁନ୍ତି ବୋଲି ଇୱାଇର ଆଡଭାଇଜରି ସର୍ଭିସ ପ୍ରାକ୍ଟିସ ପାର୍ଟନର ମାୟା ରାମଚନ୍ଦ୍ରନ କହିଛନ୍ତି। ଇଣ୍ଡିଆ କମ୍ପ୍ୟୁଟର ଏମର୍ଜେନ୍ସିଂ ରେସପନ୍ସ (ସିଇଆରଟି-ଇନ) ତଥ୍ୟ ମୁତାବକ ୨୦୧୬ରେ ଭାରତର ୫୦,୩୦୦ ସାଇବର ଅପରାଧ ଘଟଣା ସାମ୍ନାକୁ ଆସିଛି। ଏଗୁଡିକ ମଧ୍ୟରେ ଫିସିଙ୍ଗ, ୱେବ୍‌ସାଇଟ୍ ଇନଟ୍ରୁଜନ, ଡିଫେନ୍ସମେଣ୍ଟ, ଭାଇରସ ଏବଂ ସେବା ପ୍ରଦାନ ଲାଗି ଅଗ୍ରାହତ୍ୟତା ଭଳି ଘଟଣା ରହିଛି। ଗତ ମାସରେ ହୋଇଥିବା ୱାନ୍‌କ୍ରାଇ ସାଇବର ଆକ୍ରମଣ ଯୋଗୁ ବିଶ୍ୱର ପ୍ରାୟ ୧୦୦ରୁ ଅଧିକ ଦେଶର କମ୍ପ୍ୟୁଟର ସିଷ୍ଟମ କ୍ଷତିଗ୍ରସ୍ତ ହୋଇଥିଲା। ଏଥିରେ ଘରୋଇ ବଜାର ମଧ୍ୟ ବର୍ତ୍ତି ନଥିଲା। କେରଳ, ଆନ୍ଧ୍ରପ୍ରଦେଶ, ତାମିଲନାଡୁ, ଓଡ଼ିଶା ଏବଂ ପଶ୍ଚିମବଙ୍ଗର ଏହିଭଳି ସାଇବର ଆକ୍ରମଣମାନେ ସାମ୍ନାକୁ ଆସିଥିଲା। ନିକଟରେ



ହୋଇଥିବା ଏକ ଅଧ୍ୟୟନ ମୁତାବକ ୪୯% ମୁଖ୍ୟ ସୂଚନା ଅଧିକାରୀ ସୂଚନା ଦେଇଛନ୍ତି ଯେ ଚୋରା ସଫ୍ଟୱେର ଯୋଗୁ ସାଇବର ଆକ୍ରମଣର ହାର ବୃଦ୍ଧି ହେଉଛି। ଅପରପକ୍ଷରେ କମ୍ପ୍ୟୁଟର ସିଷ୍ଟମରେ ବାହାରର ସଫ୍ଟୱେର ଇନଷ୍ଟଲ କରିବା ଦ୍ୱାରା ସାଇବର ଆକ୍ରମଣର ଭୟ ଅଧିକ ରହିଛି ବୋଲି ୨୬% କର୍ମଚାରୀ ମତ ଦେଇଛନ୍ତି। ଏହିଭଳି ସ୍ଥିତିରେ ଅନେକ କର୍ପୋରେଶନ ତଥା ବହୁରାଷ୍ଟ୍ରୀୟ କମ୍ପାନୀଗୁଡିକ ବର୍ତ୍ତମାନ ସଫ୍ଟୱେର ଆସେଟ ମ୍ୟାନେଜମେଣ୍ଟ କାର୍ଯ୍ୟାଳୟମାନ ପ୍ରତିଷ୍ଠା କରିବାକୁ ଜୋର ଦେଉଛନ୍ତି। ସେହିପରି ମଧ୍ୟମ ଧରଣର କମ୍ପାନୀଗୁଡିକ ସାଇବର ନିରାପତ୍ତା ପରିବର୍ତ୍ତେ ବାଣିଜ୍ୟ ଉପରେ ଅଧିକ ଧ୍ୟାନ ଦେଉଛନ୍ତି। ମାତ୍ର ସଂସ୍ଥାଗୁଡିକ ଯଦି ଠିକ୍ ସଫ୍ଟୱେର ଆସେଟ ମ୍ୟାନେଜମେଣ୍ଟ ପ୍ରାକ୍ଟିସ ଗ୍ରହଣ କରନ୍ତି ତେବେ ଏହା ସାଇବର ଅପରାଧକୁ ଦୂର କରିବାରେ ସହାୟତା କରିବ ବୋଲି ଇୱାଇ କହିଛି।

EKAMAATRA
ଏକମାତ୍ର
ଅନୁସନ୍ଧାନ ପରେ ଖବର
Bhubaneswar, 19th - 25th June, 2017
ଭୁବନେଶ୍ୱର, ୧୯-୨୫ ଜୁନ୍, ୨୦୧୭

# ପ୍ଲାଷ୍ଟିକ୍ ଚାଉଳକୁ ନେଇ ତନାଘନା

## ନମୁନା ସଂଗ୍ରହ କଲା ପ୍ରଶାସନ

**କଟକ :** ସାରା ରାଜ୍ୟରେ ପ୍ଲାଷ୍ଟିକ୍ ଚାଉଳ ଆତଙ୍କ ସୃଷ୍ଟି ହୋଇଛି। ଏଥିଯୋଗୁଁ ରାଜ୍ୟର ଅନେକ ସ୍ଥାନରେ ଲୋକେ ଗୁରୁତର ପେଟରୋଗରେ ଆକ୍ରାନ୍ତ ହୋଇଛନ୍ତି। ଏ ନେଇ ବିଭିନ୍ନ ସ୍ଥାନରୁ ବ୍ୟାପକ ଅଭିଯୋଗ ଓ ଗଣମାଧ୍ୟମରେ ପ୍ରସାରଣ ପରେ ଏବେ ପ୍ରଶାସନ ଜାଗ୍ରତ ହୋଇଛି। ଜିଲ୍ଲା ପ୍ରଶାସନ ପକ୍ଷରୁ କଟକ ସହରରେ ବ୍ୟାପକ ଖାନତଲାସି ଓ ଚଢ଼ଉ ଆରମ୍ଭ କରାଯାଇଛି। ଜିଲ୍ଲାପାଳଙ୍କ ନିର୍ଦ୍ଦେଶରେ ଶୁକ୍ରବାର ଯୋଗାଣ ଅଧିକାରୀମାନେ ସହରର ଭିନ୍ନ ଭିନ୍ନ ଗୋଦାମରୁ ଚାଉଳ ନମୁନା ସଂଗ୍ରହ କରିଛନ୍ତି। ଏହି ନମୁନା ଯାଞ୍ଚ ପରେ ସହରରେ ପ୍ଲାଷ୍ଟିକ୍ ଚାଉଳ ବିକ୍ରି ହେଉଛି କି ନା ତାହା ସ୍ପଷ୍ଟ ହୋଇଯିବ। ଏ ନେଇ ରିପୋର୍ଟ ଆସିବା ପରେ ଯଦି ପ୍ଲାଷ୍ଟିକ୍ ଚାଉଳର ସୂଚନା ମିଳେ, ତେବେ ସହରକୁ କିପରି ଓ କେଉଁଠୁ ଏସବୁ ଚାଉଳ ଆସୁଛି ସେ ସମ୍ପର୍କରେ ଅନୁସନ୍ଧାନ କରାଯିବ ବୋଲି ଜନୈକ ଯୋଗାଣ ଅଧିକାରୀ ପ୍ରକାଶ କରିଛନ୍ତି। ଶେଖବଜାର ଅଞ୍ଚଳର ଦିଲ୍ଲୀପ ନାରାୟଣ ଗୁପ୍ତ ନାମକ ଜନୈକ ବ୍ୟକ୍ତିଙ୍କ ଅଭିଯୋଗ ପରେ ଜିଲ୍ଲାର ଅତିରିକ୍ତ ଯୋଗାଣ ଅଧିକାରୀ ଜ୍ଞାନେନ୍ଦ୍ର ମିଶ୍ରଙ୍କ ନେତୃତ୍ୱରେ ଏକ ଟିମ୍ ମାଲଗୋଦାମର ଅନ୍ନପୂର୍ଣ୍ଣା ଚାଉଳ ଭଣ୍ଡାର, ସାଇ ଚାଉଳ ଭଣ୍ଡାର, ଶେଖବଜାରର ଗଣେଶ ଭଣ୍ଡାର, ଆଶା ଡିଷ୍ଟ୍ରିବ୍ୟୁଟର, ଛତ୍ରବଜାରର ଓଁ ଚାଉଳ ଭଣ୍ଡାର, ପୁରୁଣା ରାଉସା ପାଟଣା ଆୟୁଷ ଏଜେନ୍ସି, ପାଟଣା ଆଦି ଅଞ୍ଚଳର ୬ଟି ଗୋଦାମରୁ ଚାଉଳ ନମୁନା ସଂଗ୍ରହ କରିଥିବା ଜଣାପଡ଼ିଛି। ଏହି ତନାଘନା ଆଗକୁ ଆହୁରି ଚାଲିବ ବୋଲି ଯୋଗାଣ ବିଭାଗ ପକ୍ଷରୁ ସ୍ପଷ୍ଟ କରାଯାଇଛି। ସୂଚନାଯୋଗ୍ୟ ଯେ ଶେଖବଜାର ବାସିନ୍ଦା ଦିଲ୍ଲୀପ କିଛିଦିନ ତଳେ ବଜାରରୁ କିଲୋପିଛା ୫୦ ଟଙ୍କା ଦରରେ ୫ କିଲୋ ଅରୁଆ ବାଲାମି ଚାଉଳ ଆଣିଥିଲେ। ମାତ୍ର ରୋଷେଇ ପରେ ଏହି ଭାତର ସ୍ୱାଦ ଅଲଗା ପ୍ରକାରର ଲାଗିବାରୁ ତାଙ୍କର ସନ୍ଦେହ ଉପୁଜିଥିଲା। ଏମିତିକି ଭାତର ଦାନା ଆଦୌ ଭାଙ୍ଗୁ ନ ଥିବା ସେ ଦେଖିବାକୁ ପାଇଥିଲେ। ପରେ ଏ ନେଇ ସେ ଯୋଗାଣ ବିଭାଗ ନିକଟରେ ଅଭିଯୋଗ କରିଥିଲେ।

# ନକଲି ସଭାପତି, ଅସଲି କୋଟିପତି !

**ଜଗତସିଂହପୁର:** ନିଜକୁ ନେତା, ମନ୍ତ୍ରୀ ଓ ଯନ୍ତ୍ରୀଙ୍କ ପାଖ ଲୋକ ବୋଲାଉଥିବା ଜନୈକ ବ୍ୟକ୍ତି ଜଗତସିଂହପୁର ଜିଲ୍ଲାରେ ଏବେ ଆଲୋଚନାର କେନ୍ଦ୍ରବିନ୍ଦୁ ପାଲଟିଛନ୍ତି। ଜଣେ ଦାମି ଓ ପ୍ରତିଷ୍ଠିତ ବ୍ୟକ୍ତିଙ୍କ ନିକଟତମ ବନ୍ଧୁ ବୋଲି ପରିଚୟ ଦେଇ ସେ ଏହି ଜିଲ୍ଲାର ସରକାରୀ ଓ ବେସରକାରୀ ସଂସ୍ଥାରେ ନିଜର କାୟା ବିସ୍ତାର କରିଛନ୍ତି। ଏହାରି ଆଳରେ ସେ ପ୍ରଚୁର ଅର୍ଥ ଉପାର୍ଜନ କରିବା ସହିତ କିଛି କିଛି ସରକାରୀ ବାବୁଙ୍କୁ ବ୍ଲାକମେଲିଂ କରୁଥିବାର ଖବର ବ୍ୟାପିଯାଇଛି। ଯେହେତୁ ସେ କିଛି ବଡଲୋକଙ୍କ ନିକଟ ଲୋକ ସେହେତୁ ତାଙ୍କ ବିରୁଦ୍ଧରେ ପ୍ରଶାସନ ପାଟି ଖୋଲୁନାହିଁ। ଏହି ବ୍ୟକ୍ତି ଜଣକ ଏହି ଅଞ୍ଚଳର ବିଭିନ୍ନ ସଂଗଠନର ସଭାପତି ରହି କେବଳ ଟଙ୍କା ହଡପ କରିବା ଲକ୍ଷ୍ୟରେ ରହିଛନ୍ତି। ପ୍ରକୃତରେ ସେ କୌଣସି ସାମାଜିକ କାର୍ଯ୍ୟକ୍ରମ କିମ୍ବା ଆନୁଷ୍ଠାନିକ ବୈଠକ ମଧ୍ୟ କରନ୍ତିନାହିଁ। କିନ୍ତୁ ସଂଗଠନର ସଭାପତି ବୋଲାଇ କିଛି ସରକାରୀ ଅଫିସରଙ୍କୁ ଆପାୟିତ କରି ବ୍ୟକ୍ତିଗତ ସ୍ୱାର୍ଥ ହାସଲ କରିବାରେ ଧୂରନ୍ଦର ଅଟନ୍ତି। ସୂଚନାଯୋଗ୍ୟ, ଏହି ବ୍ୟକ୍ତି ଜଣକ ପ୍ରଥମେ ଜଗନ୍ନାଥପୁର ବଜାର ଠାରେ ଥିବା ସୁଚିତ୍ରା ସିନେମା ହଲରେ ଟହଲିଆ ଭାବେ ପାଳନର ଏକ ସପ୍ତାହ ପରେ କଟକ-ପାରାଦ୍ୱୀପ ରୋଡ ଜଗନ୍ନାଥପୁର ବଜାର ଠାରେ ୨୩ ଡିସିମିଲ ଜମି ୩୦ଲକ୍ଷ ଟଙ୍କାରୁ ଉର୍ଦ୍ଧ୍ୱ ଦେଇ ସେ ଏବେ କ୍ରୟ କରିବା ଘଟଣାକୁ ନେଇ ସାଂଘାତିକ ପ୍ରତିକ୍ରିୟା ଦେଖାଦେଇଛି। ଉକ୍ତ ଜମିର ଖାତା ମାଧ୍ୟମ ବିଦ୍ୟାଳୟ ସ୍ଥାପନ କରି ଏଠାରେ କାର୍ଯ୍ୟ କରୁଥିବା ଜନୈକ ଶିକ୍ଷୟିତ୍ରୀଙ୍କୁ ବିବାହର ପ୍ରତିଶ୍ରୁତି ଦେଇ ଶେଷରେ ପ୍ରତାରଣା କରିଛନ୍ତି। ଏହି ଛଦ୍ମବେଶୀ ସଂସ୍ଥାର ସଭାପତି ଜଣଙ୍କ ୧୭ ରୁ ଅଧିକ ନକଲି ସଂସ୍ଥା ଖୋଲି ତାହାର ଅଧ୍ୟକ୍ଷ ରହିବା

### ତଦନ୍ତ ହେଲେ ଖୋଲିବ ଗୁମର

କାର୍ଯ୍ୟ କରୁଥିଲେ। ହଠାତ୍ ସେ କିପରି କୋଟିପତି ପାଲଟିଗଲେ ତାହାକୁ ନେଇ ସାରା ଅଞ୍ଚଳରେ ଚର୍ଚ୍ଚା ଜୋର ଧରିଛି। ସ୍ଥାନୀୟ ଲୋକେ ଏଥିରେ ସନ୍ଦେହ ପ୍ରକାଶ କରି ଏହାର ତଦନ୍ତ ଦାବି କଥା ଉଠାଇଲେଣି। ଉଲ୍ଲେଖଯୋଗ୍ୟ, ରଘୁନାଥପୁର ଠାରେ ଥିବା ପୂର୍ଣ୍ଣଚନ୍ଦ୍ର ବିଦ୍ୟା ମନ୍ଦିରର ହିରକ ଜୟନ୍ତୀ ଉତ୍ସବ ଦାୟିତ୍ୱ ନେଇ ଏହି ବ୍ୟକ୍ତି ବିଭିନ୍ନ ଅନୁଷ୍ଠାନରୁ ଅଭିନବ ଉପାୟରେ ଲକ୍ଷ ଲକ୍ଷ ଟଙ୍କା ଚାନ୍ଦା ଆଣି ଚଳୁ କରିଛନ୍ତି। ହିରକ ଜୟନ୍ତୀ ନଂ୨୦୯, ପ୍ଲଟ ନଂ୧୩୮୪/୧୬୮୦। ଏତଦ୍‌ବ୍ୟତୀତ ଶୁଣାଯାଏ ଏହି ମିଛ ସଂଗଠକ ଭୁବନେଶ୍ୱରରେ ମଧ୍ୟ ୩ଗୋଟିରୁ ଉର୍ଦ୍ଧ୍ୱ ପ୍ଲଟ କିଣିଥିବାର ଏକ ବିଶେଷ ସୂତ୍ରରୁ ଖବର ମିଳିଛି, ଯାହାକି ତଦନ୍ତ ହେଲେ ଜଣାପଡିବ। ଏଥିସହ ସେ ବିଭିନ୍ନ ବ୍ୟାଙ୍କରେ ନିଜ ନାମରେ ତଥା ନିଜର ବନ୍ଧୁ ଓ ପରିବାର ଲୋକଙ୍କ ନାମରେ ଖାତା ଖୋଲି ଲକ୍ଷ ଲକ୍ଷ ଟଙ୍କା ଜମା ରଖିଥିବାର ଶୁଣିବାକୁ ମିଳେ। ଅନ୍ୟପକ୍ଷରେ ଏହି ବ୍ୟକ୍ତି ଜଣକ ରଘୁନାଥପୁର ଅଞ୍ଚଳରେ ଏକ ଇଂରାଜୀ ସହିତ କିଛି ନିରୀହ ଲୋକଙ୍କୁ ଏଥିପାଇଁ ଅସ୍ତ୍ର ରୂପେ ବ୍ୟବହାର କରୁଛନ୍ତି। ଯାହା ଫଳରେ ନକଲି ସଂସ୍ଥାରୁ ପ୍ରଚୁର ଅର୍ଥ ରୋଜଗାର କରି ସମାଜରେ ନିଜର ପତିଆରା ବଢ଼ାଇ ଚାଲିଛନ୍ତି। ଏକ ସରକାରୀ ଗୋଚର ପ୍ଲଟ୍‌କୁ ମାଡିବସି ସେ ଝୁମ୍ପୁଡି ଘର ତିଆରି କରି ଭଡାରେ ମଧ୍ୟ ଲଗାଇ ଥିବାର ପ୍ରମାଣ ରହିଛି। ନିଜର ଓ ନିଜ ପରିବାରର ତ୍ରିତଳିୟ ପ୍ରାସାଦ ଥିବା ବେଳେ ବ୍ଲକ୍‌ରୁ ନିଜ ଯୌଥ ପରବାର ସଦସ୍ୟଙ୍କ ନାମରେ ୪ ଗୋଟି ଇନ୍ଦିରାଆବାସ ଓ ସ୍ୱଚ୍ଛ ଭାରତ ଅଭିଯାନ ଯୋଜନାରେ ୪ ଗୋଟି ପାଇଖାନା ହାତେଇ ନେବାରେ ସକ୍ଷମ ହୋଇଛନ୍ତି। ଆଶ୍ଚର୍ଯ୍ୟର କଥା ଜିଲ୍ଲାର ସରକାରୀ ଅଫିସରମାନେ କିଭଳି ଭାବେ ଏହି ବ୍ୟକ୍ତି ଜଣଙ୍କୁ ସମସ୍ତ ପ୍ରକାର ସାହାଯ୍ୟ ସହଯୋଗ ଯୋଗାଇ ଦେଇଛନ୍ତି ତାହା ଏବେ ସନ୍ଦେହଘେରରେ ଥିଲା ବେଳେ ଜିଲ୍ଲା ପ୍ରଶାସନ ଏହି ନକଲି ସଭାପତିଙ୍କୁ 'ପ୍ରକୃତି ମିତ୍ର ପୁରସ୍କାର' ଦେଇଛନ୍ତି ତାହା ମଧ୍ୟ ତଦନ୍ତ କରାଯାଉ ବୋଲି ବିଭିନ୍ନ ବ୍ୟକ୍ତି ଦାବି ଉଠାଇଲେଣି। ଏହି ଅଞ୍ଚଳରେ ଅନେକ ସମାଜସେବୀ ରହିଥିଲେ ମଧ୍ୟ ତାଙ୍କୁ ଏହି ପୁରସ୍କାର ପ୍ରଦାନ କରାନଯାଇ ନକଲି ସମାଜସେବୀଙ୍କୁ ଏହା ପ୍ରଦାନ କରାଯିବା ପଛରେ କେଉଁ କାରଣ ତାହା ମଧ୍ୟ ଚର୍ଚ୍ଚାର ବିଷୟ। ତେବେ ରାଜ୍ୟ ସରକାର ଏ ଦିଗରେ ଧ୍ୟାନ ଦେଇ ଏହାର ସତ୍ୟାସତ୍ୟ ଉନ୍ମୋଚନ ପାଇଁ ତଦନ୍ତ କରିବାକୁ ଜିଲ୍ଲାର ବୁଦ୍ଧିଜୀବୀମାନେ ଦାବି କରୁଛନ୍ତି।

# '୨୦୨୫ ସୁଦ୍ଧା ଶିଶୁଶ୍ରମିକମୁକ୍ତ ଓଡ଼ିଶା'

**ଭୁବନେଶ୍ୱର :** ୨୦୨୫ ସୁଦ୍ଧା ଓଡ଼ିଶା ହେବ ଶିଶୁଶ୍ରମିକମୁକ୍ତ ରାଜ୍ୟ। ଏଥିପାଇଁ ରାଜ୍ୟ ସରକାର ଆକ୍ସନ୍ ପ୍ଲାନ୍ ପ୍ରସ୍ତୁତ କରିଛନ୍ତି। ୨୦୧୭ ମାର୍ଚ୍ଚରୁ ରାଜ୍ୟର ସମସ୍ତ ଜିଲ୍ଲା ଶିଶୁଶ୍ରମିକମାନଙ୍କ ବାବଦରେ ତଥ୍ୟ ସଂଗ୍ରହ ଅଭିଯାନ ଆରମ୍ଭ ହୋଇଛି। ଶିଶୁଶ୍ରମିକମାନଙ୍କ ଦକ୍ଷତା ବିକାଶ କରାଯାଇ ସେମାନଙ୍କୁ ବିଭିନ୍ନ କାମରେ ନିୟୋଜିତ କରାଗଲେ ରାଜ୍ୟ ଶିଶୁଶ୍ରମିକମୁକ୍ତ ହୋଇପାରିବ ବୋଲି କହିଛନ୍ତି ମହିଳା ଓ ଶିଶୁବିକାଶ ମନ୍ତ୍ରୀ ପ୍ରଫୁଲ୍ଲ ସାମଲ।

ସୋମବାର ଶ୍ରମ ଓ କର୍ମଚାରୀ ରାଜ୍ୟ ବୀମା ବିଭାଗ ମନ୍ତ୍ରୀ ସୁଶାନ୍ତ ସିଂଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ମନ୍ତ୍ରୀ ପ୍ରଫୁଲ୍ଲ ସାମଲ କହିଥିଲେ ଯେ ୨୦୧୬ ସେପ୍ଟେମ୍ବର ମାସରେ ଶିଶୁଶ୍ରମିକ ଆଇନରେ ସଂଶୋଧନ ପରେ ଶିଶୁଶ୍ରମିକ ଓ କିଶୋର ଶ୍ରମିକ ଚିହ୍ନଟ ପାଇଁ ଆଧାର ରେଖା ସର୍ଭେ କାର୍ଯ୍ୟ ଜାତୀୟ ଶିଶୁଶ୍ରମିକ ପ୍ରକଳ୍ପ ମାଧ୍ୟମରେ ଓଡ଼ିଶାର ୨୪ଟି ଜିଲ୍ଲାରେ ଚାଲୁ ରହିଛି। ଅନ୍ୟ ୬ଟି ଜିଲ୍ଲା ଯଥା- ବୌଦ୍ଧ, କନ୍ଧମାଳ, ଜଗତସିଂହପୁର, କେନ୍ଦ୍ରାପଡ଼ା, ପୁରୀ ଓ ଭଦ୍ରକରେ ଜାତୀୟ ଶିଶୁଶ୍ରମିକ ପ୍ରକଳ୍ପ ପ୍ରତିଷ୍ଠା ପାଇଁ ଜିଲ୍ଲା ପରିଯୋଜନା ସୋସାଇଟି ଗଠନ କରାଯିବା ସହିତ ଶିଶୁ




ଓ କିଶୋର ଶ୍ରମିକ ସର୍ଭେ କାର୍ଯ୍ୟ ଚାଲୁ ରହିଛି। ସମ୍ମାନିତ ଅତିଥି ଭାବେ ରାଜ୍ୟ ଶିଶୁ ଅଧିକାର ସୁରକ୍ଷା ଆୟୋଗର ଅଧ୍ୟକ୍ଷା କସ୍ତୁରୀ ମହାପାତ୍ର ଯୋଗଦେଇ କହିଛନ୍ତି ଶିଶୁମାନଙ୍କୁ କାର୍ଯ୍ୟରେ ନିୟୋଜିତ କରୁଥିବା ବ୍ୟକ୍ତିମାନଙ୍କ ଲାଗି ଜେଲ୍, ଜୋରିମାନା ଭଳି ଦଣ୍ଡର ବ୍ୟବସ୍ଥା ରହିଛି। ଆମ ରାଜ୍ୟରେ କିନ୍ତୁ ଏହି ଆଇନ ଅନୁଯାୟୀ ଦଣ୍ଡର ହାର ଢେର କମ୍। କୋଡ଼ିଏ ବର୍ଷ ମଧ୍ୟରେ ମାତ୍ର ୧୫ ଜଣ ଅଦାଲତରେ ଦଣ୍ଡିତ ହୋଇଛନ୍ତି। ଶିଶୁଶ୍ରମିକ ନିଷେଧ ଓ ନିୟନ୍ତ୍ରଣ ଆଇନ ୧୯୮୬ ଓ ନିୟନ୍ତ୍ରଣ ରୁଲ୍ ୧୯୯୪ ଅନୁଯାୟୀ ୧୪ ବର୍ଷରୁ କମ୍ ବୟସ ଶିଶୁଙ୍କୁ ୧୮ଟି ବିପଜ୍ଜନକ ପେଶାରେ ଖଟାଇବା ବେଆଇନ୍। ଯେଉଁମାନେ ଏହି ଆଇନ୍ ଉଲ୍ଲଂଘନ କରି ଶିଶୁଙ୍କୁ କାର୍ଯ୍ୟରେ ଲଗାଇବେ ସେମାନେ ଅଦାଲତରେ ଦୋଷୀ ସାବ୍ୟସ୍ତ ହେଲେ ୩ ମାସରୁ ୧ ବର୍ଷ ପର୍ଯ୍ୟନ୍ତ ଜେଲ୍‌ଦଣ୍ଡ କିମ୍ବା ୧୦ରୁ ୨୦ ହଜାର ଟଙ୍କା ପର୍ଯ୍ୟନ୍ତ ଅର୍ଥଦଣ୍ଡ ଅଥବା ଉଭୟ ଦଣ୍ଡର ବ୍ୟବସ୍ଥା ରହିଛି। ଶ୍ରମ ଓ କର୍ମଚାରୀ ରାଜ୍ୟବୀମା ବିଭାଗ ପ୍ରମୁଖ ଶାସନ ସଚିବ ଜି. ଶ୍ରୀନିବାସ ଯୋଗଦେଇ କହିଥିଲେ ଯେ ଜାତୀୟ ଶିଶୁଶ୍ରମିକ ପ୍ରକଳ୍ପର ସ୍ୱତନ୍ତ୍ର ପ୍ରଶିକ୍ଷଣ କେନ୍ଦ୍ର ଖୋଲାଯାଇ ୧୪ ବର୍ଷରୁ କମ୍ ଶିଶୁଶ୍ରମିକମାନଙ୍କୁ ଶିକ୍ଷାଦାନ, ଧନ୍ଦାମୂଳକ ଶିକ୍ଷାର ବ୍ୟବସ୍ଥା କରାଯିବ। ଶିଶୁମାନଙ୍କୁ ମଧ୍ୟାହ୍ନଭୋଜନ, ଷ୍ଟାଇପେଣ୍ଡ, ସ୍ୱାସ୍ଥ୍ୟସେବା ଇତ୍ୟାଦି ଯୋଗାଇ ଦିଆଯିବା ଏହାର ମୂଳଲକ୍ଷ୍ୟ ରହିବ। ଶିଶୁଶ୍ରମିକମାନଙ୍କୁ ଶିକ୍ଷାର ମୁଖ୍ୟସ୍ରୋତରେ ସାମିଲ କରାଯିବ। କିଶୋର ଶ୍ରମିକମାନଙ୍କ କୁଶଳତା ବୃଦ୍ଧି ସକାଶେ ବ୍ୟବସ୍ଥା କରାଯିବ। ଅନ୍ୟମାନଙ୍କ ମଧ୍ୟରେ ୟୁନିସେଫ୍‌ର ଓଡ଼ିଶା ମୁଖ୍ୟ ୟୁମି ବେ, ନିର୍ମାଣଶ୍ରମିକ କଲ୍ୟାଣ ବୋର୍ଡ ଅଧ୍ୟକ୍ଷ ସୁବାସ ସିଂହ, ଶ୍ରମ କମିଶନର ସଚିନ ରାମଚନ୍ଦ୍ର ଯାଦବଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଯୋଗଦେଇଥିଲେ। ଏହି ଅବସରରେ ଶିଶୁଶ୍ରମିକ ଉପରେ ଦୁଇଟି ପ୍ରାମାଣିକ ଚଳଚ୍ଚିତ୍ର ପ୍ରଦର୍ଶିତ ହୋଇଥିଲା। ଶିଶୁଶ୍ରମିକ ବାବଦରେ ସଚେତନତା ସୃଷ୍ଟି କରିବା ପାଇଁ ପୋଷ୍ଟର, ସ୍ମରଣିକା 'ଶିଶୁ ସମ୍ପଦ' ଓ ଷ୍ଟିକର ଉନ୍ମୋଚିତ ହୋଇଥିଲା।

# ରାଜ୍ୟର ୩୮ ଲକ୍ଷ ଘରେ ନାହିଁ ବିଜୁଳି

## ଓଡ଼ିଶାରେ ବିଦ୍ୟୁତ ପ୍ରକଳ୍ପର କାର୍ଯ୍ୟକାରିତା ଖୁବ୍ ମନ୍ଥର: ଗୋଏଲ

**ଭୁବନେଶ୍ୱର :** ୨୦୧୫ରେ କେନ୍ଦ୍ର ସରକାରଙ୍କ ପକ୍ଷରୁ ଦୀନଦୟାଲ୍ ଉପାଧ୍ୟାୟ ଗ୍ରାମ ଜ୍ୟୋତି ଯୋଜନା (ଡିଡିୟୁଜିଜେୱାଇ)ରେ ଓଡିଶାର ୩୪୭୩ ଗ୍ରାମକୁ ବିଦ୍ୟୁତ ସଂଯୋଗ ଦେବାକୁ ଲକ୍ଷ୍ୟ ରଖାଯାଇଥିଲା। ଏଥିରୁ ୨୪୬୪ ଗ୍ରାମକୁ ବିଦ୍ୟୁତ ସଂଯୋଗ ଦିଆଯାଇଛି। ତେବେ ଦେଶର ୪.୫କୋଟି ଘରେ ଏଯାଏ ବିଦ୍ୟୁତ ସଂଯୋଗ ନାହିଁ। ଏ କ୍ଷେତ୍ରରେ ଓଡ଼ିଶା ବି ପଛରେ ନାହିଁ। ରାଜ୍ୟରେ ବିଦ୍ୟୁତ ପ୍ରକଳ୍ପଗୁଡିକର କାର୍ଯ୍ୟକାରିତା ଖୁବ୍ ମନ୍ଥର ରହିଛି। ଓଡ଼ିଶାରେ ଏ କ୍ଷେତ୍ରରେ ବେଶ ସମସ୍ୟାର ସମ୍ମୁଖୀନ ହେବାକୁ ପଡୁଛି। ବର୍ତ୍ତମାନ ସୁଦ୍ଧା ରାଜ୍ୟର ୩୮,୩୩,୮୪୦ ଘରକୁ ବିଦ୍ୟୁତ ସଂଯୋଗ ଦିଆଯାଇପାରି ନ ଥିବା ମନ୍ତ୍ରାଳୟର ୩ ବର୍ଷର ସଫଳତା ଏବଂ କାର୍ଯ୍ୟକ୍ରମ ସମ୍ପର୍କରେ ସୋମବାର ଏକ ଭିଡିଓ କନ୍‌ଫରେନ୍ସ ଜରିଆରେ ମତ ବିନିମୟ କରି କେନ୍ଦ୍ର ଶକ୍ତି, କୋଇଲା, ନୂତନ ଏବଂ ନବୀକରଣଯୋଗ୍ୟ ଶକ୍ତି ଓ ଖଣି ମନ୍ତ୍ରୀ ପୀୟୂଷ ଗୋଏଲ ଏହା କହିଛନ୍ତି। ଏହି ଅବସରରେ ଗୋଏଲ କହିଲେ, ସମସ୍ତଙ୍କ ପାଇଁ ୨୪ ଘଣ୍ଟିଆ ସୁଲଭ ସ୍ୱଚ୍ଛ ବିଦ୍ୟୁତ୍ ସେବା ଏବଂ ଜାତୀୟ ବିକାଶ ଲାଗି ପ୍ରାକୃତିକ ସମ୍ବଳର ସୁବିନିଯୋଗ ଦ୍ୱାରା 'ଉଜ୍ଜ୍ୱଳ ଭାରତ'ର ଲକ୍ଷ୍ୟ ହାସଲ କରିବା ସମ୍ଭବ ହେବ। ବିଦ୍ୟୁତ ଶକ୍ତି ପାଇଁ ଯଥେଷ୍ଟ କୋଇଲା ଯୋଗାଣ ସୁନିଶ୍ଚିତ କରିବା ଲାଗି ସରକାର ୨୦୧୯-୨୦ ସୁଦ୍ଧା ୧୦୦ କୋଟି ଟନ୍ ଘରୋଇ କୋଇଲା ଉତ୍ପାଦନ ଲାଗି ଲକ୍ଷ୍ୟ ରଖିଛନ୍ତି। ୨୦୧୪ ପରଠାରୁ ୩ବର୍ଷ ମଧ୍ୟରେ ୯.୨ କୋଟି ଟନ୍ ଅଧିକ କୋଇଲା ଉତ୍ପାଦନ କରାଯାଇଛି। ୨୦୧୪ରେ ପାଖାପାଖି ୨ ତୃତୀୟାଂଶ ବିଦ୍ୟୁତ ଶକ୍ତି ପ୍ଲାଣ୍ଟରେ କୋଇଲା ଅଭାବ ଦେଖାଦେଇଥିଲା। ବର୍ତ୍ତମାନ ଆଉ ସେ ସମସ୍ୟା ନାହିଁ। କୋଇଲା ନିଲାମରୁ ରାଜ୍ୟଗୁଡିକୁ ୧,୧୦,୦୦୦ କୋଟି ଟଙ୍କାର ଅତିରିକ୍ତ ରାଜସ୍ୱ ମିଳିଥିବା ଗୋଏଲ କହିଛନ୍ତି। ୨୦୨୨ ଅଗଷ୍ଟ ୧୫ ସୁଦ୍ଧା ରାଜ୍ୟର ସମସ୍ତ ଘରକୁ ବିଦ୍ୟୁତ ସଂଯୋଗ ଲକ୍ଷ୍ୟ ରଖାଯାଇଛି। ଶକ୍ତି ସଞ୍ଚୟ କାର୍ଯ୍ୟକ୍ରମ ଅନ୍ତର୍ଗତ ଉଜାଲା ଯୋଜନା ମାଧ୍ୟମରେ ୨୩ କୋଟି ଏଲଇଡି ବଲବ୍ ବଣ୍ଟନ କରାଯାଇଛି। ଏଥିରୁ ୧୨,୪୦୦ କୋଟି ଟଙ୍କାର ବିଦ୍ୟୁତ୍ ଶକ୍ତି ସଞ୍ଚୟ ସହ ବାର୍ଷିକ ୨.୫କୋଟି ଟନ୍ ଅଙ୍ଗାରକାମ୍ଳ ଗ୍ୟାସ ନିର୍ଗମନ ହ୍ରାସ କରାଯାଇପାରିଥିବା ଗୋଏଲ କହିଛନ୍ତି। ସହରାଞ୍ଚଳରେ ବିଦ୍ୟୁତ୍‌କରଣ ସ୍ଥିତି ଓ ସମନ୍ୱିତ ବିଦ୍ୟୁତ ବିକାଶ ଯୋଜନା(ଆଇପିଡିଏସ୍)ର ଅଗ୍ରଗତି ସମ୍ପର୍କରେ ଅନୁଧ୍ୟାନ କରିବା ଲାଗି ଉର୍ଜା ଆପ୍ ପ୍ରଚଳନ କରାଯାଇଛି। ବିଦ୍ୟୁତ ସରବରାହ ପ୍ରକଳ୍ପ ଅନୁଧ୍ୟାନ ଲାଗି ତରଙ୍ଗ ଏବଂ ବିଦ୍ୟୁତ୍ କାଟ ସୂଚନା ପାଇଁ ଉର୍ଜା ମିତ୍ର ଆପ୍ ପ୍ରଚଳନ କରାଯାଇଥିବା ସେ କହିଛନ୍ତି।

### ମହାନଦୀ ଓ ସ୍ୱତନ୍ତ୍ର ରାଜ୍ୟ ପାହ୍ୟା ପ୍ରସଙ୍ଗ

# ରାଜରାସ୍ତାକୁ ଓହ୍ଲାଇଲା ବିଜେଡି

**ଭୁବନେଶ୍ୱର :** ମହାନଦୀର ଉପରମୁଣ୍ଡରେ ଛତିଶଗଡ଼ର ଦାଦାଗିରି ଓ ଓଡ଼ିଶାକୁ ସ୍ୱତନ୍ତ୍ର ରାଜ୍ୟପାହ୍ୟା ମାନ୍ୟତା ଦାବିକୁ କେନ୍ଦ୍ର ସରକାରଙ୍କ ଅଣଦେଖା ଘଟଣାର ପ୍ରତିବାଦରେ ଯୁବ ଓ ଛାତ୍ର ବିଜେଡି ରାଜରାସ୍ତାକୁ ଓହ୍ଲାଇଛି। ଦଳ ପକ୍ଷରୁ ରାଜ୍ୟବ୍ୟାପୀ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ସବୁ ଜିଲ୍ଲାର ସଦରମହକୁମା ସମେତ ରାଉରକେଲା ଓ ଭୁବନେଶ୍ୱର ଅତିରିକ୍ତ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ କେନ୍ଦ୍ର ସରକାରଙ୍କ ଓଡ଼ିଶା ପ୍ରତି ଏଭଳି ବୈମାତୃକ ମନୋଭାବ ବିରୋଧରେ ଦଳର ଯୁବ ଓ ଛାତ୍ର ସଂଗଠନ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯିବ। ଉଭୟ ସଂଗଠନ ପକ୍ଷରୁ ଏକ ମିଳିତ ପ୍ରେସ୍‌ରିଲିଜ୍‌ରେ ଯୁବ ବିଜେଡି ସଭାପତି ଅମରେଶ ପତ୍ରୀ ଓ ଛାତ୍ର ବିଜେଡି ସଭାପତି ରାଣାପ୍ରତାପ ପାତ୍ର କହିଛନ୍ତି ଯେ ଓଡ଼ିଶାକୁ ସ୍ୱତନ୍ତ୍ର ପାହ୍ୟା ରାଜ୍ୟର ମାନ୍ୟତା ପ୍ରଦାନ ପାଇଁ ଦୀର୍ଘଦିନ ଧରି ଦାବି କରାଯାଉଥିଲେ ମଧ୍ୟ କେନ୍ଦ୍ର ବିଦେଶ ରାଷ୍ଟ୍ରମନ୍ତ୍ରୀ ଭି.କେ. ସିଂହ ରାଜ୍ୟର ନ୍ୟାଯ୍ୟ ଦାବିକୁ ପ୍ରତ୍ୟାଖ୍ୟାନ କରି ନକରାତ୍ମକ ମନ୍ତବ୍ୟ ଦେବା ଏବଂ ଛତିଶଗଡ଼ର ମନ୍ତ୍ରୀ ଅମର ଅଗ୍ରୱାଲ ମହାନଦୀ କେବଳ ଛତିଶଗଡ଼ର ବୋଲି କହିବା କେନ୍ଦ୍ର ଓ ଛତିଶଗଡ଼ ବିଜେପି ଶାସିତ ସରକାର ଓଡ଼ିଶା ପ୍ରତି ହେୟଭାବକୁ ପଦାରେ ପକାଇଛି। ଏହା ରାଜ୍ୟବାସୀଙ୍କ ସମେତ ଯୁବ-ଛାତ୍ରମାନଙ୍କ ମନରେ ଗଭୀର କ୍ଷୋଭ ସୃଷ୍ଟି କରିଛି। ସେହିପରି କଲମା ବ୍ୟାରେଜ୍‌ର ପାଣିକୁ ବନ୍ଦ କରିଦେବା ଫଳରେ ଓଡ଼ିଶାରେ ମହାନଦୀ ଶୁଖିଲା ପଡ଼ିଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏ ସମ୍ପର୍କରେ ଛତିଶଗଡ଼ ମୁଖ୍ୟମନ୍ତ୍ରୀ ଓ ପ୍ରଧାନମନ୍ତ୍ରୀଙ୍କୁ ଅବଗତ କଲେ ମଧ୍ୟ ସ୍ଥିତିରେ ସୁଧାର ଆସୁନି। ତେଣୁ ଓଡ଼ିଶାର ଏହି ନ୍ୟାଯ୍ୟ ଦାବିକୁ ଉପେକ୍ଷାର ପ୍ରତିବାଦରେ ସମସ୍ତ ଜିଲ୍ଲାର ସଦର ମହକୁମାରେ ଆସନ୍ତା ୧୯ ତାରିଖ ଦିନ ପ୍ରତୀକାତ୍ମକ ବିକ୍ଷୋଭ ପ୍ରଦର୍ଶନ କରାଯିବ ଏବଂ ପରବର୍ତ୍ତୀ କାଳରେ ଏହାକୁ ବ୍ୟାପକ କରାଯିବ ବୋଲି ଛାତ୍ର ଓ ଯୁବ ବିଜେଡି ପକ୍ଷରୁ କୁହାଯାଇଛି। ଏହି ବିକ୍ଷୋଭ ଓ ପ୍ରତିବାଦ ସଭାରେ ବହୁ ସଂଖ୍ୟାରେ ଯୁବଛାତ୍ର ସାମିଲ ହେବାକୁ ଯୁବ ବିଜେଡି ସଭାପତି ଅମରେଶ ପତ୍ରୀ, କାର୍ଯ୍ୟକାରିଣୀ ସଭାପତି ସଞ୍ଜିତ ମହାନ୍ତି, ମହାସଚିବ ଶିଶିର ପରିଜା, ଛାତ୍ର ବିଜେଡି ରାଜ୍ୟ ସଭାପତି ରାଣାପ୍ରତାପ ପାତ୍ର, କାର୍ଯ୍ୟକାରୀ ସଭାପତି ଦେବୀରଞ୍ଜନ ତ୍ରିପାଠୀ, ମହାସଚିବ ହରିଶଙ୍କର ରାଉତ ପ୍ରମୁଖ ଅନୁରୋଧ କରିଛନ୍ତି।

# ଉଦୟ ଯୋଜନାରୁ ବାଦ ପଡିଲା ଓଡ଼ିଶା

**ଭୁବନେଶ୍ୱର :** ଉଜ୍ଜ୍ୱଳ ଡିସ୍‌କମ ଆସ୍ୟୁରାନ୍ସ ଯୋଜନା (ଉଦୟ)ରୁ ଓଡ଼ିଶା ବାଦ୍ ହୋଇଛି। ଏହି ଯୋଜନାରେ ମିଳିବାକୁ ଥିବା ଅର୍ଥରୁ ରାଜ୍ୟ ସମ୍ପୂର୍ଣ୍ଣ ବଞ୍ଚିତ ହୋଇଛି। କେନ୍ଦ୍ର ସରକାର ଦେଶରେ ବିଦ୍ୟୁତ୍ ବିତରଣ କମ୍ପାନୀଗୁଡିକୁ ଆର୍ଥିକ ଅନଟନରୁ ରକ୍ଷା କରିବା ସହ ଭିତ୍ତିଭୂମିର ବିକାଶ ପାଇଁ ୨୦୧୫ରୁ ଉଦୟ ଆରମ୍ଭ କରିଛନ୍ତି। ୨୦୧୬ରୁ ଏହି ଯୋଜନାରେ ଅନୁଦାନ ଯୋଗାଇ ଦେବାକୁ ରାଜ୍ୟ ସରକାର ଦେଇଥିବା ୫,୪୦୬ କୋଟି ଟଙ୍କାର ପ୍ରସ୍ତାବକୁ କେନ୍ଦ୍ର ଶକ୍ତି ମନ୍ତ୍ରଣାଳୟ ଅଗ୍ରାହ୍ୟ କରି ଦେଇଛି। ଘରୋଇ କମ୍ପାନୀ ହାତରେ ରାଜ୍ୟର ବିଦ୍ୟୁତ୍ ବ୍ୟବସ୍ଥା ଥିବାରୁ କେନ୍ଦ୍ର ସରକାର ଓଡ଼ିଶାକୁ ଏହି ଯୋଜନାରେ ଅର୍ଥ ଦେବେ ନାହିଁ ବୋଲି ରୋକଠୋକ ଜଣାଇ ଦେଇଛନ୍ତି। ୨୦୧୬ ମାର୍ଚ୍ଚରୁ ରାଜ୍ୟ ସରକାର ରିଲାଏନ୍ସ ଏନର୍ଜି କମ୍ପାନୀ ଲାଇସେନ୍ସ ରଦ୍ଦ କରି ୩ଟି ବଣ୍ଟନ କମ୍ପାନୀ ସେସକୋ, ନେସକୋ ଏବଂ ୱେସକୋ ଦାୟିତ୍ୱ ନିଜ ହାତକୁ ଆଣିଥିଲେ ମଧ୍ୟ ଓଡ଼ିଶାକୁ ଉଭୟ ଯୋଜନାରେ ଅନ୍ତର୍ଭୁକ୍ତ କରାଯାଉନାହିଁ। କେନ୍ଦ୍ର ଶକ୍ତିମନ୍ତ୍ରୀ ପୀୟୁଷ ଗୋଏଲ ମଧ୍ୟ ଏହି ଯୋଜନାରେ ଓଡ଼ିଶାକୁ ସାମିଲ କରିବାକୁ ମନା କରି ଦେଇଛନ୍ତି। ଏ ସମ୍ପର୍କିତ ଏକ ପ୍ରଶ୍ନରେ ଗୋଏଲ କହିଛନ୍ତି ଯେ ଘରୋଇ କମ୍ପାନୀ ହାତରେ ବିଦ୍ୟୁତ୍ ବିତରଣ ବ୍ୟବସ୍ଥା ଥିବାରୁ ଉଭୟ ଯୋଜନାରେ ଅନୁଦାନ ଯୋଗାଇବା ସମ୍ଭବ ନୁହେଁ। ରାଜ୍ୟ ସରକାର ବିଦ୍ୟୁତ୍ ବଣ୍ଟନ କମ୍ପାନୀକୁ ନିଜ ହାତକୁ ନେଲେ ସେ ନେଇ ବିଚାର କରାଯାଇ ପାରେ ବୋଲି ଗୋଏଲ କହିଛନ୍ତି। ନିଜ ମନ୍ତ୍ରଣାଳୟର ତିନିବର୍ଷର ସଫଳତା ଏବଂ କାର୍ଯ୍ୟକ୍ରମ ସମ୍ପର୍କରେ ଗୋଏଲ ଦେଶର ୭ଟି ପ୍ରମୁଖ ସହର ଯଥା ଭୁବନେଶ୍ୱର, ଅହମ୍ମଦାବାଦ, ବାଙ୍ଗାଲୁରୁ, କୋଲକାତା, ଲକ୍ଷ୍ନୌ ଏବଂ ପାଟନାର ଗଣମାଧ୍ୟମ ପ୍ରତିନିଧିଙ୍କ ସହ ଭିଡିଓ କନଫରେନ୍ସିଂ ଜରିଆରେ ମତ ବିନିମୟ କରିଥିଲେ। ସେ କହିଥିଲେ ଯେ ସମସ୍ତଙ୍କ ପାଇଁ ୨୪ ଘଣ୍ଟିଆ ବିଦ୍ୟୁତ୍ ସେବା ଯୋଗାଇଦେବା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସ୍ୱପ୍ନ ରହିଛି। ଗତ ୩ ବର୍ଷ ମଧ୍ୟରେ ମନ୍ତ୍ରଣାଳୟ ଏହି ଲକ୍ଷ୍ୟ ହାସଲ ପାଇଁ ଉଦ୍ୟମ ଜାରି ରହିଛି। ବିଦ୍ୟୁତ୍ ଶକ୍ତି ପାଇଁ ଯଥେଷ୍ଟ କୋଇଲା ଯୋଗାଣ ସୁନିଶ୍ଚିତ କରିବା ଲାଗି ସରକାର ୨୦୧୯-୨୦ ସୁଦ୍ଧା ୧୦୦ କୋଟି ଟନ୍ କୋଇଲା ଉତ୍ପାଦନ ଲକ୍ଷ୍ୟ ରଖିଛନ୍ତି। ୨୦୧୪ ପରଠାରୁ ୯.୨ କୋଟି ଟନ୍ ଅଧିକ କୋଇଲା ଉତ୍ପାଦନ କରାଯାଇଛି। ଏବେ ବିଦ୍ୟୁତ୍ କିମ୍ବା କୋଇଲାର ଅଭାବ ନାହିଁ। ୨୦୧୫ ଏପ୍ରିଲ୍ ପହିଲା ସୁଦ୍ଧା ବିଦ୍ୟୁତ୍ ସଂଯୋଗ ନ ଥିବା ୧୮,୪୫୨ଟି ଗ୍ରାମ ମଧ୍ୟରୁ ଆଉ ମାତ୍ର ୪୦୦୦ ଗ୍ରାମକୁ ବିଦ୍ୟୁତ୍ ଯୋଗାଣ ବାକି ରହିଛି। ୨୦୨୨ ସୁଦ୍ଧା କେନ୍ଦ୍ର ସରକାର ସବୁ ଘରର ବିଦ୍ୟୁତ୍ ସେବା ପହଞ୍ଚାଇବା ଲାଗି ଲକ୍ଷ୍ୟ ରଖିଛନ୍ତି। ଜାତୀୟ ଖଣି ଉତ୍ତୋଳନ ନୀତି ୨୦୧୬ ଦ୍ୱାରା ଖଣିଜ ଉତ୍ତୋଳନ, ଜାତୀୟ ଏରୋ ଜିଓଫିଜିକାଲ୍ ମ୍ୟାପିଂ ପ୍ରୋଜେକ୍ଟ ମାଧ୍ୟମରେ କରାଯିବାକୁ ଲକ୍ଷ୍ୟ ରଖାଯାଇଛି, ଯାହା ୨୦୧୯ ସୁଦ୍ଧା ୨୭ ଲକ୍ଷ କିମି ଲାଇନ୍‌ର ଏରୋଫିଜିକାଲ ଡାଟା ସଂଗ୍ରହ କରାଯାଇପାରିବ। ସ୍ୱଚ୍ଛ ନିଲାମୀ ମାଧ୍ୟମରେ ୨୪ଟି ଖଣି ଆବଣ୍ଟନ କରାଯାଇଥିବାରୁ ଆନୁମାନିକ ୧ ଲକ୍ଷ କୋଟି ଟଙ୍କାର ରାଜସ୍ୱ ଖଣି ଲିଜ୍ ଅବଧି ମାଧ୍ୟମରେ ରାଜ୍ୟଗୁଡିକୁ ମିଳିପାରିବ ବୋଲି ଗୋଏଲ କହିଛନ୍ତି।

# ରାଜ୍ୟରେ ଆଇନ ଶୃଙ୍ଖଳା ନଷ୍ଟର ସ୍ପଷ୍ଟ ସୂଚନା : ବିଜେପି

**ଭୁବନେଶ୍ୱର :** କେନ୍ଦ୍ରମନ୍ତ୍ରୀ ମାନଙ୍କ ଉପରକୁ ଥରକୁ ଥର ଅଣ୍ଡା ଓ ପଥରମାଡ଼ ହେଉଛି। ଏହା ମାନନୀୟ କେନ୍ଦ୍ରମନ୍ତ୍ରୀ ମାନଙ୍କ ପାଇଁ ଅତ୍ୟନ୍ତ ଅସମ୍ମାନଜନକ ଓ ଏକାନ୍ତ ଅସୁରକ୍ଷିତ। ରାଜ୍ୟରେ ଆଇନ ଶୃଙ୍ଖଳା ପରସ୍ଥିତି ପୂରାପୂରି ବିପର୍ଯ୍ୟସ୍ତ ହୋଇଛି ବୋଲି ସ୍ପଷ୍ଟ ହୋଇଯାଇଛି। ଏଭଳି ଆଇନ ଉଲ୍ଲଙ୍ଘନ ଓ ଦୁର୍ଭାଗ୍ୟଜନକ ଘଟଣା ଜାତୀୟସ୍ତରରେ ଓଡ଼ିଶାକୁ ଅପମାନିତ ଓ ନିନ୍ଦିତ କରୁଛି। ରାଜ୍ୟରେ ଆଇନ ଶୃଙ୍ଖଳାକୁ ସ୍ୱାଭାବିକ ଓ ନିରପେକ୍ଷ କରିବାକୁ ଆଜି ରାଜ୍ୟ ବିଜେପି ସଭାପତି ବସନ୍ତ ପଣ୍ଡାଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ରାଜଭବନରେ ମାନନୀୟ ରାଜ୍ୟପାଳଙ୍କୁ ସାକ୍ଷାତ କରି ଏହି ସଂପର୍କରେ ଏକ ସ୍ମାରକ ପତ୍ର ପ୍ରଦାନ କରିଛନ୍ତି।

କେନ୍ଦ୍ର ସରକାରଙ୍କ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟକ୍ରମକୁ ତଦାରଖ ଓ ତ୍ୱରାନ୍ୱିତ କରିବାକୁ ଆସୁଥିବା ସମ୍ମାନନୀୟ କେନ୍ଦ୍ରମନ୍ତ୍ରୀମାନଙ୍କ ଉପରେ ଲଗାତାର ଅସମ୍ମାନଜନକ ଓ ମରଣାନ୍ତକ ଆକ୍ରମଣ ହେଉଛି। କେନ୍ଦ୍ରମନ୍ତ୍ରୀମାନେ ଯେଉଁ ଅଂଚଳ ପରିଦର୍ଶନରେ ଆସୁଛନ୍ତି, ସେଠାରେ ଶାସକ ବିଜେଡି ଦଳ ଦ୍ୱାରା ପ୍ରାୟୋଜିତ ଓ ଅସମ୍ମାନଜନକ ଘଟଣା ଓଡ଼ିଶାକୁ ଜାତୀୟସ୍ତରରେ ନିନ୍ଦିତ କରୁଛି। ରାଜ୍ୟରେ ଆଇନ ଶୃଙ୍ଖଳା ପରିସ୍ଥିତି ଦିନକୁଦିନ ବିପର୍ଯ୍ୟସ୍ତ ହେବାରେ ଲାଗିଛି। ଯେଉଁମାନେ ଏଭଳି ଅଘଟଣ ଘଟାଉଛନ୍ତି ସେମାନଙ୍କୁ ତୁରନ୍ତ ଗିରଫ କରି ସେମାନଙ୍କ ଉପରେ ତୁରନ୍ତ

### କେନ୍ଦ୍ରମନ୍ତ୍ରୀଙ୍କୁ ଅଣ୍ଡାମାଡ଼ ଘଟଣା

ଏବଂ କଂଗ୍ରେସ ଦଳ ଦ୍ୱାରା ଆୟୋଜିତ ହିଂସାତ୍ମକ କାର୍ଯ୍ୟକ୍ରମ ଦ୍ୱାରା କେନ୍ଦ୍ରମନ୍ତ୍ରୀମାନଙ୍କୁ ଅଣ୍ଡା ଓ ପଥର ମାଡ଼ କରିବା ସହ ସେମାନଙ୍କ ଗାଡ଼ିକୁ ବିଧା, ଗୋଇଠା ମଧ୍ୟ ମରାଯାଉଛି। ଏହାବ୍ୟତୀତ କେନ୍ଦ୍ରମନ୍ତ୍ରୀମାନଙ୍କ ଗସ୍ତ ସମୟରେ ସେମାନଙ୍କୁ ବିଜେଡି ଓ କଂଗ୍ରେସ କର୍ମୀମାନେ କଳା ପତାକା ପ୍ରଦର୍ଶନ କରୁଛନ୍ତି। ଏଭଳି ଅସୁରକ୍ଷିତ ଆଇନଗତ ପଦକ୍ଷେପ ନିଆଯାଉ ବୋଲି ବିଜେପିର ପ୍ରତିନିଧି ମଣ୍ଡଳୀଦାବି କରିଛନ୍ତି।

ଜୁନ ୧୩ ତାରିଖରେ କେନ୍ଦ୍ରମନ୍ତ୍ରୀ ଜୁଏଲ ଓରାମ୍ 'ସବ୍‌କା ସାଥ ସବ୍‌କା ବିକାଶ' କାର୍ଯ୍ୟକ୍ରମରେ ଯୋଗଦେବାକୁ କେନ୍ଦ୍ରପଡ଼ା ଗସ୍ତରେ ଯାଉଥିବା ବେଳେ କିଛି ବିଜେଡି ଓ କଂଗ୍ରେସ କର୍ମୀ କେନ୍ଦ୍ରମନ୍ତ୍ରୀ ଶ୍ରୀ ଓରାମ୍‌ଙ୍କ ଗାଡ଼ି ଉପରକୁ



ଅଣ୍ଡା ଓ ପଥର ମାଡ଼ କରିଥିଲେ। ଜଣେ ଅନୁସୂଚିତ ଜନଜାତି ସମ୍ପ୍ରଦାୟର ତଥା ଆଦିବାସୀ ଉନ୍ନୟନ ବିଭାଗର କ୍ୟାବିନେଟ୍ ପାହ୍ୟା କେନ୍ଦ୍ରମନ୍ତ୍ରୀ ଶ୍ରୀ ଓରାମ୍‌ଙ୍କ ପାଇଁ ଉଚ୍ଚସ୍ତରୀୟ ସିକ୍ୟୁରିଟି ବ୍ୟବସ୍ଥା ଥିବାବେଳେ ପୋଲିସ ଉପସ୍ଥିତିରେ ବିଜେଡି ଓ କଂଗ୍ରେସ କର୍ମୀମାନେ କିପରି ଆକ୍ରମଣ କଲେ ? ଗଣମାଧ୍ୟମରେ ଏ ଖବର ପ୍ରଚାର ପ୍ରସାର ହୋଇଥିଲେ ମଧ୍ୟ ପୋଲିସ ଦୁର୍ବୃତମାନଙ୍କ ବିରୋଧରେ ମାମଲା ରୁଜୁ କରି ଗିରଫ କରୁନାହିଁ କାହିଁକି ? କେବଳ ଶ୍ରୀ ଓରାମ ନୁହଁନ୍ତି, କିଛିଦିନ ପୂର୍ବେ କେନ୍ଦ୍ର କୃଷିମନ୍ତ୍ରୀ ଶ୍ରୀ ରାଧାମାହେନ ସିଂହଙ୍କ ଉପରେ ଏଭଳି ଅଣ୍ଡା ମାଡ଼ କରିଥିଲେ ବିଜେଡି ଓ କଂଗ୍ରେସ କର୍ମୀମାନେ। ଘଟଣାସ୍ଥଳରେ ଉପସ୍ଥିତ ଥାଇ ମଧ୍ୟ ପୋଲିସ ସେମାନଙ୍କ ଉପରେ କୌଣସି ପଦକ୍ଷେପ ନେଇନାହିଁ ବୋଲି ଅଭିଯୋଗ କରିଛି ବିଜେପି। ଗତ ତ୍ରିସ୍ତରୀୟ ପଂଚାୟତ ନିର୍ବାଚନ ପୂର୍ବରୁ ଓ ପରେ ସାରା ରାଜ୍ୟରେ ଶାସକ ବିଜେଡିର ନେତା ଓ କର୍ମୀମାନେ ରକ୍ତମୁଖା ଓ ପ୍ରତିହିଂସା ପରାୟଣ ହୋଇ ଅନ୍ୟୂନ ୧୫ ଜଣ ବିଜେପି କାର୍ଯ୍ୟକର୍ତ୍ତାଙ୍କୁ ହତ୍ୟା କରିଛନ୍ତି। ରାଜ୍ୟରେ ମହିଳା, ଅନୁସୂଚିତ ଜାତି ଓ ଜନଜାତି, ଦଳିତମାନଙ୍କ ଉପରେ ଆକ୍ରମଣ ଓ ହତ୍ୟା ଏବଂ ରାଜନୈତିକ ହିଂସାରେ ଶିକାର ହେଉଥିବା ସାଧାରଣ ଲୋକଙ୍କ ସୁରକ୍ଷା ପାଇଁ ମୁଖ୍ୟମନ୍ତ୍ରୀ କୌଣସି ପଦକ୍ଷେପ ନେଉନାହାଁନ୍ତି। ରାଜ୍ୟରେ ପୋଲିସ ମଧ୍ୟ ନୀରବଦ୍ରଷ୍ଟା ସାଜିଛି। ସବୁଠି ପୋଲିସ ଶାସକ ବିଜେଡିର ହାତବାରିସ ସାଜିଥିବା ସ୍ପଷ୍ଟ ଦେଖିବାକୁ ମିଳୁଛି। ଏ ସମସ୍ତ ଅଭିଯୋଗକୁ ଉପସ୍ଥାପନ କରିବା ସହ ରାଜ୍ୟରେ ଆଇନ ଶୃଙ୍ଖଳା ପରିସ୍ଥିତିକୁ ସ୍ୱାଭାବିକ ଓ ନିରପେକ୍ଷ କରିବାକୁ ଗଣତାନ୍ତ୍ରିକ ରାଷ୍ଟ୍ରରେ ସାମ୍ବିଧାନିକ ବ୍ୟବସ୍ଥାରେ ରାଜ୍ୟପାଳଙ୍କୁ ଆଜି ରାଜ୍ୟ ବିଜେପି ପକ୍ଷରୁ ଏଭଳି ଏକ ସ୍ମାରକପତ୍ର ପ୍ରଦାନ କରାଯାଇଛି। ଏହି ପ୍ରତିନିଧି ମଣ୍ଡଳୀରେ ରାଜ୍ୟ ବିଜେପି ସଭାପତି ଶ୍ରୀ ବସନ୍ତ ପଣ୍ଡାଙ୍କ ସହ ସାଧାରଣ ସମ୍ପାଦକ ପୃଥ୍ୱୀରାଜ ହରିଚନ୍ଦନ, ରାଜ୍ୟ ବିଜେପି ଉପସଭାନେତ୍ରୀ ସୁକେଶୀ ଓରାମ୍, ରାଜ୍ୟ ପ୍ରବକ୍ତା ସୁଦୀପ୍ତ ରାୟ ଓ ଦୀଲିପ ମହାନ୍ତି ଏବଂ ମହିଳା ମୋର୍ଚ୍ଚା ରାଜ୍ୟ ସଭାନେତ୍ରୀ ଶ୍ରୀମତୀ ପ୍ରଭାତୀ ପରିଡା ପ୍ରମୁଖ ସାମିଲ ହୋଇଥିଲେ।

ଯେଉଁ ଧନ ଧର୍ମ ତ୍ୟାଗ କରିବା ଦ୍ୱାରା ମିଳିବ ଶତ୍ରୁମାନଙ୍କ ଆଗରେ ନଇଁବା ଦ୍ୱାରା ମିଳିବ ସେହି ଧନପ୍ରାପ୍ତିର ଇଚ୍ଛା ନରଖିବା ଦରକାର : ଚାଣକ୍ୟ



EKAMAATRA
ଏକମାତ୍ର
ଅନୁସନ୍ଧାନ ପରେ ଖବର

## ସମ୍ପାଦକୀୟ

# ବିବାଦ ନହେଉ

କାଠଯୋଡ଼ି ଉପରେ ନବନିର୍ମିତ ତ୍ରିଶୂଳିଆ ସେତୁର ନାମକରରକୁ ନେଇ କଟକ ସହରର ବିଭିନ୍ନ ସଂଗଠନ ପକ୍ଷରୁ ବିବାଦ ଆରମ୍ଭ ହୋଇଛି । ବିବାଦ ପଛର କାରଣ ସ୍ପଷ୍ଟ ହୋଇ ନ ଥିଲେ ବି ମହାପୁରୁଷ, ବିଶିଷ୍ଟ ସଂଗୀତଜ୍ଞ ଓ ରାଜନେତାଙ୍କ ନାମକୁ ଏହି ସେତୁର ନାମକରଣ ସହ ଯୋଡ଼ାଯିବାକୁ ନେଇ ଯେଉଳି ସ୍ୱର ଉଠୁଛି ତାହା ଭଲ ଶୁଭୁଥିଲେ ବି ବାସ୍ତବ କ୍ଷେତ୍ରରେ ଏହାର ଯଥାର୍ଥତାକୁ ନେଇ ନାନାପ୍ରଶ୍ନ ଉଙ୍କିମାରୁଛି । କିଛିଦିନ ତଳେ ଗୋଟିଏ ସଂଗଠନ ଦାବି ଉଠାଇଥିଲେ ଯେ ପ୍ରଖ୍ୟାତ କଣ୍ଠଶିଳ୍ପୀ ତଥା ଓଡ଼ିଆ ସଂଗୀତର ଯାଦୁକର ଅକ୍ଷୟ ମହାନ୍ତି (ଖୋକାଭାଇ)ଙ୍କ ନାମରେ ଏହି ସେତୁର ନାମକରଣ ହେଉ । ଏହି ଖବରଟି ରାଜ୍ୟର ଅଗଣିତ ଅକ୍ଷୟପ୍ରେମୀ ଓ ସଂଗୀତଜଗତ ସହ ଜଡ଼ିତ ସମସ୍ତଙ୍କ ମନରେ ଏକପ୍ରକାର ଆନନ୍ଦ ଭରିଦେଇଥିଲା । କାରଣ ଅକ୍ଷୟଙ୍କ ଅବଦାନ ଅବିସ୍ମରଣୀୟ । ସେ ଓଡ଼ିଆ ସଂଗୀତକୁ ଏକ ନୂଆରୂପ ଦେଇଥିଲେ । ତାଙ୍କ କଣ୍ଠର ଯାଦୁ ସବୁ ସଂଗୀତପ୍ରେମୀଙ୍କୁ ସମ୍ମୋହିତ କରୁଥିଲା । ଆଜି ବି ଓଡ଼ିଶାର ପୁରପଲ୍ଲୀରେ ଅକ୍ଷୟଙ୍କ ଗୀତର ମାଧୁର୍ଯ୍ୟ ଅଭୁଲା ହୋଇରହିଛି । ଅକ୍ଷୟଙ୍କ ଜୀବଦଶା ସେଇ ଐତିହ୍ୟପୂର୍ଣ୍ଣ କଟକ ସହରରେ ପ୍ରତିଟି କୋଣରେ କଟିଛି । ସଂଗୀତର ବାଦ୍‌ଶାହା ଅକ୍ଷୟ ଯେ କେବଳ ସଂଗୀତ ସହ ଜଡ଼ିତ ଥିଲେ, ତାହା ନୁହେଁ । ସେ ଓଡ଼ିଆ ସାହିତ୍ୟକୁ ଅନେକ ସ୍ମରଣୀୟ ଗଳ୍ପ ମଧ୍ୟ ଦେଇଛନ୍ତି । ତାଙ୍କ ଗୀତ ଯେମିତି, ତାଙ୍କ ଗଳ୍ପ ମଧ୍ୟ ସେମିତି ପ୍ରଭାବୀ । କଣ୍ଠସ୍ୱରରେ ଭିନ୍ନତା ପରି ତାଙ୍କ ଲେଖା ମଧ୍ୟ ଏକ ନୂଆ ଯୁଗର ସମ୍ଭାବନା ସୃଷ୍ଟି କରିଥିଲା । ଏମିତି ଜଣେ ଯୋଗ୍ୟ ଓଡ଼ିଆପୁଅର ନାମକୁ ସ୍ମରଣୀୟ କରିବା ପାଇଁ ଯେଉଁ ସଂଗଠନ ଏ ଦାବି ଉଠାଇଥିଲେ, ସେମାନଙ୍କ ଦାବି କ'ଣ ଯଥାର୍ଥ୍ୟ ନ ଥିଲା ?

ଏ ପ୍ରଶ୍ନ ଏଥିପାଇଁ ଯେ ଅକ୍ଷୟଙ୍କ ନାଁ ଉଠିବା ପରେ ସେହି କଟକ ସହରର ଆହୁରି କିଛି ସଂଗଠନ ଅନ୍ୟ ବିଶିଷ୍ଟ ବ୍ୟକ୍ତି ଓ ମହାପୁରୁଷଙ୍କ ନାମ ତ୍ରିଶୂଳିଆ ସେତୁ ସହ ଯୋଡ଼ିବାକୁ ଦାବି ଉଠାଇଲେଣି । ନୂଆ ଦାବିଗୁଡ଼ିକ ଯଥାର୍ଥ ହୋଇପାରେ, ମାତ୍ର ଅକ୍ଷୟ ମହାନ୍ତିଙ୍କ ନାମକୁ ନେଇ ବିବାଦ କାହିଁକି ? ଯେଉଁମାନଙ୍କ ନାମ ସେତୁ ସହ ଯୋଡ଼ିବାକୁ ଦାବି ଉଠୁଛି, ସେଥିରେ ଆମର କେତେ ଆନ୍ତରିକତା ? ପ୍ରକୃତରେ ଆମେ ଯେଉଁ ମହାପୁରୁଷ ଏବଂ ବିଶିଷ୍ଟ ବ୍ୟକ୍ତିଙ୍କ ସ୍ମରଣୀୟ କରିବାକୁ ଚାହୁଁଛେ, ସେମାନଙ୍କ ସମ୍ପର୍କରେ ଆଗରୁ ସରକାରଙ୍କ ନିକଟରେ କିଛି ପ୍ରସ୍ତାବ ରଖିଥିଲେ ବି ? ଯେବେ ରଖିଥିଲେ ଏହା କେତେଦୂର କାର୍ଯ୍ୟକାରୀ ହେଲା ସେ ଦିଗରେ ଧ୍ୟାନ ନ ଦେଇ ଜଣଙ୍କ ନାଁକୁ କାଟି ଆଉଜଣଙ୍କ ନାଁ ଯୋଡ଼ିଲେ ବିଶେଷ ଲାଭ ହେବନି । କାରଣ ପ୍ରତ୍ୟେକ ବରପୁତ୍ର ସମ୍ମାନନୀୟ । ସମସ୍ତଙ୍କ ନାଁ ଅକ୍ଷୁର୍ଣ୍ଣ ରଖିବାକୁ ଆମମାନଙ୍କର ଉଦ୍ୟମ ହେବା ଦରକାର । ପୂଜ୍ୟପୂଜାର ମହତ୍ତ୍ୱ ପ୍ରତିପାଦିତ କରାଇବା ଦିଗରେ ସଂଗଠନ କାହିଁକି ବ୍ୟକ୍ତିଗତ ସ୍ତରରେ ମଧ୍ୟ ଆମେ ଅନେକ କିଛି କରିପାରିବା ।

ଏବେ ଶ୍ରୀଚୈତନ୍ୟ ଏବଂ ବିଶିଷ୍ଟ ରାଜନେତା ବସନ୍ତ ବିଶ୍ୱାଳଙ୍କ ନାମ ତ୍ରିଶୂଳିଆ ସେତୁ ସହ ଯୋଡ଼ିବାକୁ ଦାବି ଉଠୁଛି । ତେବେ ଗୋଟିଏ ସେତୁ ସହ ୩ଟି ନାମକୁ ଯୋଡ଼ି ବିବାଦ ସୃଷ୍ଟି ନ କରି ସ୍ଥିରମନରେ ଚିନ୍ତା କରିବା ଯେ କେଉଁ ଦାବି ଯଥାର୍ଥ ? ସେମିତି ଭାବରେ ବିଚାର ନ କଲେ ଆମେ ଅନ୍ୟକୁ ସମ୍ମାନ ଦେବା ବଦଳରେ ସେମାନଙ୍କ ପ୍ରତି ଘୋର ଅସମ୍ମାନ ପ୍ରଦାନ କରିବା । ଏଥିରେ କାହାର କିଛି ସ୍ୱାର୍ଥ ହାସଲ ହେବନି । ଯଦି କୌଣସି ଚାପ ବା ରାଜନୈତିକ ପ୍ରେରଣାରେ ଏଭଳି ବିବାଦ ଉଠୁଥାଏ, ତାହା ଘୋର ଅନ୍ୟାୟ ହେବ । ବରପୁତ୍ରମାନେ ବିବାଦର ଉର୍ଦ୍ଧ୍ୱରେ ରହିବା କଥା । ସ୍ୱାର୍ଥ ସୁରକ୍ଷା ଚିନ୍ତାରେ ଆଉ ଏଭଳି କିଛି ନ ହେଉ, ଯାହା ଅନ୍ୟଜଣଙ୍କ ଭାବନା ଓ ଶ୍ରଦ୍ଧା ପ୍ରତି ଆଞ୍ଚ ଆଣିବ । ତେଣୁ ଯଥାର୍ଥ ଦାବିର ଯଥାର୍ଥତାକୁ ଭଲଭାବେ ହୃଦୟଙ୍ଗମ କରି ଆମେ ଆନ୍ଦୋଳନକୁ ଓହ୍ଲାଇଲେ ଏଥିରେ ଜନସମର୍ଥନ ସହଜରେ ମିଳିଥାଏ । ଗୋଷ୍ଠିବାଦରୁ ଊର୍ଦ୍ଧ୍ୱକୁ ଯାଇ ସମସ୍ତଙ୍କୁ ଚିନ୍ତା କରିବାକୁ ପଡ଼ିବ ଯେ କାହା ନାମରେ ଏହି ନବନିର୍ମିତ ସେତୁକୁ ନାମକରଣ କରାଗଲେ ପରବର୍ତ୍ତୀ ପିଢ଼ି ଆମର ଦାବିକୁ ସ୍ୱୀକାର କରିବେ । ଯେଉଁଥିରେ ଆମର ସାମାନ୍ୟ ପ୍ରଚେଷ୍ଟା ବି ଏକ ଗୁରୁତ୍ୱପୂର୍ଣ୍ଣ ସ୍ଥିତିର ମର୍ଯ୍ୟାଦା ଲାଭ କରିପାରିବ । ତେଣୁ ସେତୁର ନାମକରଣକୁ ନେଇ ଅଯଥା ବିବାଦ ନହେଉ ।

# ରାଷ୍ଟ୍ରପତି ପ୍ରାର୍ଥୀତ୍ୱକୁ ନେଇ ସଂଶୟ



ସୌମେନ୍ଦ୍ର ଜେନା

ନିକଟରେ ରାଷ୍ଟ୍ରପତି ନିର୍ବାଚନ ପାଇଁ ଅଧିସୂଚନା ଜାରି ହେବାପରେ ଏବେ ନିର୍ବାଚନ ଆୟୋଗ କାର୍ଯ୍ୟାଳୟରେ ଏକ ସ୍ୱତନ୍ତ୍ର ସେଲ କାର୍ଯ୍ୟାରମ୍ଭ କରିଛି । ରାଷ୍ଟ୍ରପତି ପଦବୀକୁ ନେଇ ଲୋକଙ୍କ ମନରେ ଆଗ୍ରହ ଥିଲାବେଳେ ବିଜେପି ଓ ସହଯୋଗୀ ଦଳଙ୍କ ମଧ୍ୟରେ ନୀରବତା ଏବଂ କଂଗ୍ରେସ ତଥା ବିରୋଧୀ ଦଳଙ୍କ ମଧ୍ୟରେ ସ୍ପଷ୍ଟ ସହଯୋଗ ନେଇ କୌଣସି ସୂଚନା ମିଳିପାରିନାହିଁ । ଯଦିଓ ଏ ନେଇ ମମତା ବାନାର୍ଜୀ କଂଗ୍ରେସ ନେତ୍ରୀ ସୋନିଆ ଗାନ୍ଧିଙ୍କୁ ସାକ୍ଷାତ କରି ମିଳିତ ବିରୋଧୀ ମହାମେଣ୍ଟର ପ୍ରାର୍ଥୀ ଦେବାକୁ ଘୋଷଣା କରୁଛନ୍ତି । ତଥାପି କୌଣସି ପ୍ରାର୍ଥୀଙ୍କ ନାମକୁ ନେଇ ସମସ୍ତେ ଏକମତ ହୋଇପାରିନାହାନ୍ତି । ଏବେ ନୂଆ ନୂଆ ଦୁର୍ନୀତିରେ ଫସିଥିବା ଲାଲୁ ପରିବାରକୁ ସ୍ୱଚ୍ଛବୋଲି ଦର୍ଶାଇବା ପାଇଁ ଆଗାମୀ ଦିନରେ ପାଟନାଠାରେ ରାଷ୍ଟ୍ରୀୟ ଲୋକଦଳ ପକ୍ଷରୁ ଏକ ସଭାର ଆୟୋଜନ କରାଯାଇଛି । ଯେଉଁ ସଭାକୁ ସମସ୍ତ ବିରୋଧୀପକ୍ଷ ନେତୃବୃନ୍ଦଙ୍କୁ ନିମନ୍ତ୍ରଣ କରାଯାଇଥିବା କୁହାଯାଉଛି । ଗତ ୮ ମଇରେ ଲାଲୁଯାଦବଙ୍କ ବିରୁଦ୍ଧରେ ଗୋଖାଦ୍ୟ ଦୁର୍ନୀତି ମାମଲାର ସୁପ୍ରିକୋର୍ଟରେ ବିଚାର ହେବ ବୋଲି ସ୍ଥିର ହୋଇଛି । ପୂର୍ବରୁ ଏହି ମାମଲାରେ ତାଙ୍କୁ ୬ବର୍ଷ ଜେଲଦଣ୍ଡ ମିଳିଛି । ବିହାରର ପୂର୍ବତନ ମନ୍ତ୍ରୀ ଜଗନ୍ନାଥ ମିଶ୍ର ଏବଂ ଆଇଏଏସ ରାଜନ ଚକ୍ରବର୍ତ୍ତୀଙ୍କ ବିରୁଦ୍ଧରେ ମାମଲା ଚାଲିବ ବୋଲି ଜଣାପଡିଛି । ନଭେମ୍ବର ୨୦୧୪ରେ ଝାଡଖଣ୍ଡ ହାଇକୋର୍ଟର ଜଜ ଆର.ଆର. ପ୍ରସାଦ ଲାଲୁଙ୍କ ସମେତ ଉପରୋକ୍ତ ଦୁଇ ଅଭିଯୁକ୍ତଙ୍କୁ ମୁକ୍ତ କରିଥିବା ଯୋଗୁ ସୁପ୍ରିମକୋର୍ଟ ବିରକ୍ତି ପ୍ରକାଶ କରିଛନ୍ତି । ଏହି ମାମଲା ଆଗାମୀ ୯ମାସ ମଧ୍ୟରେ ଶେଷ ହେବ ବୋଲି ଜଣାପଡିଛି । ତେଣୁ ଲାଲୁଙ୍କ ସପକ୍ଷରେ ବିରୋଧୀଙ୍କୁ ରଖିବା ପାଇଁ ୨୭ଅଗଷ୍ଟରେ ପାଟନାର ଗାନ୍ଧି ମଇଦାନଠାରେ ବିଜେପି ବିରୋଧୀ ମହାସମାବେଶର ଆୟୋଜନ କରାଯାଇଛି । ତା ପୂର୍ବରୁ ନିଜ ସମସ୍ୟାକୁ ଲକ୍ଷ୍ୟ କରି ଆର୍‌ଜେଡି ମୁଖ୍ୟ ଲାଲୁ ଏବେ ଭିନ୍ନ ଭିନ୍ନ ବିଷୟରେ ବକ୍ତବ୍ୟ ଦେବାକୁ ମଧ୍ୟ ଭୁଲୁନାହାନ୍ତି । ଏବେ ସେ ରାଷ୍ଟ୍ରପତି ନିର୍ବାଚନ ଆଳରେ ଅନ୍ୟ ବିରୋଧୀ ଦଳନେତାମାନଙ୍କୁ ନିଜ ସପକ୍ଷରେ ରଖିବାକୁ ଚାହାନ୍ତି । ଠିକ୍ ସେମିତି ମମତା ବାନାର୍ଜୀ ମଧ୍ୟ ବିରୋଧୀ-ରାଜନୀତିରେ ନିଜ ପତିଆରାକୁ ଜାହିର କରିବାଲାଗି ଗୋପାଳକୃଷ୍ଣ ଗାନ୍ଧିଙ୍କ ନାମକୁ ପ୍ରାର୍ଥୀ ପାଇଁ ଆଣିଛନ୍ତି । ଯଦିଓ ଶାସକ ଦଳ ନିଜ ପକ୍ଷରୁ ରାଷ୍ଟ୍ରପତି ପ୍ରାର୍ଥୀଙ୍କ ନାମ ଘୋଷଣା କରିନାହିଁ, ସେ ଦୃଷ୍ଟିରୁ ବିରୋଧୀ ଦଳମାନେ ମଧ୍ୟ ନିଜ ରଣନୀତିକୁ ଠିକ୍ କରିପାରିନାହାନ୍ତି । ଜେଡିୟୁ ପକ୍ଷରୁ ବର୍ତ୍ତମାନର ରାଷ୍ଟ୍ରପତି ପ୍ରଣବ ମୁଖାର୍ଜୀଙ୍କ ନାମକୁ ପୁଣିଥରେ ଆଗକୁ ଆଣିବାଲାଗି ଚେଷ୍ଟା କରାଯାଇଥିଲେ ମଧ୍ୟ କଂଗ୍ରେସ ଦଳର ସମର୍ଥନ ନ ମିଳିବା କାରଣରୁ ତାହା ସଫଳ ହୋଇପାରିନାହିଁ ।

ରାଷ୍ଟ୍ରପତି ନିର୍ବାଚନ ପାଇଁ ଗଣମାଧ୍ୟମରେ ସମ୍ଭାବ୍ୟ ବିଜେପି ପ୍ରାର୍ଥୀଭାବେ ଲାଲକୃଷ୍ଣ ଆଡଭାନୀ, ମୂରଲୀ ମନୋହର ଯୋଷୀ, ସୁଷମା ସ୍ୱରାଜ, ସୁମିତ୍ରା ମହାଜନ, ଦ୍ରୌପଦୀ ମୁର୍ମୁଙ୍କ ନାମ ଚର୍ଚ୍ଚାର ପରିସରକୁ ଆସିଛି । ଏପରିକି ଶିବସେନା ପକ୍ଷରୁ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ସରସଂଘଚାଳକ ମୋହନରାଓ ଭାଗବତଙ୍କ ନାମ ପାଇଁ ସାଧାରଣରେ ଦାବି କରାଯାଇଥିଲା । କିନ୍ତୁ ସଂଘ ପକ୍ଷରୁ ମୋହନ ଭାଗବତଙ୍କ ନାମକୁ ଅସ୍ୱୀକାର କରାଯାଇଛି । ମୋଦି ଏ ବାବଦରେ ନିଜ କାର୍ଡ ଏ ଯାଏଁ ଖୋଲି ନାହାନ୍ତି । କିନ୍ତୁ ପୂର୍ବରୁ ପୋର ବନ୍ଦରଠାରେ ଅନୁଷ୍ଠିତ ଏକ ବୈଠକ କାଳରେ ଆଡଭାନୀ ରାଷ୍ଟ୍ରପତି ହେଲେ ସେ ଖୁସି ହେବେ ବୋଲି ପ୍ରକାଶ କରିଥିଲେ । ହେଲେ ଇତି ମଧ୍ୟରେ ସିବିଆଇ ପକ୍ଷରୁ ଅଯୋଧ୍ୟା ମାମଲାରେ ଆଡଭାନୀଙ୍କ ନାମ ଅଭିଯୁକ୍ତ ତାଲିକାରେ ଥିବା ଯୋଗୁ ତାଙ୍କର ନାମ ଆଗକୁ ଆସିବାର ସମ୍ଭାବନା କମ୍ ରହିଛି । ସୁଷମା ସ୍ୱରାଜଙ୍କ କିଡନୀ ପ୍ରତ୍ୟାରୋପଣ ପରେ ବାହାରକୁ ସେ ଅଧିକ ଗସ୍ତ ନକରିବା ପାଇଁ ପରାମର୍ଶ ଦିଆଯାଇଥିବା ଯୋଗୁ ତାଙ୍କୁ ସ୍ୱାସ୍ଥ୍ୟଗତ ଦୃଷ୍ଟିରୁ କେତେଦୂର ସକ୍ଷମ ମନେକରି ପ୍ରାର୍ଥୀ କରାଯିବ ତାହା ସନ୍ଦେହରେ ରହିଛି । ଏ କ୍ଷେତ୍ରରେ ସୁମିତ୍ରା ମହାଜନ ଓ ଦ୍ରୌପଦୀ ମୁର୍ମୁଙ୍କ ନାମକୁ ବିଚାର କରାଯାଇଥିଲା । ଯଦି ଆଦିବାସୀ କାର୍ଡ ଚଳାଇ ଓଡିଶା ଲୋକଙ୍କୁ ନିଜ, ସପକ୍ଷରେ ନେବାକୁ ମୋଦି ଲକ୍ଷ୍ୟ ରଖିଥାନ୍ତି ତେବେ ମୁର୍ମୁଙ୍କ ପ୍ରାର୍ଥୀ କରାଯାଇପାରେ । ସଂଘ ମଧ୍ୟ ମୁର୍ମୁଙ୍କ ନାମକୁ ସମର୍ଥନ କରିବବୋଲି ଶୁଣାଯାଉଛି । ଏହାବାଦ ଲୋକସଭାର ବାଚସ୍ପତି ତଥା ଇନ୍ଦୋରରୁ ଦୀର୍ଘଦିନ ଧରି ସାଂସଦ ରହିଆସିଥିବା ସୁମିତ୍ରା ମହାଜନଙ୍କୁ ସବୁଠୁ ସକ୍ଷମ ପ୍ରାର୍ଥୀ ବୋଲି କୁହାଯାଇପାରେ । ହିନ୍ଦୀରେ ଦକ୍ଷତା, ଗୃହପରିଚାଳନାରେ ପାରଙ୍ଗମତା, ସାଂସଦ ଭାବେ ଦୀର୍ଘଦିନର ଅନୁଭୂତି ଆଦି ତାଙ୍କ ସପକ୍ଷରେ ରହିଛି । କିନ୍ତୁ ମୋଦି ଏସବୁ ବାଦ ଅନ୍ୟ କେହି ବରିଷ୍ଠ ପ୍ରତିଷ୍ଠିତ ଲୋକଙ୍କ ନାମକୁ ଅକସ୍ମାତ ଆଣି ଚକିତ କଲାପରି କାର୍ଯ୍ୟମଧ୍ୟ କରିପାରନ୍ତି ।

ଏହାର କାରଣ ହେଲା ଯେ ରାଷ୍ଟ୍ରପତି ନିର୍ବାଚନର ଇଲେକ୍‌ଟୋରାଲ କଲେଜରେ ୧୧ଲକ୍ଷ ମୋଟ ଭୋଟ ରହିଛି । ଏହି ଅପ୍ରତ୍ୟକ୍ଷ ନିର୍ବାଚନ ବ୍ୟବସ୍ଥାରେ ସାଂସଦ ଓ ବିଧାୟକମାନେ ଭୋଟର ରହିଥାନ୍ତି । ରାଜ୍ୟର ଜନସଂଖ୍ୟାନୁସାରେ ଆନୁପାତିକ ଭୋଟର ମୂଲ୍ୟ ସବୁରାଜ୍ୟରେ ଅଲଗା । ଉତ୍ତର ପ୍ରଦେଶର ବିଧାୟକଙ୍କ ଭୋଟର ମୂଲ୍ୟ ସର୍ବାଧିକ ୨୦୮ ଥିଲାବେଳେ ସିକିମ୍‌ର ବିଧାୟକଙ୍କ ଭୋଟର ମୂଲ୍ୟ ମାତ୍ର ୭ ରହିଛି । କିନ୍ତୁ ପ୍ରତି ସାଂସଦଙ୍କ ଭୋଟର ମୂଲ୍ୟ ୭୦୮ ଲେଖାଏଁ ରହିଛି । ଏହି ନିର୍ବାଚନରେ ୩୧ଟି ବିଧାନସଭାର ୪୧୧୪ ଜଣ ବିଧାୟକ ଓ ୭୮୪ ଜଣ ଲୋକସଭା ଓ ରାଜ୍ୟସଭା ସାଂସଦ ଭୋଟର ରହିଛନ୍ତି । ରାଷ୍ଟ୍ରପତି ଓ ଉପରାଷ୍ଟ୍ରପତି ଆଇନ ୧୯୭୮ ଅନୁଯାୟୀ ଭୋଟର ମୂଲ୍ୟ ନିର୍ଦ୍ଧାରିତ ହୋଇଥାଏ ।

ଏବେ ମୋଦିଙ୍କ ଏନ୍‌ଡିଏ ମେଣ୍ଟ ସପକ୍ଷରେ ପ୍ରାୟ ୧୮ହଜାର ଭୋଟର ଅଭାବ ରହିଛି । ଯାହା ରାଷ୍ଟ୍ରପତି ଭାବେ ନିଜସ୍ୱ ପ୍ରାର୍ଥୀଙ୍କୁ ନିର୍ବାଚିତ ହେବାର ମୁଖ୍ୟ ପ୍ରତିବନ୍ଧକ । କିନ୍ତୁ ତାମିଲନାଡୁର ଏଆଇଏଡିଏମ୍‌କେ ଦଳକୁ ନିଜ ସପକ୍ଷରେ ନେବାପାଇଁ ମୋଦି ଲକ୍ଷ୍ୟରଖି କାର୍ଯ୍ୟ ଆରମ୍ଭ କରିଦେଇଛନ୍ତି । ଇଲେକ୍‌ଟୋରାଲ କଲେଜରେ ବିରୋଧୀଦଳ ଗୁଡିକର ମୋଟ ଭୋଟ ୩୫.୪୭ ପ୍ରତିଶତ ରହିଛି । ଏନ୍.ଡିଏ ମେଣ୍ଟ ସପକ୍ଷରେ ୪୮.୬୪ ପ୍ରତିଶତ ଭୋଟ ରହିଛି । ନିର୍ବାଚନ ପାଇଁ ପ୍ରାର୍ଥୀ ଘୋଷଣାପରେ ଏନ୍‌ଡିଏ ସପକ୍ଷରେ କେତେକ ବିରୋଧୀପକ୍ଷ ଆସିବେ ବୋଲି ମେଣ୍ଟ ନେତାମାନଙ୍କ ମନରେ ଦୃଢ ବିଶ୍ୱାସ ରହିଛି । ଯାହା ଜଣାଯାଉଛି ବିରୋଧୀଦଳଙ୍କ ଭୋଟକୁ ଭାଙ୍ଗିବା ଯୋଜନା ମୋଦି ରଖିଛନ୍ତି । ଯେଉଁଥିପାଇଁ ପୂର୍ବରୁ ପ୍ରାର୍ଥୀଙ୍କ ନାମ ଘୋଷଣା ନକରି ବିଳମ୍ବ କରିବାକୁ ଚାହୁଁଛନ୍ତି । ତେଣେ ବିରୋଧୀମାନେ ଯେପରି ଅଧିକ ସଂଗଠିତ ହେବା ଲାଗି ସମୟ ନପାଇବେ ସେହି ଲକ୍ଷ୍ୟରେ ମୋଦି ନିଜ ପ୍ରାର୍ଥୀଙ୍କ ନାମ ଶେଷ ବେଳକୁ ଘୋଷଣା କରି ଅନ୍ୟମାନଙ୍କୁ ଚକିତ କରିବାକୁ ଯୋଜନାରେ ଥିବା ଆଲୋଚିତ ହେଉଛି । ଯେଉଁ ଯେଉଁ ଦଳର ଭୋଟକୁ ନିଜ ସପକ୍ଷରେ ଆଣିବାକୁ ମୋଦି ଲକ୍ଷ୍ୟ ରଖିଛନ୍ତି ସେମାନଙ୍କ ସହ ସଂପର୍କ ଯୋଡିବା ଆରମ୍ଭ କରିଛନ୍ତି । ଜେଡିୟୁ ଲାଲୁଙ୍କ ସହ ଥିଲେ ମଧ୍ୟ କାହାକୁ ଭୋଟ ଦେବ ତାହା ନେଇ ବିରୋଧୀଦଳଙ୍କ ମଧ୍ୟରେ ସନ୍ଦେହ ରହିଛି । ଏ ସଂକ୍ରାନ୍ତରେ ନିଷ୍ପତ୍ତି ସୋନିଆ ଗାନ୍ଧୀ ନେଇ ଅନ୍ୟ ବିରୋଧୀଦଳମାନଙ୍କୁ ସଂଗଠିତ କରନ୍ତୁ ବୋଲି ଲାଲୁଙ୍କ ଇଚ୍ଛା । କିନ୍ତୁ ନୀତିଶ କଂଗ୍ରେସର ନେତୃତ୍ୱ ସପକ୍ଷରେ ନାହାନ୍ତି । ଏପରି ସ୍ଥିତିରେ ଯଦି ଏଆଇଏଡିଏମକେ ଏବଂ ଜେଡିୟୁ ବିଜେପି ସପକ୍ଷକୁ ଆସିଯାଆନ୍ତି ତେବେ ସବୁ ଖେଳ ଖତମ୍ ହୋଇଯିବ । ବିରୋଧୀ ଦଳର ନେତାମାନଙ୍କ ମନରେ ଏହି ଆଶଙ୍କା ରହିଛି । ତେଣୁ ସେମାନେ ମଧ୍ୟ ଆଗୁଆ ରାଷ୍ଟ୍ରପତି ପ୍ରାର୍ଥୀଙ୍କ ନାମ ଏଥିପାଇଁ ଘୋଷଣା କରିପାରୁନାହାନ୍ତି । ତେବେ ଯାହା ଦେଖାଯାଉଛି ଚଳିତବର୍ଷର ରାଷ୍ଟ୍ରପତି ନିର୍ବାଚନ ଶଙ୍କା-ଆଶଙ୍କା ମଧ୍ୟରେ ଶେଷ ହେବ । ସମୟ ପୂର୍ବରୁ ବିରୋଧୀ ଓ ଶାସକ ପକ୍ଷଙ୍କ ରାଷ୍ଟ୍ରପତି ପ୍ରାର୍ଥୀଙ୍କ ନାମ ଲୋକଙ୍କ ସମ୍ମୁଖକୁ ଆସିନପାରିବା ଭାରତ ପରି ଏକ ବଡ ଗଣତାନ୍ତ୍ରିକ ରାଷ୍ଟ୍ର ପାଇଁ ଆଦୌ ଶୁଭସୂଚନା ନୁହେଁ ।

*ଭାରତୀୟ ସମ୍ବାଦସେବା (ଭାସ୍)*
*ଭୁବନେଶ୍ୱର -୩*
*ମୋ-୯୮୫୩୩୩୫୦୭୮*

# ବିଶ୍ୱାସରେ ବିଷ

ନିଶିକାନ୍ତ ପାଢ଼ୀ

ବିଶ୍ୱାସକୁ ଭରସା କରି ମଣିଷ ଜୀବନର ଜଟିଳ ଜ୍ୟାମିତିକୁ କଷିଚାଲେ । ବାପ ପୁଅକୁ ବିଶ୍ୱାସ କରେ, ସ୍ୱାମୀ ସ୍ତ୍ରୀ ପରସ୍ପରକୁ ବିଶ୍ୱାସକରନ୍ତି । ପ୍ରେମିକା ପ୍ରେମିକକୁ ବିଶ୍ୱାସର ସହିତ ଭଲପାଏ । ଦେଶବାସୀ ସରକାରଙ୍କୁ ବିଶ୍ୱାସ କରନ୍ତି । ମଣିଷ ଈଶ୍ୱରଙ୍କୁ ବିଶ୍ୱାସ କରେ, ଏହି ବିଶ୍ୱାସରେ ଯେତେବେଳେ ବିଷ ମିଶିଯାଏ, ବିଶ୍ୱାସ ସବୁ ଅବିଶ୍ୱାସ ପାଲଟିଯାଏ । ପରିସ୍ଥିତି ଜଟିଳ ହୋଇପଡେ । ଜୀବନର ଆଲୋକିତ ପଥ କେମିତି କେମିତି ଘନ ଅନ୍ଧକାରରେ ଆକ୍ରାମାକ୍ତା ହୋଇଉଠେ । ଜୀବନର ଅଙ୍କ ସବୁ ଭୁଲ ହୋଇଯାଏ । ଗଣମାଧ୍ୟମ ହେଉଛି ସଭ୍ୟ ଓ ଶିକ୍ଷିତ ମଣିଷମାନଙ୍କର ବିଶ୍ୱାସର ସାହାରା । ସମାଜର ଘଟଣା ଦୁର୍ଘଟଣାର ସତ୍ୟ ସମ୍ବାଦ ପ୍ରକାଶ ପାଏ ଗଣମାଧ୍ୟମରେ । ଲୋକେ ସୂଚନା ପାଆନ୍ତି ଏବଂ ଭବିଷ୍ୟତ ପାଇଁ ସତର୍କ ରୁହନ୍ତି । ସଚେତନତା ସମାଜରେ ରୂପାନ୍ତର ଆଣେ ପରିବର୍ତ୍ତନରେ ଧାରା ସୃଷ୍ଟିକରାଏ । ଗଣମାଧ୍ୟମ ହେଉଛି ଗଣତନ୍ତ୍ରର ଚତୁର୍ଥସ୍ତମ୍ଭ । ଭାରତ ବର୍ଷ ପରି ଏକ ସର୍ବବହତ୍ତ ଗଣତାନ୍ତ୍ରିକ ରାଷ୍ଟ୍ରରେ ଗଣମାଧ୍ୟମର ଭୂମିକା ଯଥେଷ୍ଟ ଗୁରୁତ୍ୱପୂର୍ଣ୍ଣ । ଗଣମାଧ୍ୟମ ସରକାର ଏବଂ ଜନସାଧାରଣଙ୍କ ମଧ୍ୟରେ ସମନ୍ୱୟ ରକ୍ଷାକରିଥାଏ । ତେବେ ସାମ୍ପ୍ରତିକ ସମୟରେ ସୋସିଆଲ୍ ମିଡିଆ ଦ୍ୱାରା ପ୍ରତିମୂହୁର୍ତ୍ତରେ ଅନେକ ସମ୍ପର୍କମାନ ସୃଷ୍ଟି ହୋଇପାରୁଛି । ପ୍ରିଣ୍ଟିଂ ମିଡିଆଠାରୁ ଆରମ୍ଭକରି ଇଲେକ୍ଟ୍ରୋନିକ ଅଡିଓ, ଭିଜୁଆଲ୍ ମିଡିଆ ଗୁଡିକରେ ଆଦି ରୀତିମତ ତଥା ଅହରହ ସୂଚନାପ୍ରବାହ ଜାରି ରହିଛି । ଫେସବୁକ୍ ଖୋଲିଲେ ଖବର, ହ୍ୱାଟସ୍ ଆପ ଅନ୍ କଲେ ଖବର, ଟ୍ୱିଟରରେ ଖବର, ଟିଭି, ଟେଲିଫୋନ ତଥା ରେଡିଓରେ ମଧ୍ୟ ଦେଶର କୋଣ ଅନୁକୋଣରୁ ଖବରମାନ ଉପଲବ୍ଧ ହେଉଛି । ବୈଜ୍ଞାନିକ ଜ୍ଞାନକୌଶଳ, ଇଣ୍ଟରନେଟର ବହୁଳ ଉପଯୋଗ, ଏଣ୍ଡ୍ରଏଡ୍ ଫୋର୍‌ଜି ଫୋନ ସେଟର ଉଦ୍ଭାବନ ଆଜିର ସମୟରେ ଖବରର ପ୍ରଚାର ଓ ପ୍ରସାରଣକୁ ଖୁବ୍ କ୍ଷୀପ୍ର କରାଇପାରିଛି । ହେଲେ ଦିନକୁ ଦିନ କାହିଁକି ବିଶ୍ୱାସ ତୁଟିଯାଉଛି ଗଣମାଧ୍ୟମ ଉପରୁ । ସୋସିଆଲ୍ ମିଡିଆରେ ଏବେ ଉବଲବ୍ଧ ହେଉଛି ତାହା ମିଛଖବର । ଫେସ୍‌ବୁକ୍‌ର ପରଦାରେ ଲାଇକ୍ ତଥା କମେଣ୍ଟ ପାଇବା ପାଇଁ ଅସମ୍ଭବ ମିଛ ଖବରକୁ ପୋଷ୍ଟକରାଯାଉଛି । ଯାହାକୁ ନିୟନ୍ତ୍ରଣ କରିବା କି ଅପରାଧୀମାନଙ୍କୁ ଧରି ଦଣ୍ଡ ବିଧାନ କରିବା ସେ ପ୍ରକାର ବ୍ୟବସ୍ଥା କିପରି ଉଦ୍ଭାବନ ହୋଇପାରିନାହିଁ ତାହା ବାସ୍ତବିକ୍ ଆଶ୍ଚର୍ଯ୍ୟ ଲାଗୁଛି । ଦିନକୁ ଦିନ ସାଇବର କ୍ରାଇମ୍ ବୃଦ୍ଧିପାଉଛି । ଫେସବୁକ ତଥା ହ୍ୱାଟସ ଆପରେ ଅଶ୍ଳୀଳ ମେସେଜ ଆସୁଛି । ଫୋନରେ ଅଜଣା ଲୋକଙ୍କଠାରୁ ଅଶ୍ଳୀଳ ଧମକ ତଥା ଅଶ୍ରାବ୍ୟ ଗାଳି ଆସୁଛି । ଅଥଚ ଏସବୁକୁ ନିୟନ୍ତ୍ରଣ କରିବା ପାଇଁ ଗୋଟିଏ ସାଧାରଣ ମଣିଷ ପାଖରେ କିଛି ଉପାୟ ନାହିଁ । ଅନେକ କ୍ଷେତ୍ରରେ ମହିଳାମାନେ ସୋସିଆଲ୍ ମିଡିଆରେ ଏ ପ୍ରକାର ଆପତ୍ତିଜନକ ଅଶ୍ଳୀଳ ପୋଷ୍ଟ ଗୁଡିକୁ ସାମନା କରୁଥିଲେ ମଧ୍ୟ ଲଜ୍ୟାବଶତଃ ସେମାନେ ଘଟଣାକୁ ଲୋକଙ୍କ ସାମନାରେ ପ୍ରକାଶ କରୁନାହାଁନ୍ତି କି ଥାନାରେ ଏତଲା ଦେଉନାହାନ୍ତି । ତେଣୁ ଦିନକୁ ଦିନ ସମସ୍ୟା ବୃଦ୍ଧି ପାଇବାରେ ଲାଗିଛି ।

ଗୁଜବର ଗୋଡ ନ ଥାଏ । ଗୁଜବ ସୃଷ୍ଟିକରୁଥିବା ଲୋକମାନେ ତାଳିମାରି ବାହାବା ନେଉଥିବା ବେଳେ ଗୋଟେ ସମାଜର ସର୍ବନାଶ ଘଟିଥାଏ । ଦ୍ୱାପର ଯୁଗରେ କୋକୁଆର ଗୁଜବକୁ ନେଇ ସମଗ୍ର ଯଦୁବଂଶ ଧ୍ୱଂସ ହୋଇଥିଲା । ଅନେକ ଜନଗହଳି ଅଞ୍ଚଳରେ ବୋମା ତଥା ଆତଙ୍କବାଦୀର ଗୁଜବକୁ ନେଇ ଘଟୁଥିବା ଦଳାଚକଟାରେ ଅନେକ ପ୍ରାଣହାନୀ ଘଟେ । ବିଗତ ବର୍ଷଗୁଡିକରେ ପିଆଜଭୁତ ଗଣେଶ କ୍ଷୀରପିଆ ଆଦି ଗୁଜବ ସମାଜରେ ଚାଞ୍ଚଲ୍ୟ ତଥା ଭୟ ସୃଷ୍ଟି କରିଥିଲା । ତେବେ ଏଗୁଡିକର ପ୍ରଚାର ଓ ପ୍ରସାର ପାଇଁ ଗଣମାଧ୍ୟମର ଯଥେଷ୍ଟ ଭୂମିକାକୁ କେବେ ଅସ୍ୱୀକାର କରିଯାଇପାରେନା । ଗୋଟିଏ ଗଣତାନ୍ତ୍ରିକ ରାଷ୍ଟ୍ରରେ ଲୋକମାନେ ଗଣମାଧ୍ୟମ ତଥା ମିଡିଆକୁ ଖୁବ୍ ବିଶ୍ୱାସ କରିଥାନ୍ତି । କିନ୍ତୁ ମିଡିଆ ଯଦି ଲୋକମାନଙ୍କର ବିଶ୍ୱାସରେ ବିଷ ମିଶାଇବ ତେବେ ଲୋକମାନଙ୍କର ସାଧାରଣ ଜୀବନରେ ବିପଦମାନ ଘନେଇ ଆସିବ ତଥା ଏ ଦେଶ ଓ ସମାଜର ମଧ୍ୟ ସର୍ବନାଶ ଘଟିବ । ସେହିପରି ବାପା, ମା'ମାନେ ସହଜ ତଥା ସରଳ ଜୀବନ ଅତିବାହିତ କରିବା ପାଇଁ ଆଜି ପିଲାମାନଙ୍କ ହାତରେ ମୋବାଇଲ ଫୋନ ମାନ ଧରାଇ ଦେଉଛନ୍ତି । ସେମାନେ ଆଜି ଫେସ୍‌ବୁକ୍ ଆଉ ହ୍ୱାଟ୍‌ସ ଆପରେ ପ୍ରେମାଳାପ କରୁଛନ୍ତି । ନଗ୍ନଚିତ୍ର ଆଦାନ ପ୍ରଦାନ କରୁଛନ୍ତି ଏବଂ ୟୁଟ୍ୟୁବ୍ ଖୋଲି ଅଶ୍ଳୀଳ ଭିଡିଓ ଦେଖି ଉତ୍ତେଜନା ପ୍ରବଣ ହୋଇ ଅପରାଧ ଘଟାଉଛନ୍ତି । ତେବେ ଅଭିଭାବକମାନେ କଣ କେବେ ଏହା ବିଶ୍ୱାସ କରିପାରିବେ ?? ଏହା ଦ୍ୱାରା ବାପା ମାଙ୍କ ବିଶ୍ୱାସରେ ବିଷ ଦେଇ ନିଜର କ୍ୟାରିଅର ଏବଂ ଭବିଷ୍ୟତକୁ ନର୍ଦ୍ଦମାକୁ ଫିଙ୍ଗିଦେଇ ପିଲାମାନେ ନର୍କଗାମୀ ହୋଇପଡୁଛନ୍ତି । କେବଳ କୋମଳମତି ପିଲାମାନେ ନୁହଁନ୍ତି ଆଜିର ସମାଜର ସଭ୍ୟ ନାରୀ ଓ ପୁରୁଷମାନେ ମଧ୍ୟ ଏହି ଅନଲାଇନ୍ ଅପରାଧରେ ସାମିଲ ହୋଇ ଗୋଟିଏ ପ୍ରଗତୀମୁଖୀ ସମାଜକୁ ଧ୍ୱଂସମୁଖକୁ ଠେଲିଦେଉଛନ୍ତି । ଆଉ ଗୋଟିଏ ବିଶ୍ୱାସର କଥା ହେଉଛି ଧର୍ମ ବିଶ୍ୱାସ । ମଣିଷ ଈଶ୍ୱରକୁ ବିଶ୍ୱାସ କରେ ବୋଲି ଅନେକ ଭଣ୍ଡ ତଥା ପ୍ରତାରକମାନେ ଆଜି ସମାଜର ସରଳ ମଣିଷମାନଙ୍କୁ ବ୍ଲାକମେଲିଂ କରି ଚାଲିଛନ୍ତି । ସେମାନେ ଗୋଟିଏ ଅପରାଧ ସାମ୍ରାଜ୍ୟକୁ ଅର୍ଥ ଯୋଗାଇ ସାମ୍ରାଜ୍ୟ ବିସ୍ତାର ପାଇଁ ଖୋରାକ୍ ଯୋଗାଉଛନ୍ତି । ଅତୀତରେ ଅନେକ ଭଣ୍ଡବାବାଙ୍କର ମୁଖା ଖୋଲିଯାଇଛି । ନିଜକୁ ଭଗବାନ ବୋଲାଇ ମଣିଷ ଭଣ୍ଡବାବା ତଥା ତପସ୍ୱୀ ସାଜି, ଚୋରିକରେ, ମଦମାଂସ ଖାଏ । ପର ନାରୀ ଦେହକୁ ନେଇ ଖେଳେ ଏ କଥା କେବେ ବି ବିଶ୍ୱାସଯୋଗ୍ୟ ନ ହେଲେ ମଧ୍ୟ ଆଜି ଏହି ନିରାଟ ସତ୍ୟର ଉନ୍ମୋଚନ ହୋଇଛି । ତେବେ ବିଶ୍ୱାସର ବିଷଦେଇ ଯେଉଁ ମଣିଷମାନେ ଏ ଦେଶ ଓ ସମାଜର କ୍ଷତିକରି ଚାଲିଛନ୍ତି ସେମାନଙ୍କ ପାଇଁ ଭାରତୀୟ ସମ୍ବିଧାନ କଠୋର ଆଇନ ଗଢିବା ଉଚିତ । ତାଛଡା ଆଜିର ସମାଜରେ ବସବାସ କରୁଥିବା ଶିକ୍ଷିତ ଲୋକମାନେ ଏହି ସମ୍ବେଦନଶୀଳ ପ୍ରସଙ୍ଗ ପ୍ରତି ସତର୍କ ରହିବା ଉଚିତ । ଗଣମାଧ୍ୟମକୁ ବଞ୍ଚାଇବା ସାମ୍ବାଦିକମାନେ ନିର୍ଭୀକ ଭାବେ ସଂପୂର୍ଣ୍ଣ ସତ୍ୟ ଖବର ପ୍ରକାଶକରି ପାରିବେ ସେଥିପ୍ରତି ସରକାର ଦୃଷ୍ଟିଦେବା ଉଚିତ । ଯେଉଁଭଳି ସୋସିଆଲ ମିଡିଆରେ ଗୁଜବ ପ୍ରଚାରକରି ବାହାବା ନେଉଛନ୍ତି ସେମାନଙ୍କୁ ଧରିବା ଉଚିତ । ଯାହାଦ୍ୱାରା କି ଆଜି ହ୍ୱାଟସ ଆପ ଅବା ଫେସ୍‌ବୁକରେ ଅଶ୍ଳୀଳ ପୋଷ୍ଟକୁ ଛାଡୁଥିବା ଅସାମାଜିକ ବ୍ୟକ୍ତିମାନଙ୍କ ବିଷୟରେ ଜାଣି ହେବ ଏବଂ ସେମାନଙ୍କୁ ଆଇନାନୁଯାୟୀ ମଧ୍ୟ ଦଣ୍ଡିତ କରାଯାଇପାରିବ । ଏହା ନ ହୋଇ ପାରିଲେ ବିଶ୍ୱାସରେ ମିଶୁଥିବା ବିଷ ଦିନେ ଆମଦେଶ ଓ ସମାଜକୁ ଧ୍ୱଂସକରିଦେବ ।

*ନନ୍ଦିଗ୍ରାମ, ନାଉଗାଁ ହାଟ*
*ନନ୍ଦମଣି ପୀଠ, ଜଗତସିଂହପୁର*
*ମୋ : ୯୦୪୦୦୨୮୬୦୪*



ହିମାଂଶୁ ଶେଖର ଆଚାର୍ଯ୍ୟ

# ଅମୂଲ୍ୟମଣି - ଉତ୍କଳମଣି ଗୋପବନ୍ଧୁ

ପୁରୀ ଜିଲ୍ଲା ସୁଆଣ୍ଡୋ ଗ୍ରାମରୁ ସତ୍ୟବାଦୀ ବନବିଦ୍ୟାଳୟ - ଏହାହିଁ ଥିଲା ୫୧ବର୍ଷ କାଳର ଜୀବନଯାତ୍ରା । ସେ ଯାତ୍ରାର ଆରମ୍ଭ ହୋଇଥିଲା ୯ ଅକ୍ଟୋବର ୧୮୭୭ରୁ ଆଉ ଯାତ୍ରାର ସମାପ୍ତି ଘଟିଲା ୧୭ ଜୁନ୍ ୧୯୨୮ ପବିତ୍ର ନେତ୍ରୋତ୍ସବ ତିଥିରେ । ସେବା, ତ୍ୟାଗ ଓ ତିତିକ୍ଷାରେ ବିତିଗଲା ଜୀବନ । ମଣିଷ ପଣିଆର ନିଚ୍ଛକ ଉଦାହରଣ ଭିତରେ ହଜିଗଲା ଜୀବନଟି । ଜୀବନ ସିନା ହଜିଗଲା, ହେଲେ ସେ ଜୀଇଁ ରହିଛନ୍ତି ଆମ ଭିତରେ ତାଙ୍କ ସୁକର୍ମ ପାଇଁ ଆଉ ଜୀଇଁ ରହିଥିବେ ସବୁଦିନ ପାଇଁ । ସେ ହେଉଛନ୍ତି ମହାନ୍ ଦେଶଭକ୍ତ, ଯୋଗଜନ୍ମା ସାଧକ, ମାନବବାଦୀ କବି, ଆର୍ତ୍ତଜନତାର ବନ୍ଧୁ-ଉତ୍କଳମଣି ଗୋପବନ୍ଧୁ ଦାସ । ଓଡ଼ିଶା ଓ ଓଡ଼ିଆଙ୍କ ହୃଦୟରେ ସେ ଯେଉଁ ଆସନ ପାଇଛନ୍ତି ତାହା ଚିରଦିନ ଅତୁଟ ଓ ଅକ୍ଷୟ ରହିଥିବ । ଯଥାର୍ଥରେ ସେ ଥିଲେ ଏଜାତିର ଅମୂଲ୍ୟମଣି-ଉତ୍କଳମଣି ।

କର୍ମମୟ ଜୀବନ ହିଁ ମଣିଷକୁ ଅମର କରେ ଓ ସେଥିରେ ଜୀବନର ସାର୍ଥକତା ଥାଏ । ସେଥିପାଇଁ ସେ ଲେଖିଛନ୍ତି- "ମଣିଷ ଜୀବନ ନୁହଁଇ କେବଳ ବର୍ଷ ମାସ ଦିନ ଦଣ୍ଡ, କର୍ମେ ଜୀଏଁ ନର କର୍ମ ଏକା ତାର ଜୀବନର ମାନଦଣ୍ଡ ।" ଏହି କଥାକୁ ବାସ୍ତବରେ ପ୍ରତିଫଳିତ କରିଥିଲେ ସେ ନିଜ ଜୀବନରେ । କୈଶୋରରୁ ତାଙ୍କର ସମାଜସେବା ମନୋବୃତ୍ତିର ସ୍ଫୁରାକ ମିଳିଥିଲା । ନିଜ ଗାଁର ଅବସ୍ଥାରୁ ହିଁ ସେ ସାରାରାଜ୍ୟର ସମକାଳୀନ ଚିତ୍ରକୁ ପଢ଼ିପାରିଥିଲେ । ବନ୍ୟା, ବାତ୍ୟା ଓ ଦୁର୍ଭିକ୍ଷରେ ପ୍ରପୀଡ଼ିତ ଜନତାଙ୍କ କରୁଣ ଓ ଅସହାୟ ଅବସ୍ଥା ଦେଖି ସେ ବିଚଳିତ ହୋଇଯାଉଥିଲେ । ସେମାନଙ୍କ ଦୁର୍ଦ୍ଦଶାର ଅନ୍ତ ଘଟାଇବା ପାଇଁ ଓ ଜନମାନସରେ ଦେଶପ୍ରେମ ଭାବନା ଜାଗ୍ରତ କରିବା ପାଇଁ ସେ ଅନେକ ଅନୁଷ୍ଠାନ ଗଠନ କରିଥିଲେ । ପୁରୀ ସେବା ସମିତିଠାରୁ ଆରମ୍ଭ କରି କଲିକତାର ନିର୍ଯାତିତ ଓଡ଼ିଆମାନଙ୍କ ପାଇଁ କଲିକତା ଓଡ଼ିଆ ଶ୍ରମିକ ସଂଘ, ଯୁବଉତ୍କଳ ସଂଘ ଓ ଓଡ଼ିଆ ଶିକ୍ଷା ସଂଗଠନ ମାଧ୍ୟମରେ ସେ ସେବାର ଯେଉଁ ପରମ୍ପରା ଆରମ୍ଭ କରିଥିଲେ ତାହା ସାରାଦେଶରେ ଆଲୋଡ଼ନ ସୃଷ୍ଟି କରିଥିଲା । ପ୍ରକୃତରେ ସେ ଥିଲେ ସେବା ଓ ତ୍ୟାଗର ଦୀପ୍ତିମନ୍ତ ପୁରୁଷ ।

ଅଶିକ୍ଷା, କୁସଂସ୍କାର ଓ ଦାରିଦ୍ର୍ୟ ହିଁ ସମାଜର ମୁଖ୍ୟ କଳଙ୍କ ବୋଲି ମର୍ମେ ମର୍ମେ ଅନୁଭବ କରିଥିଲେ ଗୋପବନ୍ଧୁ । ଏଥିରୁ ମୁକ୍ତି ପାଇଁ ସେ ୧୯୦୯ ମସିହା ଅଗଷ୍ଟ ୧୨ ତାରିଖରେ ସତ୍ୟବାଦୀର ବକୁଳ ଛୁରୀଅନା କୁଞ୍ଜତଳେ ଆରମ୍ଭ କଲେ ସତ୍ୟବାଦୀ ବନବିଦ୍ୟାଳୟ । ଗୋପବନ୍ଧୁଙ୍କ ଦ୍ୱାରା ପ୍ରତିଷ୍ଠିତ ଏହି ବିଦ୍ୟାଳୟଟି ଥିଲା ଏକ ମଣିଷ ତିଆରି କାରଖାନା । ଏହାର ମୁଖ୍ୟ ଆଭିମୁଖ୍ୟ ଥିଲା ଜାତୀୟଚେତନା, ଦେଶାତ୍ମବୋଧ ଓ ନୈତିକ ମୂଲ୍ୟବୋଧର ପ୍ରତିଷ୍ଠା । ପଣ୍ଡିତ ନୀଳକଣ୍ଠ, ଆଚାର୍ଯ୍ୟ ହରିହର, ପଣ୍ଡିତ ଗୋଦାବରୀଶ ଓ ପଣ୍ଡିତ କୃପାସିନ୍ଧୁଙ୍କ ଭଳି ମନିଷୀମାନଙ୍କ ନିଷ୍ପାପର ସାଧନା ଓ ଶ୍ରମଦାନରେ ଗୁରୁକୁଳ ଶିକ୍ଷାର ଏକ ନୂତନ ଅଧ୍ୟାୟ ସୃଷ୍ଟି ହୋଇଥିଲା । ରବୀନ୍ଦ୍ରନାଥ ଠାକୁରଙ୍କ ଦ୍ୱାରା ପ୍ରତିଷ୍ଠିତ ଶାନ୍ତିନିକେତନ ଏବଂ ଆର୍ଯ୍ୟସମାଜ ଦ୍ୱାରା ପ୍ରତିଷ୍ଠିତ ବୈଦିକ ଶିକ୍ଷାନୁଷ୍ଠାନ ଢ଼ାଞ୍ଚାରେ ଗୋପବନ୍ଧୁଙ୍କ ଦ୍ୱାରା ପ୍ରତିଷ୍ଠିତ ସତ୍ୟବାଦୀ ବନବିଦ୍ୟାଳୟ ଶିକ୍ଷା କ୍ଷେତ୍ରରେ ଏକ ବିପ୍ଳବ ସୃଷ୍ଟି କରିବାରେ ସମର୍ଥ ହୋଇଥିଲା । ଏହା ପଛରେ ଥିଲା ଗୋପବନ୍ଧୁଙ୍କ ନିରବଛିନ୍ନ ଉଦ୍ୟମ ଓ ସାଧନାର ଫଳଶ୍ରୁତି ।

ଖଣ୍ଡବିଖଣ୍ଡିତ ଓଡ଼ିଶାରେ ଏକତ୍ରୀକରଣ ପାଇଁ ତାଙ୍କର ଆନ୍ତରିକ ଅବଦାନ ରହିଥିଲା । ୧୯୧୭ ମସିହାରେ ବିହାର-ଓଡ଼ିଶା ବିଧାନସଭାରେ ସଭ୍ୟଭାବେ ନିର୍ବାଚିତ ହେବାପରେ ସେ ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନ ପାଇଁ ଦୃଢ଼ ଦାବି ଉପସ୍ଥାପିତ କରିଥିଲେ । ମହାତ୍ମା ଗାନ୍ଧୀଙ୍କୁ ଓଡ଼ିଶା ଆଣି ଉତ୍କଳମଣି ରାଜ୍ୟରେ ରାଜନୈତିକ ଚେତନା ସୃଷ୍ଟି କରିବା ସହ ସ୍ୱାଧୀନତା ପାଇଁ ରାଜ୍ୟବାସୀଙ୍କ ମନରେ ମୁକ୍ତିର ମଶାଲ ଜଳାଇବାର ଶୁଭାରମ୍ଭ କରିଥିଲେ । ଜାତୀୟବାଦ ପ୍ରଚାର କରିବା ଉଦ୍ଦେଶ୍ୟରେ ୧୯୧୫ ମସିହାରେ ଉତ୍କଳମଣି 'ସତ୍ୟବାଦୀ ମାସିକ ପତ୍ରିକା' ପ୍ରକାଶନ କରିଥିଲେ ଯେଉଁଥିରେ ଓଡ଼ିଆମାନଙ୍କର ସମସ୍ୟାଗୁଡ଼ିକ ଅଗ୍ରାଧିକାର ଦିଆଯାଉଥିଲା । ସେହିପରି ମୂକ ଓଡ଼ିଆକୁ କଥା କହିବାର ଶୈଳୀ ଶିଖାଇବା ଉଦ୍ଦେଶ୍ୟରେ ତାଙ୍କ ଚିନ୍ତା ଚେତନାରୁ ସୃଷ୍ଟି ହେଲା ୧୯୧୯ ମସିହାରେ ସାପ୍ତାହିକ ସମ୍ବାଦ ପତ୍ର 'ସମାଜ' । ଲାହୋରଠାରେ ଅନୁଷ୍ଠିତ ଅଧିବେଶନରେ ଉପସଭାପତି ପଦ ଅଳଙ୍କୃତି କରିଥିଲେ ଗୋପବନ୍ଧୁ । ପରେ ଏହି ଅନୁଷ୍ଠାନର ଆଦର୍ଶରେ ଉଦ୍‌ବୁଦ୍ଧ ହୋଇ ସେ 'ସତ୍ୟବାଦୀ ପ୍ରେସ୍' ଓ 'ସମାଜ'ର ସମସ୍ତ ସମ୍ପତ୍ତି ଲୋକସେବକ ମଣ୍ଡଳକୁ ଦାନ କରି ଦେଇଥିଲେ । ଆଜି ସମାଜ ଏକ ଖବରକାଗଜ ନୁହେଁ ଏକ ଅନୁଷ୍ଠାନରେ ପରିଣତ ହୋଇଛି । ତାଙ୍କର ନିଃସ୍ୱାର୍ଥପର ଜନସେବା ମୂଲ୍ୟବୋଧ ଭିତ୍ତିକ ରାଜନୀତି ଓ ଅସାଧାରଣ ତ୍ୟାଗପୂତ ଜୀବନ ଯୋଗୁଁ ବିଶିଷ୍ଟ ବୈଜ୍ଞାନିକ ପ୍ରଫୁଲ୍ଲ ଚନ୍ଦ୍ର ତାଙ୍କୁ 'ଉତ୍କଳମଣି' ଉପାଧିରେ ଭୂଷିତ କରିଥିଲେ । ରାଜନୈତିକ, ସାମାଜିକ ଓ ଜନସେବା ପରି ବିଭିନ୍ନକ୍ଷେତ୍ରରେ ଥାଇ ମଧ୍ୟ ସେ ସାହିତ୍ୟ ସେବା ପ୍ରତି ବିମୁଖ ହୋଇ ନ ଥିଲେ । ଓଡ଼ିଆ ସାହିତ୍ୟ କ୍ଷେତ୍ରରେ ଗୋପବନ୍ଧୁ ଥିଲେ ନୂତନ ଯୁଗର ସ୍ରଷ୍ଟା ଯାହା 'ସତ୍ୟବାଦୀ ଯୁଗ' ରୂପେ ପରିଚିତ । ଗୋପବନ୍ଧୁ ଦାସ ଓ ତାଙ୍କର ସହଯୋଗୀ ସ୍ରଷ୍ଟାମାନେ ସେମାନଙ୍କ ଲେଖାରେ ଜାତୀୟତାବାଦକୁ ଗୁରୁତ୍ୱ ଦେଇଥିଲେ । ଉତ୍କଳର ଜାତୀୟତା ଓ ସଂସ୍କୃତି ତାଙ୍କ ଶିରାପ୍ରଶିରାରେ ପ୍ରବାହିତ ହେଉଥିଲା । ଯେଉଁଥିପାଇଁ ସେ ଲେଖିଥିଲେ- "ଜାତୀୟ ମମତା ବିଶ୍ୱଜନ ପ୍ରୀତି, ଉତ୍କଳବାସୀରହେଉ ଏହା ନୀତି ।" ତାଙ୍କ ରଚିତ ଧର୍ମପଦ, ବନ୍ଦୀର ଆତ୍ମକଥା, କାରା କବିତା, ଅବକାଶ ଚିନ୍ତା, ନଚିକେତା ଉପାଖ୍ୟାନ, ଗୋ-ମାହାତ୍ମ୍ୟ କାବ୍ୟ କବିତାରେ ଜାତୀୟତାବୋଧ, ବିଶ୍ୱପ୍ରେମ ଭାବ ଅତି ସୁନ୍ଦର ଭାବେ ପ୍ରକଟିତ ହୋଇଥିବାର ଦେଖାଯାଏ । କବି ହିସାବରେ ସେଥିଲେ ପ୍ରଥମେ ବିଶ୍ୱପ୍ରେମୀ, ପରେ ଭାରତୀୟ ଓ ସବାଶେଷରେ ଓଡ଼ିଆ ।

ଉତ୍କଳମଣି ଗୋପବନ୍ଧୁ ସାରା ଓଡ଼ିଶାର ମଉଡ଼ମଣି ଥିଲେ । ସେଇ ଗୋପବନ୍ଧୁ ଯିଏ ନିଜ ପୁଅକୁ ମୃତ୍ୟୁର ଦ୍ୱାର ଦେଶରେ ଛାଡ଼ି ଶହ ଶହ ମାଆଙ୍କ ସନ୍ତାନକୁ ମୃତ୍ୟୁ ମୁଖରୁ ବଞ୍ଚାଇବାକୁ ଘରୁ ବାହାରି ଆସିଥିଲେ, ସେ ଆଜି ନାହାନ୍ତି । ଆଜି ବି ବଢ଼ି, ମରୁଡ଼ି ବେଳେ ଅସହାୟ ମଣିଷର ଆର୍ତ୍ତଚିତ୍କାର ଶୁଭୁଛି । କିନ୍ତୁ ଲୋକଙ୍କ ପାଖରେ ପହଞ୍ଚି ତାଙ୍କୁ ବୋଧ ଦେଇ, ଭରସା ଦେଇ ଆଖିର ଲୁହ ପୋଛି ନିଜ ହାତରେ ଖୁଆଇ ଦେବା ଭଳି ମଣିଷ ଜଣେ ବି କେହି ନାହାନ୍ତି । ସେଥିପାଇଁ ଆମ ଗୋପବନ୍ଧୁ ଆମ ପାଇଁ କାଳେ କାଳେ ନମସ୍ୟ, ସବୁଦିନର ଆଦର୍ଶ । ସମୟ ଆସିଛି ଆମେ ନିଜକୁ ବଦଳାଇବା, ଆମ ଜାତି ଓ ଜାତୀୟତା ପାଇଁ ନିଜକୁ ଉତ୍ସର୍ଗ କରିବା, ଯାହା ଉତ୍କଳମଣି ଗୋପବନ୍ଧୁ ଦାସ କରିଥିଲେ । ତାହେଲେ ଯାଇ ପୁଣି ଗୋପବନ୍ଧୁ ଆମ ଭିତରେ ଜୀବନ୍ୟାସ ପାଇବେ ।

*ଅଧ୍ୟାପକ*
*ବାଲିକୁଦା ମହାବିଦ୍ୟାଳୟ,*
*ଜଗତସିଂହପୁର*
*ମୋ-୯୪୩୮୧୭୭୯୧୨*

ଆମ ଠିକଣା
ଏକମାତ୍ର
ସମ୍ପାଦନା କାର୍ଯ୍ୟାଳୟ
ଏଚଆଇଜି-୧୩୭,
ଧର୍ମବିହାର, ଖଣ୍ଡଗିରି
ଭୁବନେଶ୍ୱର-୩୦
ଦୂରଭାଷ :
୦୮୭୬୩୩୬୮୦୨୯
୦୭୦୦୮୩୪୦୩୮୯

# ବେଦନାର ବେଦ (୨୧)

ଧାରାବାହିକ ଉପନ୍ୟାସ





କ୍ଷୀରୋଦ ଦାସ
ମୋ : ୯୪୩୭୧୬୩୦୦୨
ମେଲ୍ : khirod65@gmail.com

ମାଟିମନସ୍କ, କଥକତା, ସ୍ମୃତିସଜଳ କାହାଣୀ ଅବତାରଣା, ବଳିଷ୍ଠ କାହାଣୀଧର୍ମିତା, ଚମତ୍କାର ଉପମାଯୁକ୍ତ ଭାଷାବିନ୍ୟାସ ତଥା ଅପୂର୍ବ କ୍ଷୀରୋଦୀୟ ଶୈଳୀରେ ଲିଖିତ ଗାଳ୍ପିକ କ୍ଷୀରୋଦ ଦାସଙ୍କ ଗଳ୍ପ ଓ ଉପନ୍ୟାସ ଅଗଣିତ ପାଠକଙ୍କୁ ମୋହାବିଷ୍ଟ ତଥା ମନ୍ତ୍ରମୁଗ୍ଧ କରିବା ସହିତ ଏକ ଅନନ୍ୟ ଉପଲବ୍ଧିରେ ବିଗଳିତ କରି ପକାଇବାର ସାମର୍ଥ୍ୟ ରଖେ। ପ୍ରାୟ ୧୪ଖଣ୍ଡ ଗଳ୍ପ ସଂକଳନ ଏବଂ ୩ଟି ଅନନ୍ୟ ଉପନ୍ୟାସର ରଚୟିତା ସଦା ସୃଜନମଗ୍ନ ଏଇ ସ୍ରଷ୍ଟାଙ୍କ ପ୍ରତିଟି ସୃଷ୍ଟିରେ ଭରି ରହିଛି ଜୀବନ ପାଇଁ ଅସୀମ ଶ୍ରଦ୍ଧା, ଭୁଶୁଡ଼ି ପଡୁଥିବା ସମ୍ପର୍କ ଓ ମୂଲ୍ୟବୋଧ ପାଇଁ ଅସରନ୍ତି ଦରଦ ଏବଂ ଆଞ୍ଜୁଳା ଆଞ୍ଜୁଳା ଆହାପଣ।

**ହ**ଠାତ୍ ସେ ଚୁପ୍ ହୋଇଗଲେ ଏବଂ ଚମ୍ପାର ମୁହଁକୁ ଭଲ ଭାବରେ ନିରୀକ୍ଷଣ କରି ପଚାରିଲେ – "ତମକୁ କେଉଁଠି ଦେଖିବା ପରି ଲାଗୁଛି। ଏବେ ନୁହେଁ, ଅନେକ ଦିନ ତଳେ। କହିଲ, ତୁମ ଘର କେଉଠି ?"

"ଆମ ଘର ?" ଅତୀତବ ଆଗ୍ରହର ସହିତ ଚମ୍ପାକ ହିଲା – "ଆମ ଘର ପରା ପାତ୍ରପଡ଼ା। ପରଜଙ୍ଗଠାରୁ ଜମା ଚାରିମାଇଲ ବାଟ ! ଶାରଳା ଠାକୁରାଣୀଙ୍କ ମନ୍ଦିର ପାଖାପାଖି ! ତମ ଘର କୁଆଡ଼େ କି ଦିଦି ? ତକମୁ ତ ଚିହ୍ନିଲା ଚିହ୍ନିଲା ପରି ଲାଗୁଚି ! କହିଲ ଦିଦି, ତମ ଘର କୁଆଡ଼େ ?"

"ଆମ ଘର ଖୋର୍ଦ୍ଧା। ଭୁବନେଶ୍ୱରଠାରୁ କୋଡ଼ିଏ ବାଇଶି କିଲୋମିଟର ଦୂର। ମୁଁ ପରା ପରଜଙ୍ଗ ହସ୍ପିଟାଲରେ ସାତବର୍ଷ ଧରି ନର୍ସ ଥିଲି ? ଅଢ଼େଇବର୍ଷ ହେବ, ରିଟାୟାର୍ କଲିଣି ! ଏଠି ଚାକିରୀ କରୁଛି ! ତୁମ ନାଁ କ'ଣ କହିଲ ?"– ନର୍ସ ଦିଦି ପଚାରିଲେ।

ମନେପକାଇବା ପରି ନର୍ସ ଦିଦି କହିଲେ "– ଓହୋ, ଏତେବେଳକେ ମୋର ମନେ ପଡ଼ିଲା। ଥରେ ମୁଁ ତୁମ ଘରକୁ ଯାଇଥିଲି ତୁମକୁ ଟିଟାନସ୍ ଇଞ୍ଜେକ୍ସନ୍ ଦେବାପାଇଁ, ତୁମେ ଯେତେବେଳେ ଗର୍ଭବତୀ ଥିଲ ! ତୁମର ମନେପଡୁଚି ନା ନାଇଁ ? ତୁମ ବୁଢ଼ୀମା' ଗାଳି ଫଜିତ୍ କରି ମତେ ଘରୁ ବିଦା କରିଦେଇଥିଲେ ! ତମେ ସେଇ ଚମ୍ପା ଟି ! ମୋ ନାଁ ପରା କମଳା ଦିଦି !!"

ଚମ୍ପାର ମୁହଁ ଆନନ୍ଦରେ ଝଲସି ଉଠିଲା। ତା' ଆଖି ଦି'ଟା ବଡ଼ ବଡ଼ ହୋଇଗଲା ବିସ୍ମୟରେ। ସତେଅବା ସେ କୋଟିନିଧି ପାଇଯାଇଛି, ସେହିପରି ଆବେଗରେ ବିହ୍ୱଳିତ ହୋଇଯାଇ ବସିବା ସ୍ଥାନରୁ ଉଠି ଆସି କମଳା ଦିଦିଙ୍କ ହାତଟିକୁ ଚାପିଧରି କହିଲା – 'ହଁ ଲୋ ଦିଦି ହଁ। ମୁଁ ସେଇ ଚମ୍ପା। ମୋର ସବୁ ଗୋଟି ଗୋଟି ହୋଇ ମନେ ପଡିଯାଉଛି। ଦିଦି ମ, ତମକୁ ମିଛ ମତେ ସତ, ତମକୁ ଦେଖିବା ବେଳଠାରୁ ମତେ କେମିତି ଗୋଟଏ ଚିହ୍ନା ଚିହ୍ନା ଲାଗୁଥିଲା। ଭାବୁଥିଲି ତମକୁ କୋଉଠି ଦେଖିଛି। କାଳେ ତମେ କ'ଣ ଭାବିବ, ଭରସି କରି କହିପାରୁ ନଥିଲି କିଛି ! ଆଲୋ ମୁଁ ମରିଯାଉ ଥାଏଁ ଟି ! ତମେ ସେଇ ଅପୂର୍ବ କମଳା ଦିଦି ! କୋଉଠି ଥିଲ, ଆସି କୋଉଠି ପହଞ୍ଚିଲଣି ! କାଳିଆ ଠାକୁରଙ୍କର କି ମହିମା ଦେଖ !!"

ଚକ୍ରଧର ବି ଆମୋଦିତ ହେଉଥିଲା କମଳାଦିଦିଙ୍କୁ ପତିତପାବନ ନର୍ସିଂହୋମରେ ଦେଖି। କମଳାଦିଦି ତା'ର ଆଗରୁ ପରଚିତ। ଅନେକଥର ସେ ଯାଉଛି ପରଜଙ୍ଗ ହସ୍ପିଟାଲ। ସେଠି କମଳା ଦିଦିଙ୍କୁ ଦେଖିଚି। ତାଙ୍କ ସହିତ ଅନେକଥର କଥାବାର୍ତ୍ତା ବି କରିଛି। ଅଥଚ ବର୍ତ୍ତମାନ ପରିସ୍ଥିତିରେ ସେ ତାଙ୍କୁ ଚିହ୍ନି ପାରିଲାନି ! ସେ ଲଜ୍ଜିତ ହେଲା।

– "କେତେ ଝଡ଼ିଗଲଣି ମ ଦିଦି ! କଳାକାଠ ପଡ଼ିଗଲଣି।" ଚମ୍ପା କଥାପେଡ଼ି ଖୋଲିଲା – "ସେତେବେଳେ ତମର ଯେଉଁ ଦିବ୍ୟ ଚେହେରା, ଯୋଉ ଗୋରା ତକତକ ଦେହ" ଦେଖିଲା ଲୋକର ଆଖି ଲାଖିଯିବ ! ବାଟୋଇ ଦି'ପାହୁଣ୍ଡ ପଛକୁ ଫେରି ଚାହିଁବ ! ଏମିତି କ'ଣ ଦେଖାଗଲଣି ? କ'ଣ ଦେହ ପା' ଭଲ ନଥିଲା କି ? ଦିଦି ମ, ବୁଢ଼ୀ ଲୋକଟା ସେତେବେଳେ କ'ଣ ଦି'ପଦ କହିଦେଇଥିଲା ବୋଲି କ'ଣ ସେଇ କଥାକୁ ମନରେ ଗଣ୍ଠି ପକାଇ ବସିଛ !! ବୁଢ଼ୀ ପରା ବର୍ଷେ ହେଲାଣି ଆରପୁରକୁ ଟିକେଟ୍ କାଟିଲାଣି।"

କମଳା ଦିଦି କହିଲେ – "ନାଇଁ ନାଇଁ ଚମ୍ପା, ସେ ଗଲା କଥାକୁ ମୁଁ କାହିଁକି ଧରି ବସିବି ? ସେ ତ ପୁରୁଣା କାଳିଆ ମଣିଷ ! ତାଙ୍କର ମନ ଯାହା ବୁଝିଲା, ସେ ସେଇଆ କହିଲେ। ତମେ ଖାଲି ଚିହ୍ନିବ ବୋଲି ଘଟଣାଟା ମନେପକାଇ ଦେଲି ନା !!"

"ତମର ପିଲାପିଲି କେତେଟା ମ ଦିଦି ?" – ଚମ୍ପା କଥାର ଖିଅ ବାହାର କଲା। ପ୍ରିୟଜନଙ୍କୁ ପାଖରେ ପାଇ ମଣିଷ ଯେପରି ଦୁଃଖ ଭୁଲିଯାଏ, ଚମ୍ପା ସେହିପରି ସାମୟିକ ଭାବେ ଭୁଲିଗଲା ନିଜର ବାସ୍ତବ ସ୍ଥିତି। ଲାଗୁଥିଲା ସତେଯେପରି ସେ ଘରଠାରୁ ଶହେ କିଲୋମିଟର ଦୂର ହସ୍ପିଟାଲକୁ ଅସୁସ୍ଥ ପୁଅକୁ ଧରି ଆସିନାହିଁ, ଆସିଛି କେଉଁ କୁଣିଆ ଘରକୁ !

"ମୋର ପୁଅଟିଏ, ଝିଅଟିଏ।" କମଳା ଦିଦି ମଧ୍ୟ ନିଜ ମନ ପସନ୍ଦର ମଣିଷଟିକୁ ପାଖରେ ପାଇଯିବା ପରି ଗପିଚାଲିଲା – "ପୁଅ ବଡ଼। ଏ ବର୍ଷ ତା'ର ବାହାଘର କଲି। ପାଠଶାଠ ବେଶୀ ପଢ଼ିଲାନି। ବାଲୁଙ୍ଗା ହେଇ ବୁଲିଲା। ଜି.ପି.ଏଫ୍. ଟଙ୍କା ଯାହା ମିଳିଲା, ସେଥିରୁ ଅଧାନେଇ ଛୋଟିଆ ବହିଖାତା ଦୋକାନଟିଏ କରିଛି ଖୋର୍ଦ୍ଧା କଲେଜ ପାଖରେ। ଚାଲିଛି ଗୋଟେ ପ୍ରକାର। ଆଗରୁ ବିଛୁଆଡି ଥିଲା। ଏବେ ଟିକେ ବାଗକୁ ଆସିଛି। କହନ୍ତିନି, ବେକରେ ଜୁଆଳି ପଡ଼ିଲେ ମଣ ହବାକୁ କେତେ ଦିନ ? ଝିଅଟା ସାନ, କୋଡ଼ିଏ ବର୍ଷ ହେଲା ତାକୁ। ବି.ଏ.ପାସ୍ କଲା ଏ ବର୍ଷ। ଭାବିଛି, ଆସନ୍ତା ବର୍ଷ ତା'ବାହାଘର ବଢ଼ାଇଦେବି।

ସେମାନଙ୍କ କଥୋପକଥନ ମଝିରେ ଚକ୍ରଧର ଉଠି ତଳକୁ ଓହ୍ଲାଇ ଗଲା। ବିଡ଼ି ଖଣ୍ଡିଏ ନ ଲଗାଇଲେ ପାଟିଟା ଆମ୍ବିଳା ହୋଇଗଲାଣି।

'ଦିଦି !' ଚମ୍ପା କହିଲା – 'ଡାକତର ବାବୁ କହୁଛନ୍ତି ପୁଅର ପେଟ ଅପର୍ଚ୍ଛନ ହବ। ପେଟରେ କାଳେ ଟ୍ୟୁମର ହେଇଚି। ଏଠି ତମକୁ ଦେଖି ମୋ ଦେହରେ ଜୀବନ ପଶିଲା ଜାଣ। ସତ କୁହ ଦିଦି, ମୋ ପୁଅ ଭଲ ହେଇଯିବଟି ! ତା'ର କିଛି ଅସୁବିଧା ହେବନାହିଁ ଟି !! ନ'ଟା ନାଇଁ ଛ'ଟା ନାଇଁ, ବକଟେ ବୋଲି ଛୁଆ ମୋର। ବେଳ ଅବେଳ ପଡ଼ିଲା ବୋଲି ଶହେ ମାଇଲ ଦୂର ହସ୍ପିଟାଲ୍ ଦ୍ୱାର ମାଡ଼ିବାକୁ ପଡ଼ିଲା।" କହୁ କହୁ ଚମ୍ପା କାନ୍ଦି ପକାଇଲା।

ଚକ୍ରଧର ସେତେବେଳକୁ ଫେରିଆସି ବସିଥାଏ ବାରଣ୍ଡାରେ।

କମଳା ଦିଦିଙ୍କ ମୁହଁ ମଳିନ ପଡ଼ିଗଲା। ଦୁଃଖର କଳା ବାଦଲଟିଏ ସହସା ଢାଙ୍କିଦେଲା ତାଙ୍କ ସମଗ୍ର ଶରୀରକୁ। ସତେକି ତାଙ୍କର କେହି ଜଣେ ରକ୍ତସମ୍ପର୍କୀୟ ମଣିଷ ଘୋର ବିପଦରେ ପଡ଼ିଯାଇଛି, ସେହିପରି ଏକ ଯନ୍ତ୍ରଣାଦାୟକ ଭାବନା ଆଉଟି ପକାଉଥିଲା ତାଙ୍କୁ। କହିବେ କି ନ କହିବେ, ଆଗପଛ, ଦୋ' ଦୋ' ପାଞ୍ଚ ହୋଇ ସେ ବାହାର ବାରଣ୍ଡାରେ ବସିଥିବା ଚକ୍ରଧରକୁ ପାଖକୁ ଡାକିଲେ। ଏପାଖ ସେପାଖ ଚାହିଁ ଧୀର ଗଳାରେ କହିଲେ– "ତମେ ବଡ଼ ଭୁଲ୍‌ଟାଏ କରି ପକାଇଛ ସଞ୍ଜୟ କଥାରେ ପଡ଼ି। ଯେତେ ଶୀଘ୍ର ପାରୁଛ ପୁଅକୁ ନେଇ ଏଠୁ ପଳାଅ। ଏ ନର୍ସିଂହୋମ ଜମା ଭଲଜାଗା ନୁହେଁ। ନାନା ଅନୈତିକ କାମ ସବୁ ଚାଲିଛି ଏଠି। ତମେ ଚିହ୍ନାଲୋକ ବୋଲି କହୁଚି। ଯେତେଶୀଘ୍ର ପାରୁଛ ...।"

ବାହାରେ କାହାର ପାଦଶବ୍ଦ ଶୁଭିଲା। ସତର୍କ ହୋଇଯାଇ କମଳାଦିଦି ହଠାତ୍ ଚୁପ୍ ହୋଇଗଲେ। ଆଉ ଜଣେ ନର୍ସ ପଶିଆସିଲା ସେଇ କେବିନ୍ ଭିତରକୁ। ସେମାନଙ୍କ କଥାକାବର୍ତ୍ତାରୁ ସେ ବୋଧହୁଏ କିଛି ଅନୁମାନ କରିନେଲା କି କ'ଣ, କଟମଟ ଆଖିରେ କମଳା ଦିଦିଙ୍କୁ ଚାହିଁଲା ଓ ପୁଅର ଟେମ୍ପରଚର ମାପିଲା। ବିନା କାରଣରେ ସେ କେବିନ୍ ଭିତରେ ଏପଟ ସେପଟ ହେଲା। କମଳା ଦିଦି ଠିକ୍ ଅନୁମାନ କରିନେଲେ। ଅନ୍ୟ ନର୍ସ ଜଣକ ସେଠି ଥିବା ଅବସ୍ଥାରେ ସେ ସେଇ କେବିନ୍‌ରୁ ବାହାରିଗଲେ। ରାତି ଦଶଟା ବାଜିଯାଇଥିବାରୁ ତାଙ୍କ ଡ୍ୟୁଟି ଶେଷ ହୋଇଯାଇଥିଲା।

"ସେ ଦିଦି କ'ଣ ସବୁ କହୁଥିଲେ କି ?" – ନର୍ସ ଜଣକ ପଚାରିଲା ଚମ୍ପାକୁ।

ଅଶିକ୍ଷିତା ହେଲେ କ'ଣ ହେବ, ଚମ୍ପାର ଉପସ୍ଥିତି ବୁଦ୍ଧି ଅନେକ। କାଳେ କଥାଟା ଅଖାଡୁଆ ହୋଇଯିବ, ସେକଥା ଅନୁମାନ କରିନେଇ ସେ କହିଲା, "ନାଇଁ ମ ଦିଦି, ସେ ଦିଦି ଆମ ଘର କୁଆଡ଼େ ବୋଲି ପଚାରୁଥିଲେ। ଆଉ କିଛି ନୁହେଁ !"

ଚମ୍ପାର କଥାରେ ସନ୍ତୁଷ୍ଟ ହେଲା ନାଇଁ ନର୍ସଟି। ତା' ମୁହଁଟା ଭାରି ତାତ୍ପର୍ଯ୍ୟପୂର୍ଣ୍ଣ ଦେଖାଯାଉଥିଲା। ତା' ମୁହଁଟା ଗୋରା ହେଲେ କ'ଣ ହେବ, ଭାରି ରାଗୀ ରାଗୀ ଜଣାପଡୁଥିଲା। ସେ ବୋଧହୁଏ ଶୁଣି ଦେଇଥିଲା କମଳା ଦିଦିଙ୍କ କଥାବାର୍ତ୍ତାକୁ। ଆଉ ଅଧିକ କଥା ନ ବଢ଼ାଇ ସେ କହିଲା – " କାଲି ସକାଳେ, ଠିକ୍ ନ'ଟା ବେଳେ ଅପରେସନ ହେବ।" କହିଲା ଏବଂ ବାହାରିଗଲା। କେବିନ୍ ଭିତରୁ।

*କ୍ରମଶଃ...*

# ଲାଫିଙ୍ଗ୍ ବୁଦ୍ଧ





ଅକ୍ଷୟ ସ୍ୱାଇଁ

**ଯେ**ତେଥର ମୁଁ
ସନ୍ନ୍ୟାସର କଥା କହିଲି ...
ସେତେଥର ବୁଦ୍ଧ ହସିଲେ
କାରଣ ସଂସାର କ'ଣ ମୁଁ ବୁଝି ନଥିଲି।।

ସବୁକିଛି ଛାଡ଼ି ଯିଏ ପଳାଇଯାଏ
ସିଏ ପଳାତକ
ସବୁକିଛି ମୋର କହି ଯିଏ ଆବୋରି ବସେ
ସିଏ ଯକ୍ଷ...
ଧ୍ୟାନ ପାଇଁ ଆଖି ବନ୍ଦ କଲି
ତ ବୁଦ୍ଧ ହସିଲେ, କହିଲେ
କ'ଣ ବା ଦେଖିଲଣି ଯେ
ଆଖି ବନ୍ଦ କରି ଖୋଜୁଛ ମୋକ୍ଷ।।

ପଚାରିଲି,
ଦୁଃଖମାନଙ୍କୁ ପ୍ରଜାପତି କରି
କ'ଣ ଉଡ଼େଇ ହେବ ?
ପଚାରିଲି,
ବାହାରକୁ ପଡ଼ିଥିବା ରାସ୍ତାରେ
ଭିତରକୁ କେମିତି ଯାଇ ହେବ ?

ବୁଦ୍ଧ ହସିଲେ
ମୋତେ ଲାଗିଲା ...
ବୁଦ୍ଧୁମାନେ କେବଳ ପ୍ରଶ୍ନ ପଚାରନ୍ତି
ବୁଦ୍ଧମାନେ ଉତ୍ତରରେ କେବଳ ହସନ୍ତି।।

ସେବେଠୁ ମୋ ଘର କୋଣରେ
ହସନ୍ତି ଲାଫିଙ୍ଗ୍ ବୁଦ୍ଧ,
ଆଉ ମୁଁ ତାଙ୍କୁ ବାଢ଼ି ଦେଉଛି
ମୋ ହସର ନୈବେଦ୍ୟ।।

*ଇଟିପୁର, ନୂଆଗାଁ, ଭୁବନେଶ୍ୱର*

# ଅସହାୟର ଲମ୍ବା ରାସ୍ତା



ଦିଲ୍ଲୀପ କୁମାର ମିଶ୍ର

**ଯେ**ତେ ପାରୁଛ ମୋର ରକ୍ତ ଶୋଷି ପାର
ମନା କରି ପାରେନି, ମୁଁ'ତ ତୁମ ଭିତରେ ବନ୍ଦି;
ପ୍ରଜାପତିର ସ୍ୱପ୍ନରେ ଘରକଲି ବୋଲି
ନିଜସ୍ୱ ହରାଇଲି ଆତ୍ମୀୟତାର ପରିଚୟ ଦେଇ,
ସମୟର କୁହୁକ ଯନ୍ତ୍ରଣା ଭେଦିଗଲାଣି
ଶରୀରର ଶିରାରୁ ଧମନିଯାଏ,
ତଥାପି, ବଞ୍ଚିବାକୁ ପଡିବ
ଶୋଖିଲା ଗଛକୁ ଦେଖି
ଖରା, ବର୍ଷା, ଶୀତର ଯିଏ ମୁକ ସାକ୍ଷୀ,
କହିପାରେନି, ସହିପାରେ
ପକ୍ଷୀଠାରୁ ପଥିକର ଅସହ୍ୟ ଯନ୍ତ୍ରଣା,
ପଦଟାଏ ବାକ୍ୟ ପାଟିରୁ ବାହାରେନି
ଯଦି ବାହାରିବ ଗାଁ ଦାଣ୍ଡ କୋଳାହଳ ହେବ,
ଚାରିଆଡ଼େ ଖେଳିଯିବ ତୁଣ୍ଡବାଇଦ
ଛି ଛି କେମିତିକା ମଣିଷଟାଏ,
ଘରବୁଡି ଆଣ୍ଠୁଏ ପାଣି ହେଲାଣି
ତଥାପି ତା ମନେ ପଡୁନି,
ଭିତର ରହସ୍ୟ କେହି ଯାଣନ୍ତିନି
ନାଟକ ଦେଖିବାରେ ବ୍ୟସ୍ତଥା'ନ୍ତି।

*ପାଟଣାଗଡ଼, ବଲାଙ୍ଗିର*

# ୪ କୁନାବାପାଙ୍କ କୁନିକଥା



**ବ**ହି ମେଳାରେ ସାହିତ୍ୟିକ ବନ୍ଧୁମାନେ ସମ୍ବର୍ଦ୍ଧିତ ହେବେ ବୋଲି ତରତର ହେଇ ଗାଡିର ବେଗ ବଢ଼ାଉଥାନ୍ତି କୁନାବାପା। ମନେମନେ ଭାରି ଚିଡୁଥାନ୍ତି ନିଜ ଉପରେ। ଆଜି ଏତେବଡ ଦିନରେ ମଧ୍ୟ ଠିକ୍ ସମୟରେ ପହଞ୍ଚି ପାରିବେନି ବନ୍ଧୁଙ୍କ ପାଖରେ। ପ୍ରଧାନମନ୍ତ୍ରୀଙ୍କ ଓଡ଼ିଶା ଆଗମନ ହେତୁ ମାଳମାଳ ପୋଲିସ ଆଉ ରାସ୍ତାସବୁ ବ୍ୟାରିକେଡ ଲାଗି ଅଣଓସାରିଆ, ତେଣୁ ଚାହିଁଲେ ବି ଠିକ୍ ସମୟରେ ପହଞ୍ଚି ପାରିଲେନି। ମେଳା ମଞ୍ଚପାଖରେ ପହଞ୍ଚିଲା ବେଳକୁ ସବୁ ଶେଷପ୍ରାୟ। ସମ୍ବର୍ଦ୍ଧନା ସରିଲାଣି, ଖାଲି ବିଶିଷ୍ଟ ଅତିଥିଙ୍କ ଭାଷଣର ଉପସଂହାର ପାଖେଇଲାଣି। ହଉ, ତଥାପି ବନ୍ଧୁମାନଙ୍କୁ ଶୁଭେଚ୍ଛା ଜଣାଇ ବସି ଭାଷଣ ଶୁଣିଲେ।

ଧନ୍ୟବାଦ ପର୍ବ ସରିବା ପରେ ବାହାରେ ଆଉ କିଛି ବନ୍ଧୁମାନଙ୍କ ସହ ଦେଖାହେଲା ବେଳେ ଭେଟିଲେ ଜଣେ ବୟୋଜ୍ୟେଷ୍ଠ ସାହିତ୍ୟିକଙ୍କ ସହ। ସେ ମହାଶୟ ମହାଆନନ୍ଦରେ ଆଶୀର୍ବଚନ ସହ ସ୍ୱାଗତ କଲେ। ବହିମେଳା ବୁଲିବା ପ୍ରସ୍ତାବକୁ ତାଙ୍କର ପ୍ରତ୍ୟାଖ୍ୟାନ କରିପାରିଲେନି କୁନାବାପା। ବୁଲିଲେ ଦୋକାନରୁ ଦୋକାନ, ଭଳିକିଭଳି ରଙ୍ଗର ମଲାଟମଡା ମୋଟା-ପତଳା, ଗପ-ଗୀତ, ପରୀକଥା, ଈଶ୍ୱରଗାଥା, ସ୍କୁଲ-କଲେଜ ଏମିତି କେତେ ପ୍ରକାରର ବହି। ହେଲେ ସାହିତ୍ୟିକଙ୍କର କେବଳ ଆତ୍ମଜୀବନୀ ବହିରେ ରୁଚି। ଏ ଦୋକାନରୁ ସେ ଦୋକାନ ବୁଲି ପାଖାପାଖି ଆଠରୁ ଦଶଖଣ୍ଡ ବହି କିଣିଲେ ସାହିତ୍ୟିକ ମହୋଦୟ। କୁନାବାପା ବି ଦୁଇ ତିନିଖଣ୍ଡ ବହି କିଣିଲେ, ଆବଶ୍ୟକତା ଅନୁସାରେ। କୁନା'ତ ଏତେ ବଡ଼ ହେଇନି ଯେ ତା' ପାଇଁ କିଛି ନେଇହେବ। ଏଇ ସମୟରେ ଗୋଟାଏ ବଡ ବିଜୁଳି ଚମକରେ ବର୍ଷାର ସମ୍ଭାବନା ପାଇ ଶୀଘ୍ର ଘରକୁ ଫେରିବାର ପ୍ରସ୍ତାବରେ ଦୁହେଁ ଏକମତ ହେବାର ମିନିଟିଏ ଭିତରେ ସବୁ ଅନ୍ଧାର। ଦୁଇବନ୍ଧୁ ଗୋଟିଏ ପ୍ରକାଶନୀ ଷ୍ଟଲ ଭିତରେ ମୋବାଇଲ ଫ୍ଲାସ ଅନ୍ କରି ରସିଦ ଲେଖେଇବାରେ ସହାୟତା କଲେ। କୋଉଠିଥିଲା ଏତେ ପବନ ଆଉ ପାଣି ଆକାଶରେ କେଜାଣି ? ବର୍ଷିଗଲା ବେଲଗାମ ହେଇ, ଆଉ ସାଙ୍ଗରେ ଆଣିଥିଲା ଅଜସ୍ର କୁଆପଥର। ବର୍ଷାରୁ ରକ୍ଷା ପାଇବା ପାଇଁ ପ୍ରାୟ ସାତ ଆଠଜଣ ଧସେଇ ପସିଲେ। ସେଥିରେ ଥିଲେ ପ୍ରାୟ ସବୁ ବର୍ଗର ମଣିଷ, ମାନେ ପିଲାଠୁ ପୌଢ଼ ପର୍ଯ୍ୟନ୍ତ ସମସ୍ତେ। ତେବେ ଜେନରେଟରର ସୁବିଧା ଥିବାରୁ ଅଳ୍ପ ସମୟରେ ବିଜୁଳିବତି ଓ ପଙ୍ଖା ନିଜର ଉପସ୍ଥିତି ଜାହିର କଲେ। ବାହାରୁ ବର୍ଷା ଓ ପବନ ସହ କୁଆପଥର ମଧ୍ୟ ଟେଣ୍ଟ ଭିତରକୁ ଧସେଇ ପସିବାର ଚେଷ୍ଟା କରନ୍ତେ, ବିକ୍ରେତା ଓ ତାଙ୍କ ସହଯୋଗୀ, ପାଲର ଆସ୍ତରଣ ଦେଇ ବଙ୍କର ଭଳି ସୁରକ୍ଷାର ବ୍ୟବସ୍ଥା କଲେ। ହେଲେ କିଛି ବର୍ଷାଛିଟା ଅଳ୍ପ କିଛି କୁଆପଥରକୁ ରୋକିପାରିଲାନି। ତା'ରି ଭିତରେ ଛୋଟ ଝିଅଟିଏ, କୁଆପଥର ଗୋଟେଇ ପାଟିରେ ପୂରାଇଦେଲା। କୁନାବାପା ପୁଣି ନିଜ ପିଲାଦିନକୁ ଫେରିଗଲେ ଭାବନାରେ।

ଆଃ। କି ଥଣ୍ଡାସତେ ଏ କୁଆପଥର। କୋଉ ଫ୍ରିଜ୍‌ର ବରଫ କିମ୍ବା ଆଇସ୍‌କ୍ରିମ୍ ବି ଏଇ ସ୍ୱର୍ଶ ଦିଏନି। ପ୍ରକୃତିସ୍ଥ ହେଲେ, କୁଆପଥରର ଆକ୍ରମଣରେ ଯନ୍ତ୍ରଣା ଜର୍ଜରିତ ପାଲ ଓ ଟିଣର ଶବ୍ଦରେ। ଆଉ ଦେଖିଲେ ଭିତରେ ସମସ୍ତେ ବ୍ୟସ୍ତ, ବର୍ଷା ପାଇଁ ନୁହେଁ କି ଘରକୁ ଫେରିବାର ବ୍ୟସ୍ତତା ନୁହେଁ। ବହି ପଢ଼ିବାରେ ଓ ଆଉ କିଛି ବହି କିଣିବାରେ। ସତରେ ସବୁବହି କ'ଣ ଜଣେ ଏକା ପଢ଼ିପାରିବ ! ବୋଧେ ନାଁ। ତଥାପି ସେଇ ଅଳ୍ପ ସମୟ ଭିତରେ ପ୍ରାୟ ସମସ୍ତେ ଅଧିକରୁ ଅଧିକ ବହିସହ ପରିଚୟ ବଢ଼େଇବାରେ ବ୍ୟସ୍ତ। ଏଇ ଅଳ୍ପକିଛି ସମୟ ପାଇଁ ଏକାସଙ୍ଗେ ସମସ୍ତେ ଥିଲେ ବହିମନସ୍କ। ଲାଗୁଥିଲା ଆଜି ବହିସବୁ ସରିଯିବ ହେଲେ କାହାର ବି ମନ ବୁଝିବନି।

ମୋବାଇଲଟା ବାଜିଉଠିଲା, ଘରୁ କୁନାର କାକା ଫୋନରେ ରବିବାରର ସ୍ପେଶାଲ ଖାଦ୍ୟକିଛି ଆଣିବା ପାଇଁ କହି ଫୋନ ରଖିଦେଲେ। ଅଧଘଣ୍ଟାର ନିର୍ଘାତ ବର୍ଷାପରେ ସବୁକିଛି ଶାନ୍ତ ଲାଗୁଥିଲା। ସମସ୍ତେ ଚାଲିଲେ ନିଜ ବାଟରେ। ଆଉ ବୟୋଜ୍ୟେଷ୍ଠ ବନ୍ଧୁଙ୍କୁ ବିଦାୟ ଦେବା ପାଇଁ ଗାଡିପାଖକୁ ଗଲେ କୁନାବାପା। ଗାଡି ସିଟ୍ ପୋଛି ବାହାରିଲେ ଘରକୁ। ସି.ଆରପି. ଛକଦେଇ ଆସିବା ବେଳେ ଆଣ୍ଠୁଏ ଲେଖାଏ ପାଣି କୃତ୍ରିମ ବନ୍ୟାର ରୂପ ନେଇଥିଲା। ବିଭିନ୍ନ ଆଲୋକରେ ଝଲସୁଥିବା ରାଜଧାନୀର ରାଜରାସ୍ତାରେ ଅନ୍ଧାରର ରାଜୁତି ଥିଲା। ବାଟସାରା ପ୍ରାୟ ସବୁ ଦୋକାନ ବନ୍ଦ। ଝଡ ପରର ଶୂନ୍ୟତା ବୋଧେ ! ମହମବତି ଲଗେଇ ନିଜ ଅଦିନିଆ ବେପାରବୃଦ୍ଧିରେ ବ୍ୟସ୍ତ ଫାଷ୍ଟଫୁଡ ଦୋକାନରୁ ଚିଲି-ଚିକେନ ଅର୍ଡର ଦେଇ ପୁଣି ଭାବନା ରାଜ୍ୟରେ ବୁଲିଲେ କୁନାବାପା।

ଝଡ ହେଉପଛେ, ଏଇ ବାହାନାରେ ଅପଡେଟେଡ୍ ମୋବାଇଲ ଓ ଇଣ୍ଟରନେଟ୍‌ର ପ୍ରେମରେ ପଡିଥିବା ଆଜିର ମଣିଷ ମଧ୍ୟ ବହିପଢ଼ାର ସେଇ ପୁରୁଣା ଅଭ୍ୟାସକୁ ଭୁଲିନି। ଯେତେ ଡିଜିଟାଇଜେସନ ହେଲେବି ପର୍ସରେ ଟଙ୍କା ରଖିବା ଛାଡିନି। ଏବେବି ବହିର ଚାହିଦା ଅଛି ଓ ଆଗକୁ ବି ରହିବ, ଏଇ ଆଶାନେଇ କୁନାବାପା ଘରକୁ ଫେରିଲେ। ଆଉ ଘରୁ ବାହାରକୁ ପଡୁଥିବା ସାନଭାଇ ଆଇଫୋନର ଫ୍ଲାସ ଲାଇଟରେ ବାହାର ଗେଟ୍ ଦେଲାବେଳେ ପୁଣି ଭାବିଲେ, ସବୁକିଛିର ଆବଶ୍ୟକତା ଅଛି। କିନ୍ତୁ ଆବଶ୍ୟକତା ଠାରୁ ଅଧିକ ସବୁକିଛି ସବୁବେଳେ ଖରାପ।

# ବୟସ ବିଶେଷ



ଲକ୍ଷ୍ମୀ ଚାନ୍ଦ୍

**ତା**ଙ୍କ ବୟସ ପଞ୍ଚସ୍ତରୀ । ତାଙ୍କ ନାଁ ? ଧରାଯାଉ ଫୁଲମଉସା। ଫୁଲମଉସା ଏଇଥିପାଇଁ ଯେ ମୁଁ ଯେତେବେଳେ ତାଙ୍କୁ ଭେଟିଛି ଫୁଲ ତୋଳିଲା ବେଳେ ଅଥବା ଫୁଲଗଛ ମୂଳେ। ଆଉ ମଜା କଥା ହେଲା ମୁଁ ଏ ଗପ ଲେଖିସାରିଲା ପର୍ଯ୍ୟନ୍ତ ତାଙ୍କ ନାଁ ଜାଣିନି ବା ଜାଣିବାକୁ ଚେଷ୍ଟା କରିନି।

ପଞ୍ଚସ୍ତରୀ ବର୍ଷର ଫୁଲମଉସାଙ୍କୁ ମୁଁ ମର୍ଣ୍ଣିଂ ୱାକ୍ ବେଳେ ରୋଜ ଭେଟେ। ତାଙ୍କ ପାଖରେ ମୋତେ ଆକର୍ଷିତ କଲାପରି ସେମିତି କିଛି ନଥାଏ,କି ତାଙ୍କୁ ନେଇ ଗପଟିଏ ଲେଖିବାର ମାନସିକତା ବି ମୋର ନଥାଏ। ସିଏ ମୋ ପାଇଁ ସବୁଦିନ ଭେଟୁଥିବା ଗୋଟେ ସାଧାରଣ ଚରିତ୍ର, ଯାହା ବିଷୟରେ ମୁଁ ଆଦୌ ନ ଭାବି ଅଣଦେଖା କରିପାରିଥାନ୍ତି। ତେବେ ତାଙ୍କ ସହ ମୁଁ ଯାହାକୁ ଯୋଡିବାକୁ ଯାଉଛି ମାନେ ଏଇ କାହାଣୀକୁ ଯାହା ସାହାରାରେ ଆଗେଇ ନେବି ସିଏ ହିଁ ମୋ ଆକର୍ଷଣର କେନ୍ଦ୍ରବିନ୍ଦୁ। ତାଙ୍କ ନାଁ ମଧ୍ୟ ମୁଁ ଜାଣିନି। ତେଣୁ ତାଙ୍କୁ ବି ଗୋଟେ ନାଁ ଦିଆଯାଉ। ଆଉ ସେଇ ନାଆଁଟି ଫୁଲମାଉସୀ ବ୍ୟତୀତ ଅଲଗା କିଛି ହେଇନପାରେ। ତାଙ୍କୁ ବି ମୁଁ ଫୁଲାମଉସାଙ୍କ ଫୁଲଗଛମୂଳେ ହିଁ ଭେଟିଛି। ଫୁଲ ତୋଳିବା ସହ ଫୁଲମଉସାଙ୍କୁ କଣେଇ କଣଇେ ଚାହିଁଲାବେଳେ । ତାଙ୍କ ବୟସ ସତୁରୀ ଖଣ୍ଡେ ହବ। କିନ୍ତୁ ସତୁରୀ ବର୍ଷର ଆଖିଦୁଇଟି ବଦଳରେ ତାଙ୍କର ଥାଏ ସତର ବର୍ଷର ହରିଣୀ ପରି ଆଖି ହଳେ। ସେଇ ଆଖିଦୁଇଟି ହିଁ ମୋତେ ଟାଣିନିଏ ତାଙ୍କ ପାଖକୁ ଓ ମୁଁ ତାଙ୍କ ମାୟାରେ ମାତାଲ। ଫୁଲମାଉସୀ ଓ ଫୁଲମଉସା ଦୁହିଁଙ୍କ ଘର ମଧ୍ୟରେ ବ୍ୟବଧାନ ଶହେ ମିଟର ପାଦଚଲା ରାସ୍ତା। ସେଇ ରାସ୍ତାର ଦୂରତ୍ୱ ଖୁବ ବେଶୀ ଲାଗେ ଫୁଲମାଉସୀଙ୍କୁ ଯେତେବେଳେ ସେ ଫୁଲମଉସାଙ୍କ ଫୁଲ ଗଛ ପାଖକୁ ଫୁଲ ତୋଳି ଆସନ୍ତି। ତାଙ୍କ ଚାଲିରୁ ବେଶ୍ ଜଣାପଡେ ସେ ସେଇ ଶହେ ମିଟର ପାଦଚଲା ରାସ୍ତାକୁ ଗୋଡର ଅସୁବିଧା ସତ୍ତ୍ୱେ ଯେତେ ଶୀଘ୍ର ପାରନ୍ତେ ଅତିକ୍ରମ କରିପକାନ୍ତେ । କାଳେ ପହଞ୍ଚିବା ଡେରି ହେଲେ ଫୁଲମଉସା ଅପେକ୍ଷା କରି କରି ଘର ଭିତରକୁ ଚାଲିଯିବେ। ସେତେବେଳେ ଫୁଲମାଉସୀଙ୍କୁ କିଛି ପଚାରିଲେ ସେ ଜବାବ୍ ନ ଦେଇ ଗୋଟେ ଅନ୍ୟମନସ୍କ ହସ ଫୋପାଡି ଦିଅନ୍ତି । ପ୍ରଥମେ ପ୍ରଥମେ ମୁଁ ଏହାର କାରଣ ଜାଣି ନ ପାରି ମୋ ପ୍ରଶ୍ନକୁ ବାରମ୍ବାର ଦୋହରାଉଥିଲି।

ସେଦିନ ତିନିଥର ପଚାରିଲା ପରେ ଏଭଳି ଅନ୍ୟମନସ୍କ ହସ ଦେଖି ମୋତେ ବିରକ୍ତି ଲାଗିଲା ଓ ତାର କାରଣ ଅନୁସଂଧାନ କରିବାପାଇଁ ମୁଁ ଲାଗିଗଲି । ମୋତେ ନିଶ୍ଚିତ ଭାବେ ତାଙ୍କୁ କିଛିଦିନ ଅନୁସରଣ କରିବାକୁ ପଡିଲା ଓ କାରଣ ନଥାଇ ତାଙ୍କ ସହ ଗପି ତାଙ୍କ ଭିତରୁ କଥା ତକ ଓଗାଳିବାକୁ ପଡିଲା। କାରଣ ଜାଣିଲା ପରେ ବୋହେ ହସିଲି ଓ ବୋହେ କାନ୍ଦି ପକେଇଲି ମଧ୍ୟ। ଅବଶ୍ୟ ମୋର ହସିବା କାନ୍ଦିବା ମୋ ଭିତରେ ରହିଲା । ସେଥିରେ କେହି ଭାଗିଦାରୀ ହେଇପାରିନଥାନ୍ତେ। ଫୁଲମାଉସୀ ତ ବିଲକୁଲ ନୁହେଁ ।

ପ୍ରତିଦିନ ଏଥର ଫୁଲମାଉସୀ ଭେଟ ହେଲେ ମୋ ମୁହଁଟା କୌତୁକିଆ ଦେଖାଯାଏ ଓ ସେ ଏହାକୁ ବେଖାତିର କରି ଫୁଲମଉସାଙ୍କୁ କଣେଇ କଣେଇ ଚାହିଁବାରେ ନିଜକୁ ବ୍ୟସ୍ତ ରଖନ୍ତି। ଫୁଲ ତୋଳିବା ତାଙ୍କ ପାଇଁ ଗୋଟେ ବାହାନା। ଅନ୍ୟମନସ୍କ ଭାବେ ଫୁଲ ତୋଳୁଥାନ୍ତି ସିନା ଖୁବ୍ ମନସ୍କ ଭାବେ ଫୁଲମଉସାଙ୍କୁ କଣେଇ କଣେଇ ଚାହୁଁଥାନ୍ତି । ଚାଲିଲାବେଳେ ମୁଁ ସେଇ ଜାଗାରେ ଅଟକିବିନି ଭାବି ମଧ୍ୟ ମୋ ପାଦ ଦୁଇଟା ଅଟକିଯାଏ। ଦୁହିଁଙ୍କୁ କିଛି ସମୟ ଚାହିଁ ଲାଜ ମୁହଁରେ ମୁଁ ଫେରିଆସେ।

ଦିନେ ସେ ଫୁଲମଉସାଙ୍କ ପାଖରେ ପହଞ୍ଚିବା ପୂର୍ବରୁ ମୁଁ ତାଙ୍କ ବାଟ ଆଗୁଳି ଛିଡାହେଇଗଲି। ସେ ଭାରି ତରତର ହେଲେ। କହିଲେ ଛାଡ ଛାଡ ମୁଁ ଯାଏ।

-ରୁହନ୍ତୁ ମାଉସୀ କଣ ପାଇଁ ଏତେ ତରତର ହଉଛନ୍ତି ?

-ସେ ଚାଲିଯିବେ

-ସେ କଣ ଆପଣଙ୍କର ଏତେ ପସନ୍ଦ ?

-ବହୁତ

-ଏଇ ବୟସରେ ?

-ମଲା ଜଣକୁ ପସନ୍ଦ କରିବାରେ ବୟସ କଣ ଦରକାର ?

-ଠିକ କଥା , କିନ୍ତୁ ଆପଣଙ୍କ ମଉସା ଜାଣିଲେ...

-ସେଇ କଥା ପରା, ବେଶୀ ସମୟ ହେଲେ ସେ ସଂଦେହ କରିପାରନ୍ତି । ମୋତେ ଛାଡ, ମୁଁ ଯାଇ ତାଙ୍କୁ ଖାଲି ଟିକେ ଦେଖି ଦେଇ ଆସେ ।

ମୋତେ ଆଉ କିଛି କହିବାର ସୁଯୋଗ ନ ଦେଇ ସେ ଚାଲିଗଲେ। ପଛକୁ ବୁଲି ଦେଖିଲି ଫୁଲମଉସାଙ୍କ ପାଖାପାଖି ହେଲାବେଳକୁ ସେ ଷୋହଳ ବର୍ଷର କିଶୋରୀ ପାଲଟି ଯାଇଥିଲେ। କୁଆଡୁ ତାଙ୍କ ମୁହଁରେ ଏତେ ରଂଗ ଆସିଲା, କିଏ କୁଢେଇ ଦେଲା ତାଙ୍କ ଉପରେ ବସ୍ତାଏ ଲାଜ !ମୋ ଆଖି ସାମନାରେ ଥାଇ ମଧ୍ୟ ମୁଁ ତାଙ୍କୁ ଚିହ୍ନି ପାରିଲିନି। ଫୁଲମଉସାଙ୍କର ମଧ୍ୟ ସେମିତି କିଛି ଗୋଟେ ଭାବ।

ଏଇ ପାଲାକୁ ମୁଁ ରୋଜ ଉପଭୋଗ କରୁ କରୁ ଦିନେ ଦେଖିଲି ମଉସା ବିଷର୍ଣ୍ଣ। ମାଉସୀ ଆଉ ଆସୁନାହାନ୍ତି। ଫୁଲ ତୋଳିବା ସମୟ ତକ ମଉସା ଖୁବ ଅସ୍ଥିର ଓ ଅନ୍ୟମନସ୍କ। ତାଙ୍କ ଆଖି ବାରମ୍ବାର ମାଉସୀଙ୍କ ଘରଆଡେ। କାରଣ ପଚାରିଲା ପରି ତାଙ୍କ ସହ ଏତେ କଥା ହେଇନଥିଲି, ତେଣୁ କିଛି ପଚାରିପାରିଲିନି। ପଚାରି ପାରୁନଥିବାରୁ ପଚାରିବାର ଆଗ୍ରହ କିନ୍ତୁ ବଢିଚାଲିଲା। ମାଉସୀଙ୍କ ଦେଖା ନଥିଲା କାହାକୁ ପଚାରିଥାନ୍ତି ? ଗୋଟେ ତରଫରୁ ମୋର ସିନା ମିଶାମିଶି ଅନ୍ୟ ତରଫରୁ ତ ସଂପୂର୍ଣ୍ଣ ଅଜଣା। ମଉସାଙ୍କୁ କିଛି ପଚାରିବାକୁ ସାହସ ହେଲାନି।

ଅଳ୍ପ କିଛିଦିନ ପରେ ମାଉସୀ ତାଙ୍କ ଘର ସାମନାରେ ଛିଡା ହେଇ ଫୁଲ ମଉସାଙ୍କ ଘର ଆଡେ ଚାହୁଁଥିବାର ଦେଖିଲି। ମୋତେ ଦେଖି ସେ ଦୁଃଖ ହସ ହସିଦେଲେ । ମୁଁ କିଛିଟା ବୁଝିପାରୁଥିଲେ ବି ପଚାରିଲି-ମାଉସୀ ଆଉ କାହିଁକି ଯାଉନାହାନ୍ତି ଯେ ଫୁଲ ତୋଳି ?

ଦୁଃଖ ହସରେ ମାଉସୀଙ୍କ ମୁହଁଟା ଆଉଟି ହେଇଗଲା। ସେ ଚାରିଆଡେ ଟିକେ ଚାହିଁ ମୋ କାନ ପାଖକୁ ମୁହଁ ନେଇ ଆସି ଧୀରେ କହିଲେ -ଯାଙ୍କର ସଂଦେହ ହେଇଛି ।

-କେମିତି ? କାହାଉପରେ ?

-ମୋ ଉପରେ ଆଉ କାହାଉପରେ । କହିଲେ ରାତି ସାରା ତୁମକୁ ନିଦ ହଉନି ସକାଳୁ କେମିତି ଫୁଲ ତୋଳି ଯିବ ବୋଲି। ଫୁଲ ତୋଳିବାକୁ ଯାଉଛ ନା ସେଇ ପଣ୍ଡା ବୁଢାକୁ ଦେଖିବାକୁ ଯାଉଛ । ଭାରି ଲସର ପସର ଭାବ। ଭାବୁଛ ଏ ଆଖି କିଛି ଜାଣିପାରୁନି ।ନାତି ନାତୁଣି ଖେଳେଇଲଣି ଏ ବୟସରେ ଏଇ କାଣ୍ଡ । କହିବି ପୁଅ ବୋହୁଙ୍କୁ ?

ମୋ ପାଟିରୁ ଫେଣ ବାହାରି ପଡିଲା । ରାମ ରାମ ରାମ... ମୁଁ କଣ ଏମିତି ଘୋରତୋର ଅପରାଧ କରିଛି ? ଜଣକୁ ଭଲ କହିବା ଓ ପସନ୍ଦ କରିବା କଣ ଏତେ ବଡ ଅପରାଧ ? ମୋତେ ଫୁଲ ତୋଳି ଯିବାକୁ ମନା କରିଛନ୍ତି। ନିଜେ ସକାଳୁ ଫୁଲ ତୋଳି ଆଣୁଛନ୍ତି।

-ଓଃ ଏମିତି କଥା । ସେଥିପାଇଁ ସକାଳୁ ଆପଣଙ୍କର ଦର୍ଶନ ମିଳୁନି।

- ହଁ କେମିତି ଯିବି କହ। ତାଙ୍କୁ ଟିକେ ପାଖରୁ ଦେଖିବାକୁ କିନ୍ତୁ ଭାରି ଇଚ୍ଛା ହେଉଛି। ତୁ ତ ସବୁଦିନ ତାଙ୍କୁ ଦେଖୁଛୁ । ସେ କଣ ମୋତେ ଖୋଜିଲା ଖୋଜିଲା ପରି ଲାଗୁଥିଲେ ?

- ଉଦାସ ତ ଲାଗୁଥିଲେ। ଖୋଜୁଥିବେ ବି। ମୁଁ ଲକ୍ଷ୍ୟ କରିନି।

-ନିଶ୍ଚୟ ଖୋଜୁଥିବେ। କେମିତି ଟିକେ ଯାଇ ତାଙ୍କୁ ଦେଖା କରନ୍ତି।

- ଅଳ୍ପ ଦୂରରେ ତ ସେ ରହୁଛନ୍ତି , କେତେବେଳେ ଟିକେ ଯାଇ ଦେଖାକରି ଆସୁନାହାନ୍ତି।

-ମଉସା ନଥିଲାବେଳେ ତାଙ୍କ ଘରଆଡେ ଯିବାକୁ ଚେଷ୍ଟା କରିଛି , ପାରିନି। ତାଙ୍କର ତ ବାତ ରୋଗ ପାଇଁ ସେଇ ସକାଳୁ ଥରେ ମାତ୍ର ତଳକୁ ଆସନ୍ତି। ଆଗରୁ ତାଙ୍କ ଘରକୁ ଏତେ ଥର ଯାଇଛି ଏବେ କାହିଁକି ମାଡି ମାଡି ପଡୁଛି। କେମିତି ଗୋଟେ ଭୟ ଭୟ ଲାଗୁଛି । ଚୋରି କରିଛି କି ?। କାଳେ କିଏ କଣ ଭାବିବ।

ମୁଁ ହସି ହସି ଗଡିଗଲି। ମାଉସୀ ଆପଣ ବି ନା ... ଟିନ ଏଜର ପରି ହଉଛନ୍ତି। ସତରେ କଣ ଆପଣ ଏମିତି ଅପରାଧ କରିଛନ୍ତି ଯେ ଡରି ଡରି ରହୁଛନ୍ତି ? ସିଧା ଯାଇ ତାଙ୍କୁ ଦେଖା କରି ଆସୁନାହାନ୍ତି ? ସେ କେମିତି ଅଛନ୍ତି, କଣ କରୁଛନ୍ତି, ଆପଣଙ୍କୁ ମନେ ପକଉଛନ୍ତି କି ନାଇଁ ।

-ସେମିତି କଣ ପଚରାଯାଏ। ଏସବୁ ତୁମ ମାନଙ୍କ ଯୁଗ କଥା। ଆମବେଳେ ଏପରି ନଥିଲା। ଆମେ ଯେତେ ଚେଷ୍ଟା କଲେ ବି କାହାକୁ ପସନ୍ଦ କରିବା କଥା କହି ପାରୁନଥିଲୁ।

-ହେଲେ ବର୍ତ୍ତମାନ ତ ଆପଣ ଆମ ଯୁଗରେ ବଂଚୁଛନ୍ତି ନା। ଏବେ ଟିକେ ସାହସ କରନ୍ତୁ।

ଆବଶ୍ୟକତାଠୁ ସେ ଅଧିକ ଲାଜେଇଯାଇ କହିଲେ -ସେମିତି ହେଇପାରୁଥିଲେ କେଡେ ଭଲ ହୁଅନ୍ତା। କିନ୍ତୁ ଆମକୁ ଆମ ସଂସ୍କାର ଜାବୁଡି ଧରୁଛି। ମୁଁ ଯେତେ ଚେଷ୍ଟା କଲେବି ତାଙ୍କୁ କିଛି କହିପାରିବିନି କି ସିଏ ବି ମୋତେ କିଛି କହିପାରିବେନି।

ମାଉସୀ ଆଉ କିଛି କହିପାରିନଥିଲେ।

ପୁଣି କେଇଦିନ ପରେ ତାଙ୍କୁ ଫୁଲମଉସାଙ୍କ ଗଛ ମୂଳେ ଫୁଲ ତୋଳୁ ତୋଳୁ ତାଙ୍କୁ କଣେଇ ଚାହୁଁଥିବାର ଦେଖିଲି। ମଉସା ମଧ୍ୟ ତାଙ୍କୁ ଚାହୁଁଥାନ୍ତି । ଏଥର କିନ୍ତୁ ମାଉସୀଙ୍କ ଚାହାଣୀଟା ଆଗପରି ନରମ ଓ ପ୍ରେମପ୍ରବଣ ନ ଥାଇ ଟିକେ ଭୟ ଭୟ ଲାଗୁଥିଲା। ଥରେ ମଉସାଙ୍କୁ ଚାହିଁଦେଇ ସେ ଦୁଇଥର ନିଜ ଚାରିପାଖକୁ ଚାହୁଁଥାନ୍ତି। ମଉସା ଚାଲିଯିବା ପରେ ମୁଁ ତାଙ୍କୁ ପଚାରିଲି -କଣ ହେଇଛି କାହିଁକି ଏତେ ଭୟ କରୁଛନ୍ତି ?

ସେ ମୋତେ ଚଟକିନା ପାଖକୁ ଟାଣିନେଇ କହିଲେ ଚୁପ ଚୁପ ଜଗୁଆଳୀ ଅଛି ।

ମୁଁ ମୁଣ୍ଡ ବୁଲେଇ ବୁଲେଇ ଚାରିଆଡେ ଚାହିଁ କାହାକୁ ଦେଖି ନପାରିବାରୁ ପଚାରିଲି କାହା କଥା କହୁଛନ୍ତି ?

-ଏଇ ମୋ ପାଖରେ ଯିଏ ଛିଡା ହେଇଛି

- ଇଏ ତ ଆପଣଙ୍କ ଚାରିବର୍ଷର ନାତୁଣୀ

-ହଁ ୟାକୁ ଇ ତ ମଉସା ମୋତେ ଜଗିବା ପାଇଁ ପଠେଇଛନ୍ତି। ତାଙ୍କ ଦେହ ଖରାପ ବୋଲି ଫୁଲ ତୋଳି ଆସିପାରୁନାହାନ୍ତି। ଆମର ଠାକୁର ପୂଜା ନହେଲେ ଘରେ କେହି ପାଣି ଛୁଅନ୍ତିନି। ପୂଜା ପାଇଁ ଫୁଲ ନିହାତି ଦରକାର। ୟାଙ୍କ ଘର ଛଡା ଆଉ କୋଉଠି ଗୋଟିଏ ହେଲେ ଫୁଲ ଫୁଟୁନି। ବଜାରର ଫୁଲ ତ ଜାଣିଥିବ ସବୁ ବାସି। ଅତଏବ ଫୁଲ ତ ତୋଳିବାକୁ ପଡିବ। ସେଥିରେ ପୁଣି ଅନ୍ୟମାନେ ନେଇଯିବେ ବୋଲି ସଅଳ ଆସିବାକୁ ପଡୁଛି।

-ହଁ ଠିକ କଥା ଯେ ... କିନ୍ତୁ ଏଇ ଚାଖଣ୍ଡେ ଆପଣଙ୍କୁ ଜଗିବାକୁ ଆସିଛି ?

-ହଁ ମଉସା ୟାକୁ ମୋତେ ଜଗିବା ପାଇଁ ପଠେଇଛନ୍ତି। ମୁଁ ଏଇଠି କାହା ସହ କେତେସମୟ କଥା ହେଲି ସବୁ ଯାଇ ଯେ ତାଙ୍କୁ ବିବରଣୀ ଦବ। ସେଥିରୁ ସେ ଯାହା ଠଉରେଇବେ।

ହାୟ ମୁଁ ସେ କୁନି ଜଗୁଆଳୀ ଟିକୁ ଦେଖୁଥିଲି ଯିଏ ଭାରି ଦାୟିତ୍ୱବାନ ଭାବେ ନିଜ କର୍ତ୍ତବ୍ୟ ସଂପାଦନା କରୁଥିଲା। ଆମେ କଥା ହେଲା ବେଳେ ବାରମ୍ବାର କାନ ଠିଆ କରି ଆମ କଥା ଶୁଣିବାକୁ ଚେଷ୍ଟା କରୁଥିଲା।

ଅଣ୍ଟାରେ ହାତ ଦେଇ ଅଭିଭାବକ ସୁଲଭ ଢଙ୍ଗରେ ଦୁଇ ତରଫକୁ ଚାହୁଁଥିଲା ଓ ଶେଷରେ ମାଉସୀଙ୍କଠି କାଖ ହେଇ ଘରକୁ ଗଲା।

ମୋର ମନେ ପଡିଯାଉଥିଲା ରାଜେଶକୁ ଭଲ ପାଇଲାବେଳେ ବାପା ମୋତେ ବିରୋଧ କରି ଜେଜେ ମାଆଙ୍କୁ ମୋ ସହ ଜଗୁଆଳୀ କରି କେମିତି ପଠଉଥିଲେ ଓ ମୁଁ ମୁହଁ ସଞ୍ଜବେଳେ ମୋ ଅଧା ଅଂଧୁଣୀ ଜେଜୀ ହାତରେ ଆଉ ଜଣଙ୍କ ହାତ ଧରେଇ କେମିତି ରାଜେଶ ସହ ଗଭୀର ଆଲିଙ୍ଗରେ ମଜି ରହୁଥିଲି।

*ସି-୧୨୭୧, ସେକ୍ଟର -୬*
*ସି.ଡି.ଏ, କଟକ-୧୪*
*ଫୋନ-୮୮୯୫୨୯୪୧୪୧*

# କଟକ-ପୁରୀ ମଧ୍ୟରେ ଚାଲିବ ସ୍ୱତନ୍ତ୍ର ବସ୍

**କଟକ :** ପୁରୀର ବିଶ୍ୱପ୍ରସିଦ୍ଧ ଘୋଷଯାତ୍ରାରେ ଭକ୍ତଙ୍କ ଯାତାୟତ ସୁବିଧା ପାଇଁ ପରିବହନ ବିଭାଗ ତରଫରୁ ବ୍ୟାପକ ତତ୍ପରତା ପ୍ରକାଶ ପାଇଛି । ଏଥର ରଥଯାତ୍ରା ପାଇଁ କଟକ ଭୁବନେଶ୍ୱର ସମେତ ରାଜ୍ୟର ବିଭିନ୍ନ ଅଞ୍ଚଳରୁ ସ୍ୱତନ୍ତ୍ର ଭାବେ ବସ୍ ଚଳାଚଳ କରିବ । ରଥଯାତ୍ରା ସହିତ ସୁନା ବେଶ ଓ ବାହୁଡ଼ା ଯାତ୍ରା ପାଇଁ ୨୪ ଘଣ୍ଟିଆ ବସ୍ ସେବା ଯୋଗାଇ ଦିଆଯିବ ବୋଲି ପରିବହନ ଆୟୁକ୍ତ ମଧୁସୂଦନ ପାଢୀଙ୍କ ଅଧ୍ୟକ୍ଷତାରେ କଟକସ୍ଥିତ ରାଜ୍ୟ କାର୍ଯ୍ୟାଳୟରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ପୁରୀ ଆରଟିଓ, ଆସିଷ୍ଟାଣ୍ଟ କମାଣ୍ଡାଣ୍ଟ କଟକ ଭୁବନେଶ୍ୱର ଆରଟିଓଙ୍କ ସମେତ କଟକ ଓ ପୁରୀ ବସ ଆସୋସିଏସନର କର୍ମକର୍ତ୍ତାମାନେ ଉପସ୍ଥିତ ରହି ବିଭିନ୍ନ ପ୍ରସ୍ତାବ ଦେଇଥିଲେ । ରଥଠାରୁ ବାହୁଡ଼ା ଯାତ୍ରା ପର୍ଯ୍ୟନ୍ତ କଟକରୁ ପୁରୀକୁ ନିୟମିତ ବସ ବ୍ୟତୀତ ୧୫୦ଟି ସ୍ୱତନ୍ତ୍ର ଅଧିକ ବସ ଚଳାଚଳ କରାଯିବାକୁ ଚୂଡ଼ାନ୍ତ ହୋଇଛି । ଏଥିପାଇଁ ଉକ୍ତ ବସଗୁଡ଼ିକୁ ସ୍ୱତନ୍ତ୍ର ଭାବେ ଅସ୍ଥାୟୀ ପରମିଟ ଯୋଗାଇ ଦିଆଯିବ ବୋଲି ପରିବହନ ଆୟୁକ୍ତ କହିଛନ୍ତି । କଟକ ଭୁବନେଶ୍ୱରରେ ରହୁଥିବା ନାଇଟ କୋଚ ବସ ଗୁଡ଼ିକୁ ପୁରୀ ପର୍ଯ୍ୟନ୍ତ ପରିବର୍ଦ୍ଧିତ କରାଯିବ । ବିଭିନ୍ନ ବସଷ୍ଟାଣ୍ଡରୁ ପୁରୀ ପର୍ଯ୍ୟନ୍ତ



ଧାର୍ଯ୍ୟ ଦରଗୁଡ଼ିକ ସଂପର୍କରେ ବିଭିନ୍ନ ବସଷ୍ଟାଣ୍ଡରେ ସୂଚନା ଦିଆଯିବ । ଏଥିପାଇଁ ବିଭିନ୍ନ ସ୍ଥାନରେ ଯାତ୍ରୀଙ୍କ ହିତ ଉଦ୍ଦେଶ୍ୟରେ ବ୍ୟାନର ମରାଯିବ । ସେଥିରେ ଧାର୍ଯ୍ୟ ଭଡ଼ା ସଂକ୍ରାନ୍ତ ତଥ୍ୟ ଓ ହେଲପ ଲାଇନ ନମ୍ବର ଉଲ୍ଲେଖ କରାଯିବ । ତେବେ ନିୟମିତ ଦରକୁ ବୃଦ୍ଧି ପାଇଁ ବସ ମାଲିକମାନେ ଯେଉଁ ଦାବି ରଖିଥିଲେ ତାହା ସରକାରଙ୍କ ବିଚାରଧୀନ ରହିଥିବା ଆୟୁକ୍ତ କହିଛନ୍ତି । ଯାତ୍ରୀଙ୍କ ସୁବିଧା ପାଇଁ ହେଲପ ଲାଇନ ନମ୍ବର ଜାରି ହୋଇଛି । ଏହାବ୍ୟତୀତ ସମସ୍ତ ବସଷ୍ଟାଣ୍ଡ ଓ ରାସ୍ତାରେ ଆମ୍ବୁଲାନସ ମହଜୁଦ ରଖାଯିବ । ପ୍ରତ୍ୟେକ ବସରେ ଫାଷ୍ଟ-ଏଡ ବକ୍ସକୁ ବାଧ୍ୟତାମୂଳକ କରାଯିବ । ପୁରୀ ତାଳବଣିଆଠାରେ ଘରୋଇ ବସ୍ ମାଲିକ ସଂଘ ପକ୍ଷରୁ ୧୦ ଟଙ୍କାରେ ମିଲ ଦେବାକୁ ମଧ୍ୟ ନିଷ୍ପତ୍ତି ହୋଇଥିବା ରାଜ୍ୟ ଘରୋଇ ବସ୍ ମାଲିକ ସଂଘ ସଂପାଦକ ଦେବେନ୍ଦ୍ର ସାହୁ ସୂଚନା ଦେଇଛନ୍ତି । ଏହି ମିଲ ଯାତ୍ରୀଙ୍କ ଠାରୁ ଆରମ୍ଭ କରି ବସ କର୍ମଚାରୀ ସୁବିଧାରେ ଖାଇପାରିବେ । ସେହିପରି ଦିବ୍ୟାଙ୍ଗ ଯାତ୍ରୀଙ୍କ ପାଇଁ ମଧ୍ୟ ସ୍ୱତନ୍ତ୍ର ଭାବେ ପଦକ୍ଷେପ ନିଆଯାଇଛି । ତାଳବଣିଆ ବସଷ୍ଟାଣ୍ଡରେ ବ୍ୟାଟେରିଚାଳିତ ଗାଡ଼ି ମହଜୁଦ ରହିବ । ଦିବ୍ୟାଙ୍ଗ ଯାତ୍ରୀ ବସରୁ ଓହ୍ଲାଇବା ପରେ ସେମାନଙ୍କୁ ମାଗଣାରେ ବଡ଼ଦାଣ୍ଡରେ ଛଡାଯିବ । ଏହାଛଡ଼ା ଦୁର୍ଘଟଣା ଓ ଅନ୍ୟାନ୍ୟ ଟ୍ରାଫିକ୍ ଜାମ୍‌କୁ ଏଡାଇବା ପାଇଁ କଟକଠାରୁ ପୁରୀ ପର୍ଯ୍ୟନ୍ତ ରାସ୍ତାର ଏକାଧିକ ସ୍ଥାନରେ କ୍ରେନ ମହଜୁଦ୍ ରଖାଯିବ । ଏଥିସହ କୌଣସି ରାସ୍ତାରେ ଯାନବାହନରେ ଯାନ୍ତ୍ରିକ ତ୍ରୁଟିକୁ ଏଡାଇବା ପାଇଁ ଟାଟା, ଅଶୋକ ଲେଲାଣ୍ଡ ତଥା ଅନ୍ୟାନ୍ୟ କମ୍ପାନୀ ତରଫରୁ ଭ୍ରାମ୍ୟମାଣ ସର୍ଭିସିଂ ଭ୍ୟାନକୁ ନିୟୋଜିତ କରାଯିବ । ଏହି ବୈଠକରେ କଟକ ବସ୍ ମାଲିକ ସଂଘ ତରଫରୁ ସାଧାରଣ ସଂପାଦକ ଅଜୟକୁମାର ବାରିକ୍, ଉପସଭାପତି ଧର୍ମାନନ୍ଦ ପାତ୍ର, ସୁଧିର ମହାନ୍ତି, ବିଜୟାନନ୍ଦ ଦ୍ୱିବେଦୀ,ଭୁବନେଶ୍ୱର ଘରୋଇ ବସ୍ ମାଲିକ ସଂଘର ସାଧାରଣ ସଂପାଦକ ବରଦା ପ୍ରସନ୍ନ ଆଚାର୍ଯ୍ୟ ଓ ପୁରୀ ବସ୍ ମାଲିକ ସଂଘର ସାଧାରଣ ସଂପାଦକ ଲୋକନାଥ ପାଣିଙ୍କ ସମେତ ବହୁ କର୍ମକର୍ତ୍ତା ଯୋଗଦେଇଥିଲେ ।

# ରେଳ ଛୁଇଁଲା ନୟାଗଡ଼

**ପୁରୀ :** ନୟାଗଡ଼ ଜିଲ୍ଲାବାସୀଙ୍କ ବହୁ ପ୍ରତୀକ୍ଷାର ଅନ୍ତ ଘଟିଛି । ୧୯ ତାରିଖରେ ନୟାଗଡ଼କୁ ଟ୍ରେନ୍ ଗଡ଼ିବା ପରେ ଜିଲ୍ଲାବାସୀଙ୍କ ମନରେ ଅଫୁରନ୍ତ ଆନନ୍ଦ ଭରିଯାଇଛି । ରେଳବିଭାଗ ପକ୍ଷରୁ ମିଳିଥିବା ସୂଚନା ଅନୁସାରେ ବୋଲଗଡ଼ ରୋଡଠାରୁ ନୟାଗଡ଼ ଟାଉନ୍ ୧୨.୦୮ କିଲୋମିଟର ପର୍ଯ୍ୟନ୍ତ ରେଳ ଚଳାଚଳ ହେବ । ନୂଆଦିଲ୍ଲୀସ୍ଥିତ ରେଳଭବନଠାରେ ରେଳମନ୍ତ୍ରୀ ସୁରେଶ ପ୍ରଭୁ ଭିଡିଓ କନ୍‌ଫରେନ୍ସ ମାଧ୍ୟମରେ ଏହାକୁ ଉଦଘାଟନ କରିଛନ୍ତି । ସେହିଭଳି ନୟାଗଡ଼ ଟାଉନ୍‌ଠାରେ ଅପରାହ୍ଣରେ ବୈଠକ ହେବା ସୂଚନା ମିଳିଛି । ବୈଠକରେ ସ୍ଥାନୀୟ ଜନପ୍ରତିନିଧିଙ୍କଠାରୁ ଆରମ୍ଭ କରି ବହୁ ଅଧିକାରୀ ଯୋଗ ଦେବେ ବୋଲି ରେଳବିଭାଗ ପକ୍ଷରୁ ସୂଚନା ଦିଆଯାଇଛି । ସୂଚନାଯୋଗ୍ୟ ଯେ ମେ ୧୧ ତାରିଖରେ ପରୀକ୍ଷାମୂଳକ ଭାବେ ରେଳ ଇଞ୍ଜିନ୍ ଗଡ଼ିଥିବା ବେଳେ ଜୁନ୍ ୬ ତାରିଖରେ ନୟାଗଡ଼ରୁ ବୋଲଗଡ଼ ୧୨୦ କିଲୋମିଟର ବେଗରେ ୧୨ ବଗି ବିଶିଷ୍ଟ ପାସେଞ୍ଜର ଟ୍ରେନ୍ ଟ୍ରାଏଲ୍ ରନ୍ କରିଥିଲା ।

# ମଦ ପାଇଁ ମା'କୁ ହାଣିଦେଲା ପୁଅ

**ବାଲିକୁଦା :** ମଦ ପାଇଁ ଟଙ୍କା ନ ଦେବାରୁ ନିଜ ଜନ୍ମକଲା ମା'କୁ କଟୁରିରେ ହାଣି ପକାଇଲା ପୁଅ । ଗୁରୁତର ଅବସ୍ଥାନରେ ମା'କୁ ଜଗତସିଂହପୁର ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିବା ବେଳେ ଅଭିଯୁକ୍ତ ପୁଅକୁ ପୋଲିସ ଗିରଫ କରିଛି । ବାଲିକୁଦା ବ୍ଲକ୍ ଏବଂ ବନ୍ଦର ସାମୁଦ୍ରିକ ତାନା ଅଧୀନ ନହରଣା ପଞ୍ଚାୟତର ଗଣ୍ଡକୁଳ ସୁନାଧାର ଗାଁରେ ଆଜି ଏହି ଅଭାବନୀୟ କାଣ୍ଡ ଘଟିଛି । ଗ୍ରାମର ସୁଲୋଚନା ଜେନାଙ୍କ ପୁଅ ସଂଗ୍ରାମ ସକାଳେ ମଦ ପିଇବା ପାଇଁ ମା'ଙ୍କୁ ଟଙ୍କା ମାଗିଥିଲା । ମାତ୍ର ସୁଲୋଚନା ଟଙ୍କା ନ ଦେବାରୁ ଘରେ ଥିବା କଟୁରି ଓ ଶାବଳରେ ସଂଗ୍ରାମ ନିଜ ମା'କୁ ଆକ୍ରମଣ କରିଥିଲା । ପଡ଼ୋଶୀ ଅଶୋକ ବିଶ୍ୱାଳ, ପ୍ରମୋଦ ଜେନା ଓ ଅନ୍ୟମାନେ ପ୍ରତିରୋଧ କରିବାରୁ ସଂଗ୍ରାମ ସେମାନଙ୍କୁ ମଧ୍ୟ ଆକ୍ରମଣ କରିଥିଲା । ଏ ସଂକ୍ରାନ୍ତରେ ପ୍ରମୋଦ ବନ୍ଦର ସାମୁଦ୍ରିକ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି । ପୋଲିସ ଅଭିଯୁକ୍ତ ସଂଗ୍ରାମକୁ ଗିରଫ କରି ବାଲିକୁଦା ଥାନାକୁ ଆଣିଛି । ଆସନ୍ତାକାଲି ତାକୁ କୋର୍ଟଚାଲାଣ କରାଯିବ ବୋଲି ତାନା ଅଧିକାରୀ ରଞ୍ଜିତ ପୃଷ୍ଟି ସୂଚନା ଦେଇଛନ୍ତି । ଅନ୍ୟପକ୍ଷରେ ବାଲିକୁଦାରେ ସୁଲୋଚନାଙ୍କ ପ୍ରାଥମିକ ଚିକିତ୍ସା ପରେ ତାଙ୍କୁ ଜଗତସିଂହପୁର ଡାକ୍ତରଖାନା ପଠାଇ ଦିଆଯାଇଛି ।




ରଥ ତିଆରିର ଦୃଶ୍ୟ

# ତୃତୀୟ ପତ୍ନୀଙ୍କ ସହ ନୂଆ ସଂସାର

**ଭବାନୀପାଟଣା :** କଳାହାଣ୍ଡି ଜିଲ୍ଲା ଥୁ-ରାମପୁର ବ୍ଲକ ନାକାରୁଣ୍ଡି ପଞ୍ଚାୟତର ମେଲଘରା ଅଞ୍ଚଳର ଦାନ ମାଝି ଗତ ଅଗଷ୍ଟ ୨୪ ତାରିଖରେ ସ୍ତ୍ରୀ ଅମାଙ୍ଗର ଶବକୁ ୧୩ କିମି କାନ୍ଧରେ ବୋହି ବିଶ୍ୱଚର୍ଚ୍ଚିତ ହୋଇଥିଲେ । ଏବେ ମଧ୍ୟ ସେ ଅନ୍ଧାରୀ ମୁଲକରେ ରହୁଛନ୍ତି, ହେଲେ ଗୋପନରେ ତୃତୀୟ ବିବାହ କରିଥିବା ଜଣାପଡିଛି । ଏବେ ଗଣମାଧ୍ୟମକୁ ଦେଖିଲେ ଦାନ ଲୁଚୁଛନ୍ତି । କାଶିପୁର ବ୍ଲକର ଦାମନଘାଟୀ ଗ୍ରାମର ଆଇମତି ଦେଇଙ୍କୁ ଘିଚାକନିଆ ଭାବେ ଆଣି ଘରେ ରଖିଛନ୍ତି । ବାଜି ନାହିଁ ସାହାନାଇ, ହୋଇନି ଭୋଜିଭାତ କିନ୍ତୁ ଗୁପ୍ତ ବିବାହ କରିଛନ୍ତି ଦାନ । ବିଜୁ ପକ୍କାଘର ହେଲା ପରେ ଭୋଜି ଦେବେ ଜାତିଭାଇ ତଥା ଗ୍ରାମବାସୀଙ୍କୁ । ଏହି ଖବର କାଳେ ପ୍ରସାରିତ ହେବ ସେହି ଭୟରେ ଦାନ ତୃତୀୟ ସ୍ତ୍ରୀକୁ ପଡୋଶୀ ଘରେ ଛୁପାଇ ରଖୁଛନ୍ତି । ଦିନସାରା ପାହାଡ ଉପରେ ପୋଡୁ ଚାଷ ଆଳରେ ସ୍ତ୍ରୀ ପିଲାଙ୍କୁ ନେଇ ସଂଧ୍ୟା ହେଲେ ଘରକୁ ଫେରୁଛନ୍ତି । କିସ୍‌ରେ ପଢୁଥିବା ୩ଝିଅ ମଧ୍ୟରୁ ବଡଝିଅ ଯକ୍ଷ୍ମାରେ ପୀଡିତ ଥିବାରୁ କିସ୍ ହସ୍ପିଟାଲରେ ଚିକିତ୍ସିତ ହେଉଛନ୍ତି । ଖରା ଛୁଟିରେ ବାକି ଦୁଇଝିଅ ମେଲଘରା ଗ୍ରାମରେ ଦାନଙ୍କ ସହ ଅଛନ୍ତି । ଘରେ ରୋଷେଇ କରିବା ଏବଂ ମା' ଛେଣ୍ଡ ଝିଅଙ୍କୁ ମା'ର ସ୍ନେହ ଦେବା ପାଇଁ ସେ ବାହା ହୋଇଥିବା ଦାନ କହୁଛନ୍ତି । ୧୩ କିମି କାନ୍ଧରେ ଶବ ବୋହି ସାରା ବିଶ୍ୱରେ ଚର୍ଚ୍ଚିତ ହୋଇଥିଲେ ଦାନ । ପରେ ଆର୍ଥିକ ସହଯୋଗର ସୁଅ ଛୁଟିଥିଲା । ଦାନର ୩ ଝିଅଙ୍କୁ କିସ୍ ସ୍କୁଲ ଭୁବନେଶ୍ୱରରେ ମାଗଣାରେ ପାଠ ପଢ଼ାଇବାର ସୁଯୋଗ ମଧ୍ୟ ମିଳିଥିଲା । ସରକାର ଗୋଟିଏ ବିଜୁ ପକ୍କାଘର ଦେଇଛନ୍ତି ଯାହା ନିର୍ମାଣ ଚାଲିଛି । ଘରେ ଦୁଇଓଳି ଖାଇବାକୁ ନଥିବା ଦାନ ମାଝୀ ଆଜିପ୍ରାୟ ୨୨ ଲକ୍ଷ ଟଙ୍କାର ମାଲିକ । ତାଙ୍କର ସ୍ଥିତି ବଦଳିଯାଇଛି । ପିଲାମାନେ ମାଗଣାରେ ପାଠ ପଢୁଛନ୍ତି । ଦାନଙ୍କ ନିଜର ବିକାଶ ହୋଇଛି ହେଲେ ଅନ୍ଧାରୀ ମୁଲକରେ ରହିଛି ତାଙ୍କ ଗାଁ । ଏହି ଗାଁକୁ ନା ଅଛି ରାସ୍ତା ନା ଅଛି ଶିକ୍ଷାର ବ୍ୟବସ୍ଥା । ସ୍ୱାସ୍ଥ୍ୟସେବା ସୁବିଧା ନାହିଁ । ଏହି ଅଞ୍ଚଳକୁ ୬ମାସ ଏକ ପ୍ରକାର ଜଳବନ୍ଦୀ ହୋଇଥାଏ । ସ୍କୁଲ ଅଛି ହେଲେ ଶିକ୍ଷକ ଆସନ୍ତିନାହିଁ ।



ପୁଣି ଚର୍ଚ୍ଚାରେ ଦାନମାଝି

# ୩୫୦ ବିରଳ କଇଁଛ ଜବତ, ୩ ଗିରଫ

**ମାଲକାନଗିରି :** ଆନ୍ଧ୍ରପ୍ରଦେଶରୁ ଏକ ଅଟୋ ଯୋଗେ ମାଲକାନଗିରିକୁ ଚୋରାଚାଲାଣ ବେଳେ ୩୫୦ଟି କଇଁଛକୁ ବନବିଭାଗ ଚିତ୍ରକୋଣ୍ଡା ବନାଞ୍ଚଳ ଅଧୀନ ଗଜିଆଗୁଡ଼ାଠାରେ ଜବତ କରିବା ସହ ଏହି ଘଟଣାରେ ୩ ଜଣଙ୍କୁ ଗିରଫ କରାଯାଇଛି । ସେମାନେ ହେଲେ ଆନ୍ଧ୍ରପ୍ରଦେଶର ଇଷ୍ଟ ଗୋଦାବରୀ ଜିଲ୍ଲା କଲୋନୀ ପିଥାପୁରମ୍ ସହରର ସତୀବାବୁ ଚେରୁକୁଡ଼ (୩୦), ଶେଖ୍ ରଫିକ୍ (୨୪) ଏବଂ ଏସ୍.କେ. କରୀମ୍ (୨୮) । ଜବତ କଇଁଛର ଆନୁମାନିକ ମୂଲ୍ୟ ୧ ଲକ୍ଷ ଟଙ୍କା ହେବ ବୋଲି ବନବିଭାଗ ସୂଚନା ଦେଇଛି । ସୂଚନା ଅନୁଯାୟୀ ଗୁରୁବାର ରାତିରେ ମାଲକାନଗିରି ଜିଲ୍ଲା କାଲିମେଳା ଥାନା ଅନ୍ତର୍ଗତ ଏମ୍.ପି.ଭି-୮୩ ଗ୍ରାମର ମିଲନ୍ କୁମାର ଘୋଷ ନାମକ ବ୍ୟବସାୟୀଙ୍କୁ ବିକ୍ରି କରିବା ପାଇଁ ଆନ୍ଧ୍ରପ୍ରଦେଶରୁ ଏକ ଅଟୋ ଯୋଗେ କଇଁଛ ଚୋରାଚାଲାଣ କରାଯାଉଥିଲା ।

# କ୍ରିୟାଶୀଳ ହେବ ଏସ୍‌ସିଏସ୍‌ଟି ଉନ୍ନୟନ ନିଗମ

**ଭୁବନେଶ୍ୱର :** ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି (ଏସ୍‌ଟିଏସ୍‌ସି) ଅର୍ଥ ଉନ୍ନୟନ ନିଗମକୁ ଅଧିକ କ୍ରିୟାଶୀଳ କରାଯିବ ବୋଲି ବିଭାଗୀୟ ମନ୍ତ୍ରୀ ରମେଶ ଚନ୍ଦ୍ର ମାଝୀ କହିଛନ୍ତି । ଶ୍ରୀ ମାଝୀ ଓଡ଼ିଶା ଅନୁସୂଚିତ ଜାତି ଓ ଅନୁସୂଚିତ ଜନଜାତି ଉନ୍ନୟନ ଅର୍ଥ ସମବାୟ ନିଗମର କାର୍ଯ୍ୟାଳୟ ପରିଦର୍ଶନ କରି ନିଗମ ଦ୍ୱାରା କାର୍ଯ୍ୟକାରୀ ହେଉଥିବା ବିଭିନ୍ନ କାର୍ଯ୍ୟର ସମୀକ୍ଷା କରିଛନ୍ତି । ବିଗତ ୫ ବର୍ଷରେ ନିଗମରେ କାର୍ଯ୍ୟକାରୀ ହେଉଥିବା ସମସ୍ତ ଯୋଜନାରକାର୍ଯ୍ୟ ଓ ଖର୍ଚ୍ଚ ସମ୍ବନ୍ଧରେ ପରିଚାଳନା ନିର୍ଦ୍ଦେଶକ ରମେଶ ଚନ୍ଦ୍ର ସାଏ ପାୱାର ପଏଣ୍ଟ ମାଧ୍ୟମରେ ତଥ୍ୟ ଉପସ୍ଥାପନ କରିଥିଲେ । ନିଗମର ଅଧ୍ୟକ୍ଷ ବାବାଜୀ ଚରଣ ବେହେରା ନିଗମର ସମସ୍ୟା ସମ୍ପର୍କରେ ମନ୍ତ୍ରୀ ଶ୍ରୀ ମାଝୀଙ୍କୁ ଅବଗତ କରାଇଥିଲେ । କର୍ମଚାରୀମାନଙ୍କ ବାର୍ଷିକ ଦରମା ଓ କାର୍ଯ୍ୟାଳୟର ଖର୍ଚ୍ଚ ଭରଣା ନିମନ୍ତେ ସରକାରଙ୍କ ପ୍ରଦତ୍ତ ପରିଚାଳନାଗତ ରିହାତି ପରିମାଣ ବୃଦ୍ଧି, ଜାତୀୟ ଅନୁସୂଚିତ ଜାତି ଉନ୍ନୟନ ନିଗମର ବାକିଥିବା ୧୦ କୋଟି ୬୨ ଲକ୍ଷ ଟଙ୍କା ଋଣ ଶୁଝିବା ସହିତ ହିତାଧିକାରୀମାନଙ୍କ ଉପରେ ବାକିଥିବା ଋଣ ଛାଡ଼ ଓ ନିଗମର କର୍ମଚାରୀଙ୍କ ସମସ୍ୟା ଉପରେ ଆଲୋଚନା ହୋଇଥିଲା । ମନ୍ତ୍ରୀ ଶ୍ରୀ ମାଝୀ ସମସ୍ତ ସମସ୍ୟାକୁ ଗୁରୁତ୍ୱର ସହିତ ବିଚାର କରିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ ଏବଂ ନିଗମ କିପରି ଅଧିକ କ୍ରିୟାଶୀଳ ହୋଇପାରିବ ଓ ଅନୁସୂଚିତ ଜାତି ଓ ଜନଜାତି ଲୋକଙ୍କ ଉନ୍ନତି କ୍ଷେତ୍ରରେ ଏହା କିପରି ଅଧିକରୁ ଅଧିକ ସହାୟକ ହେବ ସେଥିପାଇଁ ଯତ୍ନବାନ ହେବାକୁ ପରାମର୍ଶ ଦେଇଥିଲେ । ଏତଦ୍‌ବ୍ୟତୀତ ହିତାଧିକାରୀମାନଙ୍କ ଆର୍ଥିକ ଅଭିବୃଦ୍ଧି ନିମନ୍ତେ ନୂତନ ଯୋଜନା ପ୍ରଣୟନ ଓ ଏହାର କାର୍ଯ୍ୟକାରିତା ଉପରେ ମନ୍ତ୍ରୀ ଗୁରୁତ୍ୱ ଦେଇଥିଲେ । ଏହି ଅବସରରେ ନିଗମର ଉପାଧ୍ୟକ୍ଷ ଗାୟତ୍ରୀ ଦଳାଇ, ସାଧାରଣ ସମ୍ପାଦକ ଡ.ଗୀତାଂଶୁ ମୋହନ ଦାଶ, ପରିଚାଳନା ପରିଷଦର ସଭ୍ୟ ଓ ନିଗମର କର୍ମଚାରୀମାନେ ଉପସ୍ଥିତ ଥିଲେ ।

## କେନ୍ଦ୍ରମନ୍ତ୍ରୀ ଗରିବ ଘରେ ଖାଇବାକୁ ନେଇ ତାତ୍ସଲ୍ୟ

# ବିଜେପିକୁ ବିଜେଡିର ୧୩ ପ୍ରଶ୍ନ

**ଭୁବନେଶ୍ୱର :** କିଛିଦିନ ହେଲା ବହୁସଂଖ୍ୟାରେ କେନ୍ଦ୍ରମନ୍ତ୍ରୀ ରାଜ୍ୟର ବିଭିନ୍ନ ଅଞ୍ଚଳ ଗସ୍ତ କରୁଛନ୍ତି । ମୋଦି ଫେଷ୍ଟ, ସବ୍‌କା ସାଥ୍ ସବ୍‌କା ବିକାଶ ନାଁରେ ସେମାନେ ଗରିବ ଲୋକଙ୍କ ଘରେ ଭୋଜନ କରି ବିଜେପି ସକ୍ରିୟ ଥିବା ଜଣେଇବାକୁ ଚେଷ୍ଟା କରୁଛନ୍ତି । ଅତୀତରେ ରାହୁଲ ଗାନ୍ଧି ଓ ସୋନିଆ ଗାନ୍ଧି ଓଡ଼ିଶାର ବହୁ ଆଦିବାସୀଙ୍କ ଘରେ ଭୋଜନ କରିଛନ୍ତି । ଓଡ଼ିଶାବାସୀ ଆତିଥେୟତାରେ କେବେ ଅବହେଳା କରିନାହାନ୍ତି । ଅତିଥିମାନେ ରାଜ୍ୟବାସୀଙ୍କ ଦୁଃଖ, କଷ୍ଟ ଓ ଅସମାହିତ ପ୍ରଶ୍ନ ହୃଦୟଙ୍ଗମ କରିବା କଥା, ତାହା କରୁନାହାନ୍ତି । ଦାରିଦ୍ର୍ୟ ଦୂରୀକରଣ ପାଇଁ ଥିବା ୩୩ଟି ଯୋଜନାରେ କେନ୍ଦ୍ର ଅର୍ଥ କାଟ୍ କରିବା ସହ ୮ଟି ଯୋଜନାକୁ ସମ୍ପୂର୍ଣ୍ଣ ବନ୍ଦ କରିଦେଇଛି । ଏହାଦ୍ୱାରା କେନ୍ଦ୍ର ଓଡ଼ିଶାର ଦାରିଦ୍ର୍ୟକୁ ଉପହାସ କରିଛି । ବିଜେପି ସରକାର ତିନିବର୍ଷ ମଧ୍ୟରେ କ'ଣ କରିଛି ଗାଁ ଗହଳିର ଲୋକମାନେ ସେ ପ୍ରଶ୍ନ ଉଠାଉଛନ୍ତି । ବିଜେପି ରାଜ୍ୟ ଶାଖାର ଉତ୍ତର ସେମାନଙ୍କୁ ସନ୍ତୁଷ୍ଟ କରିପାରିନାହିଁ । ସୋମବାର କେନ୍ଦ୍ରମନ୍ତ୍ରୀ ଭେଙ୍କିୟା ନାଇଡୁ ଓଡ଼ିଶା ଆସିଥିବା ପରିପ୍ରେକ୍ଷୀରେ ରାଜ୍ୟବାସୀଙ୍କ ପକ୍ଷରୁ ବିଜେଡି ତାଙ୍କୁ କ'ଣ କରିଛ କୁହ ବୋଲି ପ୍ରଶ୍ନ କରିଛି । ଏଥିସହ ସରକାରୀ ଉଦ୍ୟୋଗ ମାଧ୍ୟମରେ ସରକାରୀ ଅର୍ଥ ଖର୍ଚ୍ଚ କରି ମୋଦି ଫେଷ୍ଟ କ'ଣ ପାଇଁ ବୋଲି ବିଜେପିକୁ ପ୍ରଶ୍ନ କରାଯାଇଛି । ବିଜେଡି ପକ୍ଷରୁ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ଦଳର ମୁଖପାତ୍ର ପ୍ରଶାନ୍ତ ନନ୍ଦ କହିଛନ୍ତି, ଯେଉଁ ବସ୍ତିବାସିନ୍ଦାଙ୍କୁ ନିଜର କରିବାକୁ କେନ୍ଦ୍ରମନ୍ତ୍ରୀ ଶ୍ରୀ ନାଇଡୁ ସେମାନଙ୍କ ନିକଟକୁ ଯାଉଛନ୍ତି ଏବଂ ସେମାନଙ୍କୁ ଦଳରେ ସାମିଲ କରିବାକୁ ଚାହୁଁଛନ୍ତି ସେହି ବସ୍ତିବାସିନ୍ଦାଙ୍କ ପାଇଁ କ'ଣ ସ୍ୱତନ୍ତ୍ର ଭାବେ ଚିନ୍ତା କରିଛନ୍ତି ତାହା ଶ୍ରୀ ନାଇଡୁ ପ୍ରକାଶ କରିବା ଆବଶ୍ୟକ । ସହରାଞ୍ଚଳରେ ପିଇବା ପାଣି ପାଇଁ କ'ଣ ଯୋଜନା ରହିଛି ? ପୋଲାଭରମ କ୍ଷେତ୍ରରେ ଓଡ଼ିଶା ସମସ୍ୟାର ସମାଧାନ ନେଇ ତାଙ୍କର ବିଚାର କ'ଣ ବୋଲି ସେ ପଚାରିଛନ୍ତି । ୨୦୧୪ ନିର୍ବାଚନ ସମୟରେ ବିଜେପିର ନିର୍ବାଚନୀ ଇସ୍ତାହାରରେ ଓଡ଼ିଶାକୁ ସ୍ୱତନ୍ତ୍ର ପାହ୍ୟା ରାଜ୍ୟ ମାନ୍ୟତା ପାଇଁ ଚେଷ୍ଟା କରିବା ପ୍ରତିଶ୍ରୁତି ଥିଲା । ସେ ସମ୍ପର୍କରେ କ'ଣ ହେଲା ବୋଲି ସେ ପ୍ରଶ୍ନ କରିଛନ୍ତି । କିଛି ଦିନ ପୂର୍ବରୁ ବିଜେଡି ବିଜେପିର ତିନିବର୍ଷ ପୂର୍ତ୍ତି ଉପଲକ୍ଷେ ୧୦ଟି ପ୍ରଶ୍ନ କରିଥିଲା । ସେସବୁର ଉତ୍ତର ନଦେଇ ପ୍ରଚାର ସର୍ବସ୍ୱ କରି ରାଜ୍ୟବାସୀଙ୍କ ଠାରୁ ଭୋଟ ହାସଲ ଲକ୍ଷ୍ୟ ସଫଳ ହେବ ନାହିଁ ବୋଲି ସେ କହିଛନ୍ତି । ଭାରତୀୟ ତୈଳ ନିଗମରେ କେତେ ଓଡ଼ିଆଙ୍କୁ ନିଯୁକ୍ତି ଦିଆ ଯାଇଛି, ଉପକୂଳ ରାଜପଥ ବିକାଶ ଏବଂ ନକ୍ସଲ ସମସ୍ୟାର ସମାଧାନ ପାଇଁ ପଦକ୍ଷେପ ସମ୍ପର୍କରେ ପଚରା ଯାଇଥିବା ପ୍ରଶ୍ନ ଉପରେ ଶ୍ୱେତପତ୍ର ପ୍ରକାଶ କରିବାକୁ ଶ୍ରୀ ନନ୍ଦ ଦାବି କରିଛନ୍ତି । ବିଜେପି ଏହି ଉତ୍ସବ କେଉଁ ଖୁସିରେ ପାଳନ କରୁଛି ତାହା ଓଡ଼ିଶାବାସୀ ଜାଣିବାକୁ ଚାହିଁଛନ୍ତି । ଶ୍ରୀ ନନ୍ଦ କହିଛନ୍ତି, ଓଡ଼ିଶାର ବିକାଶ ପ୍ରକ୍ରିୟାକୁ ପ୍ରତିରୋଧ କରିବାକୁ ନିୟମିତ ଉଦ୍ୟମ କରାଯାଉଛି । ଓଡ଼ିଶାର ସ୍ୱାର୍ଥ ଓ ସ୍ୱାଭିମାନକୁ ନେଇ କେନ୍ଦ୍ର ସରକାର ପାତର ଅନ୍ତର ମନୋଭାବ ପୋଷଣ କରୁଛନ୍ତି । ଏହି ପରିପ୍ରେକ୍ଷୀରେ କାହାର ବିକାଶ ହୋଇଛି ଏବଂ ଓଡ଼ିଶାର ବିକାଶ ପ୍ରକ୍ରିୟାରେ କେନ୍ଦ୍ର ସରକାରଙ୍କ ଅବଦାନ କେତେ ସେସବୁର ସେ ଜବାବ ମାଗିଛନ୍ତି । ଛତିଶଗଡ଼ରୁ କିଛି ମନ୍ତ୍ରୀ ଆସିଛନ୍ତି । ସେମାନଙ୍କୁ ମଧ୍ୟ ପ୍ରଶ୍ନ କରିଛି ବିଜେଡି । କଲମା ଗେଟ୍ ଖୋଲା ଯାଇଥିବା ଜଳସମ୍ପଦ ମନ୍ତ୍ରୀ ବ୍ରିଜମୋହନ ଅଗ୍ରୱାଲ କହିଥିବା ବେଳେ ଖରା ଦିନେ ପାଣିର ଅଭାବ ହେତୁ ବୁନ୍ଦାଏ ଜଳ ଦିଆଯାଇପାରିବ ନାହିଁ ବୋଲି ମୁଖ୍ୟମନ୍ତ୍ରୀ ରମଣ ସିଂହ କହିଛନ୍ତି । ପୂର୍ବରୁ ଅଣ ମୌସୁମି ସମୟରେ ଓଡ଼ିଶାକୁ ଜଳର ଅଭାବ ରହିବ ନାହିଁ ବୋଲି ସେ କହିଥିଲେ । ଯେଉଁ ମନ୍ତ୍ରୀମାନେ ଛତିଶଗଡ଼ରୁ ଆସିଛନ୍ତି ସେମାନେ ଉତ୍ସବରେ ନମାତି ମହାନଦୀ ପ୍ରବାହିତ ହେଉଥିବା ଅଞ୍ଚଳଗୁଡ଼ିକ ବୁଲି ତାଙ୍କ ସରକାର ଓଡ଼ିଶା ପ୍ରତି କିଭଳି ଷଡ଼ଯନ୍ତ୍ର କରିଛନ୍ତି ତାହା ପ୍ରତ୍ୟେକ୍ଷ ଦେଖିବା ଉଚିତ ବୋଲି ମୁଖପାତ୍ର ସମୀରରଞ୍ଜନ ଦାଶ କହିଛନ୍ତି ।



# ଅଦ୍ଭୁତ ଜଳଜୀବ ମନ୍‌ଷ୍ଟର



ଉପସ୍ଥାପନା
ଜାହ୍ନବୀସୁତ

ସବୁ ସୀମା ଡେଇଁଯାଇପାରେ ରହସ୍ୟ। ସ୍ଥାନ, କାଳ, ପାତ୍ର ସବୁଥିରେ ରହିଛି ରହସ୍ୟର ଆବରଣ, ଯାହା ସାଧାରଣ ମଣିଷର ମନକୁ ଆକର୍ଷିତ କରିଥାଏ। ଆଉ ଯେତେବେଳେ ସହଜରେ ତାକୁ ଛାଡ଼ିପାରି ନ ଥାଏ। ପ୍ରକୃତି, ଜୀବଜଗତଠାରୁ ଆରମ୍ଭ କରି ଈଶ୍ୱରୀୟ ସତ୍ତା ସବୁ କ୍ଷେତ୍ରରେ ମଣିଷ ଦେଖିଥାଏ ରହସ୍ୟ। ଆଉ ରହସ୍ୟ କେବଳ ଗୋଟିଏ ଭୌଗଳିକ ସୀମାରେ ରହି ନପାରେ ପୃଥିବୀର ସବୁ କୋଣ ଅନୁକୋଣରେ ବିଭିନ୍ନ ଘଟଣା ଆଉ ଭାବନାକୁ ନେଇ ରହିଥାଏ ରହସ୍ୟ। ଆଉ ପ୍ରକୃତିରେ ଥିବା ପ୍ରତ୍ୟେକ ଜୀବଠାରୁ ପଦାର୍ଥ ସବୁଥିରେ ଯେ ରହସ୍ୟର ଉପସ୍ଥିତି ଅଛି, ତାହା ମଣିଷର ବିଭିନ୍ନ ବିଶ୍ୱାସକୁ ଅନୁଧ୍ୟାନ କଲେ ଜଣାଯାଏ। ସେହିଭଳି ଏକ ରହସ୍ୟ ରହିଛି ସ୍କଟଲ୍ୟାଣ୍ଡ ଲଚନେସ ମନଷ୍ଟରମାନଙ୍କୁ ନେଇ। ଜଳ ଭିତରେ ବାସ କରୁଥିବା ଏହି ମନଷ୍ଟରମାନଙ୍କୁ ନେଇ ରହିଛି ଅନେକ ରହସ୍ୟ। ଏମିତି ତ ସାଧାରଣରେ ନଦୀ, ହ୍ରଦ ତଥା ସମୁଦ୍ରର ଗର୍ଭ ହେଉଛି ଏକ ରହସ୍ୟମୟ ସ୍ଥାନ। ଆଉ ଏହି ରହସ୍ୟମୟ ସ୍ଥାନରେ କେତେ ପ୍ରଜାତିର ଜୀବ ବାସ କରିଥାନ୍ତି ତାହା କଳନା କରିବା କଷ୍ଟକର। ତେଣୁ ଜଳଗର୍ଭରେ ରହିଥିବା ଏହି ଲଚନେସ ମନଷ୍ଟରଙ୍କୁ ନେଇ ମଧ୍ୟ ରହିଛି ଅନେକ ରହସ୍ୟ। ସାଧାରଣତଃ ଲଚନେସ୍ ମନଷ୍ଟରମାନଙ୍କରେ ଅଦ୍ଭୁତ ଶରୀର ହିଁ ଏମାନଙ୍କୁ ନେଇ ରହିଥିବା ରହସ୍ୟର ମୂଳ କାରଣ। ଲଚନେସ୍ ମନଷ୍ଟରମାନଙ୍କର ଯେଉଁ ଚିତ୍ର ଆମେ ଦେଖିବାକୁ ପାଇଥାଉ, ସେଥିରେ ଏକ ବଡ଼ ଆକୃତିର ବେକ ସେମାନଙ୍କର ରହିଥିବା ଦେଖିବାକୁ ମିଳିଥାଏ। ଯାହା ସାଧାରଣତଃ ଜଳଭାଗରେ ବାସ କରୁଥିବା ଜୀବମାନଙ୍କଠାରେ ଦେଖିବାକୁ ମିଳି ନ ଥାଏ। ତେଣୁ ଏଭଳି ରହସ୍ୟମୟ ଆକୃତିର ଜୀବ ଜଳଭାଗରେ ଦେଖି ମଣିଷ ଏହି ଅଦ୍ଭୁତ ଜୀବମାନଙ୍କ ବିଷୟରେ ଗବେଷଣା କରିବାକୁ ଚେଷ୍ଟା କରିଛି।



ଅବଶ୍ୟ ଅନେକ ଗବେଷକ ଏଭଳି ଜୀବ କେବଳ ଲୋକମୁଖରେ ରହିଥିବା କଥା କହିଥାନ୍ତି। ପ୍ରକୃତରେ ଏମିତି ଜୀବ ନ ଥିବା କଥା ସେମାନେ କୁହନ୍ତି। ଲଚନେସ୍ ମନଷ୍ଟରଙ୍କ କଥା ପ୍ରଥମେ ୧୯୩୩ ମସିହାରେ ଚର୍ଚ୍ଚାକୁ ଆସିଥିଲା। ଏହି ବର୍ଷ ଆଲେକ୍ସ କ୍ୟାମ୍ପବେଲ୍ ନାମକ ଜଣେ ସାମ୍ବାଦିକ ପ୍ରଥମେ ଏଭଳି ଜୀବ ସ୍କଟଲ୍ୟାଣ୍ଡର ଲଚନେସ୍ ହ୍ରଦରେ ଦେଖାଦେଇଥିବା କଥା ପ୍ରକାଶ କରିଥିଲେ। ଆଉ ଏହା ଏକ ପ୍ରାଗ୍‌ଐତିହାସିକ ସମୟର ଜୀବ ବୋଲି ଅନେକ ବିଶ୍ୱାସ କରିଥିଲେ। କେହି କେହି ଏହାକୁ ଜଳ ଭିତରେ ଥିବା ଏକ ଡ୍ରାଗନ ବୋଲି ମଧ୍ୟ ବର୍ଣ୍ଣନା କରିଥିଲେ। ଆଉ କେହି କେହି ଏହି ଆଶ୍ଚର୍ଯ୍ୟକର ଜୀବକୁ ମନଷ୍ଟର ଫିସ୍ ବୋଲି ମଧ୍ୟ କହିଥିଲେ। ହେଲେ ଶେଷରେ ଏହାକୁ ଲଚନେସ ମନଷ୍ଟର ବୋଲି ଗ୍ରହଣ କରାଗଲା। ୧୯୩୩ ମସିହା ଡିସେମ୍ବର ୬ ତାରିଖରେ ଏହି ମନଷ୍ଟରର ଏକ ଫଟୋ ପ୍ରଥମେ ଡେଲି ଏକ୍ସପ୍ରେସ୍ ଖବରକାଗଜରେ ପ୍ରକାଶିତ ହୋଇଥିଲା। ଆଉ ଏହି ଫଟୋକୁ ଉତ୍ତୋଳନ କରିଥିଲେ ହଗ୍ ଗ୍ରେ ନାମକ ଜଣେ ବ୍ୟକ୍ତି। ଆଉ ଅଦ୍ଭୁତ ଜୀବର ଫଟୋ ପ୍ରକାଶିତ ହେବା ପରେ ସ୍କଟଲ୍ୟାଣ୍ଡ ସରକାର ତତ୍ପରତା ପ୍ରକାଶ କରିଥିଲେ। ଆଉ ଏହି ଜୀବକୁ ଯେପରି କେହି କିଛି କ୍ଷତି ନ ପହଞ୍ଚାନ୍ତି, ସେଥିପ୍ରତି ଦୃଷ୍ଟି ଦେବା ପାଇଁ ପୋଲିସକୁ ନିର୍ଦ୍ଦେଶ ମଧ୍ୟ ଦେଇଥିଲେ। ହେଲେ ଏଭଳି ଆଶ୍ଚର୍ଯ୍ୟକର ଜୀବର ଉତ୍ପତ୍ତି ଆଉ ଏହା ଲୋକଲୋଚନକୁ ଆସିବାକୁ ନେଇ ଅନେକ ମତ ଦେଖିବାକୁ ମିଳିଥାଏ।

କେହି କେହି ଗବେଷକ ଏଭଳି ଜୀବ ଷଷ୍ଠ ଶତାବ୍ଦୀରେ ମଧ୍ୟ ଦେଖିବାକୁ ମିଳିଥିଲା ବୋଲି ମତ ଦେଇଥାନ୍ତି। ତେବେ ଏବେ ବି ଏହି ଅଦ୍ଭୁତ ଜୀବର ଉତ୍ପତ୍ତି ଓ ଲୋକଲୋଚନକୁ ଆସିବାର ସମୟକୁ ନେଇ ମଧ୍ୟ ରହିଛି ରହସ୍ୟ।

ସ୍କଟଲ୍ୟାଣ୍ଡର ଲଚ୍ ହ୍ରଦ। ଏହା ରହିଛି ସମୁଦ୍ରପତ୍ତନଠାରୁ ପ୍ରାୟ ୫୨ ଫୁଟ ଉପରେ। ନେସ୍ ନଦୀର ଜଳ ଏଠାରେ ଖୁବ୍ ପରିବ୍ୟାପ୍ତ ଅଞ୍ଚଳରେ ହ୍ରଦ ଆକାରରେ ରହିଛି। ଆଉ ଏହି ଲଚନେସ୍ ହ୍ରଦ ହିଁ ଚର୍ଚ୍ଚାରେ ଥିବା ମନଷ୍ଟରମାନଙ୍କର ମୂଳସ୍ଥାନ ବୋଲି ବିଶ୍ୱାସ କରାଯାଏ। ୧୯୩୩ ମସିହା ପରଠାରୁ ଏହି ମନଷ୍ଟରମାନଙ୍କ ଅବସ୍ଥିତିକୁ ନେଇ ଅନେକ ଚର୍ଚ୍ଚା ହୋଇଆସିଛି। ଏଠାରେ ମଧ୍ୟ ଏହି ମନଷ୍ଟରମାନଙ୍କର ଉପସ୍ଥିତିକୁ ନେଇ ରହିଛି ଲୋକକଥା ଓ କାହାଣୀ କିମ୍ବଦନ୍ତୀ। ଏମିତିରେ ତ ବିଶ୍ୱାସ କଲେ ୧୯୩୩ ମସିହାରେ ହିଁ ଏହି ମନଷ୍ଟରକୁ ଚର୍ଚ୍ଚା ଆରମ୍ଭ ହୋଇଥିଲା। ହେଲେ ଏ ମନଷ୍ଟରମାନଙ୍କର ଅବସ୍ଥିତି ଷଷ୍ଠ ଶତାବ୍ଦୀରେ ଥିବା କଥା ମଧ୍ୟ ଅନେକ ବିଶ୍ୱାସ କରନ୍ତି। ଆଡମନାନ୍ ନାମକ ଜଣେ ଲେଖକ ସେଣ୍ଟ କଲମ୍ବାଙ୍କ ଜୀବନୀରେ ଏହି ମନଷ୍ଟରଙ୍କ କଥା ଉଲ୍ଲେଖ କରିଥିବା ଜଣାପଡ଼େ। ଏହି ଜୀବନୀ ପୁସ୍ତକ ସପ୍ତମ ଶତାବ୍ଦୀରେ ରଚନା କରାଯାଇଥିଲା। ଆଡମନାନ୍ ବର୍ଣ୍ଣନା କରିଛନ୍ତି ଯେ ସେଣ୍ଟ କଲମ୍ବା ନେସ୍ ନଦୀର କୂଳରେ ନିଜ ଅନୁଗାମୀମାନଙ୍କ ସହ ବସବାସ କରିବା ସମୟରେ ଦିନେ ଦେଖିବାକୁ ପାଇଥିଲେ ଯେ କିଛି ବ୍ୟକ୍ତି ଜଣେ ଶବକୁ ପୋତୁଛନ୍ତି। ସେଣ୍ଟ କଲୋମ୍ବା ମୃତ୍ୟୁର କାରଣ ପଚାରିବାରୁ ଜାଣିବାକୁ ପାଇଲେ ଯେ ନେସ୍ ନଦୀରେ ଥିବା ମନଷ୍ଟରର ଆକ୍ରମଣରେ ଏହି ବ୍ୟକ୍ତିର ମୃତ୍ୟୁ ହୋଇଛି। ଆଉ ତା' ପରେ ସେ ନିଜର ଜଣେ ଶିଷ୍ୟଙ୍କୁ ଏହି ନଦୀକୁ ପଠାଇଥିଲେ। ଯେତେବେଳେ କଲୋମ୍ବାଙ୍କ ଅନୁଗାମୀଙ୍କୁ ମନଷ୍ଟର ଆକ୍ରମଣ କରିଥିଲା, ସେଣ୍ଟ କଲୋମ୍ବା ମନଷ୍ଟରଙ୍କୁ ନିଜ କ୍ରସ୍ ଦେଖାଇଥିଲେ ଆଉ ମନଷ୍ଟରଙ୍କୁ ଏହି ନଦୀକୁ ନ ଆସିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ତେଣୁ ଏହି କାହାଣୀର ସତ୍ୟତାକୁ ନେଇ ଅନେକ ମତ ଦେଖାଦେଇଥାଏ। ଲେଖକ ଆଡୋମନାନ୍ ଦ୍ୱାରା ରଚିତ ଏହି ଘଟଣାକୁ କେହି କେହି ମନଷ୍ଟରଙ୍କ ଅବସ୍ଥିତିର ପ୍ରାଚୀନତାକୁ ପ୍ରମାଣିତ କରିଥିବା କଥା କହିଥାନ୍ତି। ସେହିପରି ୧୮୭୧ ମସିହାରେ ଡି. ମ୍ୟାକେଞ୍ଜି ନାମକ ଜଣେ ବ୍ୟକ୍ତି ପାଣି ଭିତରେ ଏକ ଜୀବ ଦେଖିଥିବା କଥା କହିଥିଲେ ତାଙ୍କର ବନ୍ଧୁ ରୁପୋର୍ଟ





ଗୌଲ୍ଡଙ୍କୁ। ୧୯୩୪ ମସିହାରେ ଏକ ଚିଠି ମାଧ୍ୟମରେ ମ୍ୟାକେଞ୍ଜି ୧୮୭୧ ମସିହା ଅକ୍ଟୋବର ମାସର ଏହି ଘଟଣା ସମ୍ପର୍କରେ ନିଜ ବନ୍ଧୁ ଗୌଲ୍ଡଙ୍କୁ ଲେଖିଥିଲେ। କିନ୍ତୁ ୧୯୩୩ ମସିହା ଜୁଲାଇ ମାସ ୨୨ ତାରିଖ ଦିନ ସ୍ପାଇସର ଦେଖିଥିବା ମନଷ୍ଟର ଘଟଣା ହିଁ ବିଶେଷ ଚର୍ଚ୍ଚାକୁ ଆସିଥିଲା। ୧୯୩୩ ମସିହା ଜୁଲାଇ ମାସ ୨୨ ତାରିଖ ଦିନ ସ୍ପାଇସର ତାଙ୍କ ପତ୍ନୀଙ୍କ ସହ ଲଚନେସ୍‌ରେ ଏକ ବିଶାଳ ଜଳଜୀବ ଦେଖିଥିବା କଥା ବର୍ଣ୍ଣନା କରିଥିଲେ। ଏହି ଜୀବର ଆକାର ପ୍ରାୟ ୪ ଫୁଟ ଉଚ୍ଚତା ଓ ୨୫ ଫୁଟ ଲମ୍ବର ହୋଇଥିବା କଥା ସେ କହିଥିଲେ। ଆଉ ଏହି ଜୀବର ଏକ ପତଳା ଓ ଲମ୍ବ ଆକୃତିର ବେକ ଥିବା କଥା ମଧ୍ୟ ସ୍ପାଇସର ଦମ୍ପତ୍ତି କହିଥିଲେ। ଏପରିକି ସେମାନେ ଦେଖିଥିବା ମନଷ୍ଟରର ବେକଟି ହାତୀର ଶୁଣ୍ଢଠାରୁ ସାମାନ୍ୟ ମୋଟା ଏବଂ ପ୍ରାୟ ୧୦ରୁ ୧୨ ଫୁଟ ଲମ୍ବ ହୋଇଥିବା କଥା ସେ କହିଥିଲେ। ଏପରିକି ୧୯୩୩ ମସିହାରେ ଆର୍ଥର ହଷ୍ଟ ନାମକ ଜଣେ ମୋଟର ସାଇକେଲଚାଳକ ଲଚ୍ ନଦୀକୂଳରେ ଏପରି ଏକ ଜୀବ ରାତିର ପ୍ରାୟ ଗୋଟାଏ ପାଖାପାଖି ଦେଖିଥିବା କଥା କହିଥିଲେ ଏବଂ ଜହ୍ନ ଆଲୋକରେ ସେ ଏହି ବିଶାଳ ଜୀବଟିକୁ ଅତି ନିକଟରୁ ଦେଖିଥିବା କଥା କହିଥିଲେ। ଯାହାର ମଧ୍ୟ ଲମ୍ବା ବେକ ଥିବା ସହ ଏକ ଛୋଟ ମୁଣ୍ଡ ରହିଥିବା କଥା ସେ କହିଥିଲେ। ଅନେକ କଥା ଲଚ୍‌ନେସ ମନଷ୍ଟରମାନଙ୍କ ଅବସ୍ଥିତି ଓ ଉପସ୍ଥିତିକୁ ନେଇ ଶୁଣିବାକୁ ମିଳେ। ଯାହା ଏପରି ଜୀବମାନଙ୍କୁ ନେଇ ସାଧାରଣ ମଣିଷର ମନରେ ରହସ୍ୟ ସୃଷ୍ଟି କରିଥାଏ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ଇସ୍ପାତ ପେଣ୍ଠ ...

ସେ ଅଞ୍ଚଳରେ ଥିବା ସୁବିଧା ସୁଯୋଗ ସମୀକ୍ଷା କରିଥିଲେ। ୨୦୩୦-୩୧ ସୁଦ୍ଧା ଦେଶର ଇସ୍ପାତ ଉତ୍ପାଦନ କ୍ଷମତାକୁ ୩୦୦ ନିୟୁତ ଟନ୍‌ରେ ପହଞ୍ଚାଇବାକୁ ରାଷ୍ଟ୍ରୀୟ ଇସ୍ପାତ ନୀତି-୨୦୧୭ରେ ସରକାର ଲକ୍ଷ୍ୟ ରଖିଛନ୍ତି। ଏଥିପାଇଁ ଇସ୍ପାତ ଉତ୍ପାଦନ କ୍ଷମତାରେ ହେବାକୁ ଥିବା ବୃଦ୍ଧିରେ କେବଳ କଳିଙ୍ଗନଗର ଅଂଶୀଦାର ହେବ ବୋଲି ଆଶା କରାଯାଉଛି।

ତେବେ ଓଡ଼ିଶା, ଦେଶର ମୋଟ୍ ଇସ୍ପାତ ଉତ୍ପାଦନ କ୍ଷମତାର ୫୦ ପ୍ରତିଶତ ଅର୍ଥାତ୍ ୧୫୦ ନିୟୁତ ଟନ୍ ଅଂଶୀଦାର ହେବାର ସାମର୍ଥ୍ୟ ରଖିଥିବା କେନ୍ଦ୍ର ଇସ୍ପାତ ସଚିବ ଡ. ଶର୍ମା କହିଛନ୍ତି। ଆଇସିସି ପକ୍ଷରୁ ଆୟୋଜିତ ଏକ କାର୍ଯ୍ୟକ୍ରମରେ ଯୋଗଦେବା ଅବସରରେ ସେ କହିଛନ୍ତି ଯେ ଯଦିଓ ଦେଶର ଲୁହାପଥର ଉତ୍ପାଦନରେ ଓଡ଼ିଶା ସର୍ବବୃହତ୍ ଅଂଶୀଦାର, ଏବେ ଏହାର ଇସ୍ପାତ ଉତ୍ପାଦନ ଢେର୍ କମ୍ ରହିଛି। ଏବେ ରାଜ୍ୟରୁ ବାର୍ଷିକ ୨୦-୨୧ ନିୟୁତ ଟନ୍ ଇସ୍ପାତ ଉତ୍ପାଦନ ହେଉଛି।

କଳିଙ୍ଗନଗରରେ ଟାଟା ଷ୍ଟିଲ୍, ଭିସା ଷ୍ଟିଲ୍, ମେସ୍କା ଷ୍ଟିଲ୍, ଜିନ୍ଦଲ ଷ୍ଟେନ୍‌ଲେସ୍ ଲିମିଟେଡ୍ ଭଳି ଇସ୍ପାତ କମ୍ପାନୀ ରହିଛି। ଏପରିକି ଏଠାରେ ରାଷ୍ଟ୍ରୀୟ ପୁଞ୍ଜିନିବେଶ ଏବଂ ବିନିର୍ମାଣ ଜୋନ୍ (ଏନ୍‌ଆଇଏମ୍‌ଜେଡ୍) ସ୍ଥାପନ କରାଯାଉଛି। ପ୍ରସ୍ତାବିତ ଏନ୍‌ଆଇଏମ୍‌ଜେଡ୍ ପାଖାପାଖି ୧ ଲକ୍ଷ ୫୦ ହଜାର କୋଟି ଟଙ୍କାର ପୁଞ୍ଜିନିବେଶ ଆକୃଷ୍ଟ କରିବାକୁ ଥିବା ବେଳେ ୪ ଲକ୍ଷ ୫୦ ହଜାର ଲୋକଙ୍କୁ କର୍ମନିଯୁକ୍ତି ଯୋଗାଇବ। କଳିଙ୍ଗନଗର ଏନ୍‌ଆଇଏମ୍‌ଜେଡ୍ ଇସ୍ପାତ ସମେତ ଖଣି ଓ ଖଣିଜ, ଅଟୋମୋଟିଭ୍ ଏବଂ ଆନୁଷଙ୍ଗିକ ଶିଳ୍ପରୁ ପୁଞ୍ଜିନିବେଶ ଆକୃଷ୍ଟ କରିବ।

ଏଠାରେ ଅନୁଷ୍ଠିତ ଇସ୍ପାତ ଉପଭୋକ୍ତା ପରିଷଦର ଦ୍ୱିତୀୟ ବୈଠକରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ କେନ୍ଦ୍ର ଇସ୍ପାତ ମନ୍ତ୍ରୀ ପୋସ୍କୋ ପ୍ରସଙ୍ଗରେ ବି ଓଡ଼ିଶାକୁ ଟାର୍ଗେଟ୍ କରିଛି। ପୋସ୍କୋ ହଟିବା ନେଇ ସେ ରାଜ୍ୟକୁ ଦାୟୀ କରି କହିଛନ୍ତି ଯେ ୨୦୧୪ରେ କେନ୍ଦ୍ରରେ ଏନ୍‌ଡିଏ ସରକାର କ୍ଷମତାକୁ ଆସିବା ପରେ ଜମି ଅଧିଗ୍ରହଣ ଆଇନ-୨୦୧୩କୁ ଶିଳ୍ପ ଅନୁକୂଳ କରିବାକୁ ଚାହିଁଥିଲେ। ଏଣୁ ଆଇନରେ କେତେକ ସଂଶୋଧନ ପାଇଁ ସଂସଦରେ ବିଲ୍ ଆଗତ କରାଯାଇଥିଲା। ସେତେବେଳେ ରାଜ୍ୟସଭାରେ ଏନ୍‌ଡିଏର ସଂଖ୍ୟାଗରିଷ୍ଠତା ନ ଥିଲା। ଓଡ଼ିଶା ସମେତ ବହୁ ରାଜ୍ୟ ଏହି ବିଲ୍‌କୁ ବିରୋଧ କରିଥିଲେ। ଫଳରେ ଜମି ଅଧିଗ୍ରହଣ ସଂଶୋଧନ ବିଲ୍ ପାରିତ ହୋଇପାରି ନଥିଲା। ପୋସ୍କୋକୁ ରାଜ୍ୟ ଜମି ଯୋଗାଇ ନ ଦେବାରୁ କମ୍ପାନୀ ଫେରିଗଲା ବୋଲି ସେ କହିଛନ୍ତି।

### ୬ ପୋଲିସଙ୍କୁ ...

ଘଟଣାସ୍ଥଳରେ ସହିଦ ହୋଇଥିଲେ। ଆତଙ୍କବାଦୀମାନେ ପୋଲିସ ଅଧିକାରୀମାନଙ୍କୁ ଘେରିଯାଇ ଅତି ନିକଟରୁ ସେମାନଙ୍କ ମୁହଁକୁ ଲକ୍ଷ୍ୟ କରି ଗୁଳି ମାରିଥିଲେ। ପରେ ସେମାନଙ୍କ ଅସ୍ତ୍ରଶସ୍ତ୍ର ଲୁଟିନେଇ ପଳାଇଥିଲେ। ଏହି ଘଟଣାରେ ୪ ଜଣ ଲସ୍କର ଆତଙ୍କବାଦୀ ସମ୍ପୃକ୍ତ ଥିବା ଜଣାପଡ଼ିଛି। ଏହି ଘଟଣା ପରେ ପୋଲିସ-ସିଆର୍‌ପିଏଫ୍‌ର ମିଳିତ କମ୍ବିଂ ଅପରେସନ ଜାରି ରହିଛି। ଆତଙ୍କବାଦୀଙ୍କୁ କୌଣସି ସ୍ଥାନୀୟ ବାସିନ୍ଦା ସହାୟତା ନ କରିବାକୁ ନାଗରିକମାନଙ୍କୁ ସତର୍କ କରାଇ ଦିଆଯାଇଛି।

କାଶ୍ମୀରରେ ସୁରକ୍ଷା ବାହିନୀ ଉପରେ ସିରିଜ ଆକ୍ରମଣ ଚାଲିଥିବା ବେଳେ ଅନନ୍ତନାଗପୁର ଘଟଣା ସବୁଠାରୁ ବଡ଼ ଓ ଯୋଜନାବଦ୍ଧ ଢଙ୍ଗରେ ହୋଇଥିବା ଜଣାପଡ଼ିଛି। ଆତଙ୍କବାଦୀମାନେ ଏକ ଉଚ୍ଚସ୍ଥାନରେ ଲୁଚିରହି ପୋଲିସବାହିନୀର ଆଗମନକୁ ଅପେକ୍ଷା କରିଥିଲେ। ପାଟ୍ରୋଲିଂ ଗାଡ଼ି ସେମାନଙ୍କ ନିକଟତର ହେବା ମାତ୍ରେ ଆଖିବୁଜା ଗୁଳିମାଡ଼ ଆରମ୍ଭ କରିଦେବା ସହ ସମସ୍ତ ୬ ପୋଲିସ କର୍ମୀଙ୍କୁ ହତ୍ୟା କରିଥିଲେ। ଅନନ୍ତନାଗପୁର ଅଞ୍ଚଳରେ ଲସ୍କର ଶାଖାକୁ ଧ୍ୱସ୍ତବିଧ୍ୱସ୍ତ କରିବାରେ ପୋଲିସ ବଡ଼ ଭୂମିକା ନିର୍ବାହ କରିଥିବାରୁ ଆତଙ୍କବାଦୀମାନେ ସ୍ଥାନୀୟ ପୋଲିସକୁ ଟାର୍ଗେଟ କରି ଏଭଳି କାଣ୍ଡ ଭିଆଇଛନ୍ତି। ଘାଟିରେ ମିଳିତବାହିନୀ ହିଜ୍‌ବୁଲ ଏବଂ ଲସ୍କର ଆତଙ୍କବାଦୀଙ୍କ ନିପାତ ଅଭିଯାନ ଜାରି ରଖିଥିବା ବେଳେ ଅନନ୍ତନାଗକୁ ମଧ୍ୟ ସର୍ବାଧିକ ସ୍ପର୍ଶକାତର ଜୋନ୍‌ରେ ରଖାଯାଇଛି।

### 'ପିସି' ଗୁମର ...

ତା' ଭିତରେ ବଣ୍ଟାଆରା ହୁଏ। ବାବୁଙ୍କ ଭାଗ ବାବୁଙ୍କର ଆଉ ନେତା, ମନ୍ତ୍ରୀଙ୍କ ଭାଗ ତାଙ୍କ ହାତକୁ ସ୍ୱତଃସ୍ଫୂର୍ତ୍ତ ଭାବେ ଚାଲିଯାଏ। ଆଉ ପ୍ରତିବଦଳରେ କଣ୍ଟ୍ରାକ୍ଟର ବା ଠିକାଦାର ସମ୍ପୃକ୍ତ କାମରେ ମନଇଚ୍ଛା ଖଇଚା କରିଥାଏ। ଯେନତେନ ପ୍ରକାରେ କାମ ସାରିଦେଇ 'ପିସି' ବାବଦ ଟଙ୍କା ସମେତ ଆହୁରି ଅଧିକ ଲାଭ କରିଥାଏ। ଏପଟେ ଏମିତି ଖଇଚା କାମକୁ ବି ଆଖି ବୁଜିଦିଅନ୍ତି ବାବୁ ଏବଂ ନେତାମାନେ। କାରଣ 'ପିସି' ଦେଇ ସେମାନଙ୍କ ପାଟି ବନ୍ଦ କରାଯାଇଥାଏ। ତେଣୁ ମୁହଁ ଖୋଲିଲେ ଗୁମର ଖୋଲିବାର ଆଶଙ୍କା।

ତେବେ ଏସବୁ ଭିତରେ ହନ୍ତସନ୍ତ ହୁଅନ୍ତି ସାଧାରଣ ଲୋକେ। ସରକାରୀ ରାଜକୋଷରୁ ସଠିକ୍ ପରିମାଣରେ ଅର୍ଥ ଆସୁଥିଲେ ବି ସାଧାରଣ ଲୋକେ ସେସବୁର ଫାଇଦା ପାଇପାରନ୍ତିନି। କେଉଁଠି ରାସ୍ତାରେ ପିଚୁ ବଦଳରେ ମୋରମ ପଡ଼େ ତ ପୁଣି କେଉଁଠି ଇନ୍ଦିରା ଆବାସ ଘର ପାଇଁ ହିତାଧିକାରୀ ଉପଯୁକ୍ତ ଅର୍ଥ ପାଇପାରେନି। ସେହିପରି କେଉଁଠି ଜଳସେଚନ କାମରେ ବ୍ୟାପକ ଦୁର୍ନୀତି ଦେଖାଦିଏ। କେଉଁଠି ପୁଣି ବଡ଼ ବଡ଼ ବ୍ରିଜ୍ ରାତିଅଧରେ ଭୁଶୁଡ଼ିପଡ଼େ। ଯାହାର ଜ୍ୱଳନ୍ତ ନମୂନା ହେଉଛି କଟକ ଜିଲ୍ଲା ବାଙ୍କୀ ଅନ୍ତର୍ଗତ ଜାତମୁଣ୍ଡିଆ-ସୁବର୍ଣ୍ଣପୁର ବ୍ରିଜ୍। ଏହି ବ୍ରିଜ୍ ଦୁଇଥର ଭାଙ୍ଗିଥିଲା। ଏହା କେବଳ ଭାତହାଣ୍ଡିରୁ ଗୋଟିଏ ଏଭଳି ଅନେକ ଉଦାହରଣ ରହିଛି। ଆଉ ଏସବୁ ମୂଳରେ ରହିଛି 'ପିସି'ର କମାଲ। ଯଦି 'ପିସି' ନଥାନ୍ତା, ତେବେ ସମ୍ପୃକ୍ତ କଣ୍ଟ୍ରାକ୍ଟର ବା ଠିକାଦାର ଏଭଳି ନ୍ୟୁନମାନର କାମ କରିବାକୁ ସାହସ କରି ନ ଥାନ୍ତେ। ଭୁଲବଶତଃ ଯଦି କରିପକାଇଥାନ୍ତେ, ତେବେ ବାବୁ ଓ ନେତାମାନେ ତାଙ୍କୁ ଏତେ ସହଜରେ ଛାଡ଼ିଦେଇ ନ ଥାନ୍ତେ; ଯେମିତି ଏବେ ଛାଡ଼ି ଦେଉଛନ୍ତି।

ଶୁଣିବା ମହଲରୁ କୁହାଯାଇଛି ଯେ ଏସବୁ ଠିକ୍‌ଠାକ୍ ଚାଲିଥିଲା। ତେବେ ନିକଟରେ ଘଟିଥିବା ମନ୍ତ୍ରିମଣ୍ଡଳ ଅଦଳବଦଳ ହିଁ ସବୁ ବିଗାଡ଼ିଦେଲା। କିଛି କାନକୁହା ନେତା ନବୀନଙ୍କ କାନରେ ଏଣୁତେଣୁ କଥା ପୂରାଇ ଗାଦିସୀନ ମନ୍ତ୍ରୀମାନଙ୍କ ବିଦା କଲେ। ଆଉ ଏତାର ରାଗ ସୁଝାଇବା ଚକ୍କରରେ ଥିଲେ ପୁରୁଣା ତଥା ଯୁବମନ୍ତ୍ରୀମାନେ। ତେବେ କେମିତି ପାନେ ଚଖେଇବେ, ସେ ନେଇ ସୁଯୋଗ ଉଣ୍ଡୁଥିଲେ। ଖୋଜିଖୋଜି ଆଉକିଛି ନ ପାଇବାରୁ ମୁଣ୍ଡକୁ ଏହି ଉପାୟ ଜୁଟିଗଲା। ପୂର୍ବରୁ ଏହି ବାଟରେ ହାତ ଚିକ୍କଣ କରିଥିବାରୁ ଏହା କେମିତି ଆସୁଛି, କିଏ ଆଣୁଛି ଆଉ କିଏ ଦଉଛି; ବିସ୍ତାର୍ଣ୍ଣ ଭାବେ ମୁଖିଆଙ୍କୁ ବୁଝାଇବାକୁ ବାକି ରହିଲାନି। ତେବେ ସିଧାସଳଖ ବାଣ ନେତାମନ୍ତ୍ରୀମାନଙ୍କୁ ନ ମାରି ବାବୁମାନଙ୍କ ଉପରକୁ ଅସ୍ତ୍ର ଛଡ଼ାଗଲା। ବାବୁଙ୍କ ହାତକୁ 'ପିସି' ନ ଆସିଲେ, ବଳେ ନେତାମନ୍ତ୍ରୀମାନଙ୍କ ପକେଟ ଢିଲା ହେବ। ବାଉଁଶ ଥିବ ଯେ ବଇଁଶି ବାଜିବ! ଆଉ ଗତ ନିର୍ବାଚନ ଫଳାଫଳକୁ ନେଇ ବିଚଳିତ ଥିବା ମୁଖ୍ୟମନ୍ତ୍ରୀ ଏକଥା ଶୁଣିଲା ପରେ ତୁରନ୍ତ ବାବୁମାନଙ୍କୁ କନଫରେନ୍ସ ମାଧ୍ୟମରେ ଏହି ନିର୍ଦ୍ଦେଶ ଦେଇଦେଲେ।

ସେହିପରି ମୁଖ୍ୟ ଶାସନ ସଚିବ ଆଦିତ୍ୟ ପ୍ରସାଦ ପାଢ଼ୀ ମଧ୍ୟ କହିଛନ୍ତି ଯେ ସରକାରୀ ସେବା କିଭଳି ଲୋକଙ୍କ ପାଖରେ ପହଞ୍ଚିବ, ସେଥିପାଇଁ ସ୍ୱତନ୍ତ୍ର ଭାବେ ୱେବ୍‌ପୋର୍ଟାଲ ଖୋଲି ସରକାର ଚଳିତମାସ ୩୦ ତାରିଖ ପର୍ଯ୍ୟନ୍ତ ନିଜସ୍ୱ ମତାମତ ଦେବାକୁ ଆହ୍ୱାନ କରାଯିବ। ଜିଲ୍ଲାପାଳଙ୍କ କର୍ମଶାଳା ଓ ସାଧାରଣ ଲୋକଙ୍କଠୁ ମିଳିଥିବା ପରାମର୍ଶକୁ ବିଚାରକୁ ନେଇ ସରକାର ଜୁଲାଇ ଶେଷସୁଦ୍ଧା ନାଗରିକ ସେବା ପ୍ରଦାନ ଗାଇଡ୍‌ଲାଇନ୍ ପ୍ରସ୍ତୁତ କରିବେ ବୋଲି ଶ୍ରୀ ପାଢ଼ୀ କହିଛନ୍ତି।

### ବ୍ୟାଙ୍କ ଆକାଉଣ୍ଟ ...

ଉଲ୍ଲେଖ କରିବା ଲାଗି ପ୍ରିଭେନ୍‌ସନ୍ ଅଫ୍ ମନି ଲଣ୍ଡରିଂ (ମେଣ୍ଟେନାନ୍ସ ଅଫ୍ ରେକର୍ଡସ) ନିୟମ, ୨୦୦୫ରେ ସଂଶୋଧନ ଆଣିବା ସହିତ ଏ ନେଇ ବିଜ୍ଞପ୍ତି ଜାରି କରିଛନ୍ତି। ଏଥିରେ ଜୁନ୍ ପହିଲାରୁ କୌଣସି ବ୍ୟକ୍ତି, କମ୍ପାନୀ ଏବଂ ପାର୍ଟନରସିପ ଫାର୍ମ ଦ୍ୱାରା ୫୦ ହଜାର ଟଙ୍କା ବା ତଦୂର୍ଦ୍ଧ୍ୱ ପରିମାଣର ଆର୍ଥିକ ନେଣଦେଣ ପାଇଁ ଆଧାର ନମ୍ବର କିମ୍ବା ଫର୍ମ ୬୦ ଦେବାକୁ ବାଧ୍ୟତାମୂଳକ କରାଯାଇଛି।

ଜୁନ୍ ୧ ତାରିଖ ପରେ ବ୍ୟାଙ୍କରେ ଖାତା ଖୋଲିବା ସମୟରେ ଯଦି ଜଣେ ବ୍ୟକ୍ତିଙ୍କର ଆଧାର ନମ୍ବର ନାହିଁ, ତେବେ ସେ ଆବେଦନ କରିଥିବା ଆବେଦନର ପ୍ରମାଣପତ୍ର ଦେବେ। ମାତ୍ର ବ୍ୟାଙ୍କରେ ଖାତା ଖୋଲାଯିବାର ୬ ମାସ ମଧ୍ୟରେ ସେମାଙ୍କୁ ଆଧାର ନମ୍ବର ଦାଖଲ କରିବାକୁ ପଡ଼ିବ।

ଉଲ୍ଲେଖଯୋଗ୍ୟ ଯେ କିଛିଦିନ ପୂର୍ବରୁ ସୁପ୍ରିମକୋର୍ଟ ଆୟକର ଆଇନ ସମ୍ପର୍କରେ ଏକ ରାୟ ଦେଇଥିଲେ। ଏହାର ଦିନକ ପରେ କେନ୍ଦ୍ରୀୟ ପ୍ରତ୍ୟକ୍ଷ କର ବୋର୍ଡ (ସିବିଡିଟି) ଏକ ସ୍ପଷ୍ଟୀକରଣ ଜାରି କରିଥିଲା। ଏଥିରେ କୁହାଯାଇଥିଲା ଯେ ଆସନ୍ତା ଜୁଲାଇ ପହିଲାରୁ ଆୟକର ରିଟର୍ଣ୍ଣ ପାଇଲ୍ କରିବା ପାଇଁ ଆଧାର ବାଧ୍ୟତାମୂଳକ ହେବ। ଏତଦ୍‌ବ୍ୟତୀତ ଜୁଲାଇ ପହିଲାରୁ ନୂଆ ପ୍ୟାନ୍‌କାର୍ଡ ଆବେଦନ ପାଇଁ ଆଧାର ନମ୍ବର ଜରୁରୀ ହେବ ବୋଲି ସିବିଡିଟି କହିସାରିଛି। ପ୍ୟାନ୍ ସହିତ ଆଧାର ନମ୍ବର ନ ଥିବା ବ୍ୟକ୍ତିଙ୍କ ପାଇଁ ସୁପ୍ରିମକୋର୍ଟ ଆଂଶିକ ରିହାତି ପ୍ରଦାନ କରିଥିଲେ।

## ନିଜ ଦଳ ଆଡୁ ବିଜୟଙ୍କୁ ବିପଦ !

**ଭୁବନେଶ୍ୱର :** ଦଳ ତଥା ଦଳର ବିଭିନ୍ନ ନେତାଙ୍କୁ ସମାଲୋଚନା କରିବା ଅଭିଯୋଗରେ ଅଡୁଆରେ ପଡ଼ିଯାଇଛନ୍ତି ବରିଷ୍ଠ ବିଜେପି ନେତା ବିଜୟ ମହାପାତ୍ର। ପରିସ୍ଥିତି ଏପରି ହୋଇଛି ଯେ ଦଳ ତାଙ୍କ ବିରୋଧରେ ଯେ କୌଣସି ମୁହୂର୍ତ୍ତରେ କାର୍ଯ୍ୟାନୁଷ୍ଠାନ ନେଇପାରେ ବୋଲି ଆଶଙ୍କା କରାଯାଉଛି। ଏ ନେଇ ଦଳର ରାଜ୍ୟ ସଭାପତି ବସନ୍ତ ପଣ୍ଡା ବି ଇସାରା ଦେଇସାରିଛନ୍ତି। ଶ୍ରୀ ପଣ୍ଡା କହିଛନ୍ତି ଯେ ବିଜୟ ବିଜେପିର କାର୍ଯ୍ୟକାରିଣୀ ସଦସ୍ୟ। ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବାର ଅଧିକାର ତାଙ୍କର ନାହିଁ। ମାତ୍ର ବିଜେପିକୁ ଯେଭଳି ଭାବେ ଦଲାଲ୍‌ର ଆଖ୍ୟା ଦେଇ ଭର୍ତ୍ସନା କରିବା ସହ ଦଳ ଓ ଦଳର ବିଭିନ୍ନ ନେତାଙ୍କ ବିରୋଧରେ ଯେଭଳି କଡ଼ା ଆଭିମୁଖ୍ୟ ଗ୍ରହଣ କରିଛନ୍ତି, ସେ ସମ୍ପର୍କରେ ବିସ୍ତୃତ ଭାବେ ସେ ରାଷ୍ଟ୍ରୀୟ ଅଧ୍ୟକ୍ଷ ଅମିତ ଶାହଙ୍କ ଜଣାଇ ଦିଆଯାଇଛି ବୋଲି ଶ୍ରୀ ପଣ୍ଡା ପ୍ରକାଶ କରିଛନ୍ତି। କେନ୍ଦ୍ରାପଡ଼ାରେ ଶ୍ରୀ ମହାପାତ୍ରଙ୍କୁ ଛାଡ଼ି ବିଜେପି କାର୍ଯ୍ୟକ୍ରମ ଆୟୋଜନ କରିବାର ସପ୍ତାହକ ପରେ ଶ୍ରୀ ପଣ୍ଡାଙ୍କ ଏଭଳି ମନ୍ତବ୍ୟ ରାଜ୍ୟ ରାଜନୀତିରେ ହଟଚମଟ ସୃଷ୍ଟି କରିଛି।

ଏ ନେଇ ରାଜନୈତିକ ପର୍ଯ୍ୟବେକ୍ଷକ ମହଲରେ ମଧ୍ୟ ଭିନ୍ନ ମନ୍ତବ୍ୟ ଶୁଣିବାକୁ ମିଳିଛି। ସମୀକ୍ଷକମାନଙ୍କ ମତରେ ବିଜେପିରେ ଦୈନିକ ଭିନ୍ନ ଭିନ୍ନ ଦଳ ତଥା ସଂଗଠନର ନୂଆ ନୂଆ ସଦସ୍ୟ ସାମିଲ ହେଉଛନ୍ତି। ଏହାଦ୍ୱାରା ଦଳ ସଶକ୍ତ ହେଉ କି ନ ହେଉ, ପୁରୁଣା ନେତା ସ କର୍ମୀ ମହଲରେ ଅସନ୍ତୋଷ ବୃଦ୍ଧି ପାଉଛି। ନୂଆ ନେତାମାନଙ୍କ ଯୋଗୁଁ ସ୍ଥାନୀୟ ପୁରୁଖା ନେତାମାନେ ନିଜ ଭବିଷ୍ୟତ ନେଇ ଦ୍ୱନ୍ଦ୍ୱରେ ରହୁଛନ୍ତି। ଯେଉଁ ଅଞ୍ଚଳରେ ଏକାଧିକ ନେତାଙ୍କୁ ବିଜେପି ସାମିଲ କରୁଛି, ସେଠାରେ ଭିନ୍ନ ପରିସ୍ଥିତି ସୃଷ୍ଟି ହେଉଛି। ଏଭଳି ସମୟରେ ଶ୍ରୀ ମହାପାତ୍ରଙ୍କ ଭଳି ଜଣେ ବରିଷ୍ଠ ନେତାଙ୍କ ବିରୋଧରେ ଯଦି ଜାତୀୟ ନେତାମାନେ କାର୍ଯ୍ୟାନୁଷ୍ଠାନ ନିଅନ୍ତି, ତେବେ ତେବେ ଏହା ଅନ୍ୟମାନଙ୍କୁ ଚେତାବନୀ ସଦୃଶ ହେବ। ଏପରିକି ଆଗକୁ ଆଉ କେହି ବିଶୃଙ୍ଖଳା କରିବାକୁ ଭୟ କରିବେ। ଅନ୍ୟପକ୍ଷରେ ଶ୍ରୀ ମହାପାତ୍ର କହିଛନ୍ତି ଯେ ଦଳର କାର୍ଯ୍ୟାନୁଷ୍ଠାନ ସମ୍ପର୍କରେ ତାଙ୍କ ପାଖରେ କିଛି ଖବର ନାହିଁ। ଏହାଛଡ଼ା ସେ କହିଛନ୍ତି ଯେ ଦଳବିରୋଧୀ କଥା କହିନାହାନ୍ତି। ବରଂ ଲୋକଙ୍କ ସ୍ୱାର୍ଥର ସୁରକ୍ଷା କଥା କହିଛନ୍ତି। ପୂର୍ବରୁ ସେ ମହାନଦୀ ପ୍ରସଙ୍ଗରେ ଯାହା କହିଥିଲେ, ବିଜେପି ନେତାମାନେ ଏବେ ସେଇ ଏକାପ୍ରକାର କଥା କହିବା ଆରମ୍ଭ କଲେଣି। ଆଇଓସିଏଲ ପ୍ରସଙ୍ଗରେ ସ୍ଥାନୀୟ ଯୁବକଙ୍କ ନିଯୁକ୍ତି କଥା ସେ ଉଠାଇଛନ୍ତି, ଯାହା ପ୍ରତିଶ୍ରୁତି ଦିଆଯାଇଥିଲା। ଯଦି ବେକାରୀ ଯୁବକଙ୍କ ନିଯୁକ୍ତି କଥା ଉଠାଇଲେ ବୋଲି ଅଥବା ସାଧାରଣ ଲୋକର ସମସ୍ୟା ସହିତ ଜଡ଼ିତ ମହାନଦୀ ପ୍ରସଙ୍ଗ ଉଠାଇଲେ ବୋଲି ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯାଏ, ତେବେ ଏଥିରେ ସେ ବିବ୍ରତ ନୁହନ୍ତି ବୋଲି ଶ୍ରୀ ମହାପାତ୍ର କହିଛନ୍ତି।

ଏଠାରେ ସୂଚନାଯୋଗ୍ୟ ଯେ ଗତ କିଛିଦିନ ତଳେ ମହାନଦୀ ଜଳବିବାଦ ନେଇ ଶ୍ରୀ ମହାପାତ୍ର ଯେଉଁ ମତ ରଖିଥିଲେ, ତାହା ଦଳୀୟ ମତଠାରୁ ସମ୍ପୂର୍ଣ୍ଣ ଭିନ୍ନ ଥିଲା। କେବଳ ସେତିକି ନୁହେଁ, ଏହି ପ୍ରସଙ୍ଗରେ ସେ ବିଜେପି ନେତୃତ୍ୱାଧୀନ ଛତିଶଗଡ଼ ସରକାରଙ୍କୁ ବି ସମାଲୋଚନା କରିଥିଲେ। ଏହାପରେ ଆଇଓସିଏଲ ପ୍ରସଙ୍ଗରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ଚିଠି ଲେଖି ସେ ପୁଣି ଚର୍ଚ୍ଚାକୁ ଆସିଥିଲେ।

## ମୂଷାନଈ ଉଦ୍ଧାର ପାଇଁ ଅଣ୍ଟା ଭିଡ଼ିଲେ ସରକାର

**ଭୁବନେଶ୍ୱର :** ଶ୍ରୀକ୍ଷେତ୍ରର ପ୍ରବେଶପଥ ଭାବେ ଜଣାଶୁଣା ଅଠରନଳାରେ ଥିବା ମୂଷାନଈର ପୁନରୁଦ୍ଧାର କରାଯିବ। କର୍ଦ୍ଦମାକ୍ତ ହୋଇପଡ଼ିଥିବା ଏହି ପୁରାତନ ନଦୀକୁ ଏକ ପରିଷ୍କାର ଜଳାଶୟରେ ପରିଣତ କରାଯିବାକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ୨୬ କୋଟି ଟଙ୍କା ମଞ୍ଜୁର କରିଛନ୍ତି। ୨ ବର୍ଷ ମଧ୍ୟରେ ଏହି କାର୍ଯ୍ୟ ସମ୍ପୂର୍ଣ୍ଣ କରିବାକୁ ମୁଖ୍ୟମନ୍ତ୍ରୀ ସମୟ ଧାର୍ଯ୍ୟ କରିଛନ୍ତି। ପୁରୀ ପ୍ରବେଶଦ୍ୱାର ଅଠରନଳାରେ ରହିଛି ମୂଷାନଈ। ଭାର୍ଗବୀନଦୀକୁ ମଙ୍ଗଳାନଦୀକୁ ସଂଯୋଗ କରୁଥିବା ଏହି ନଈ ଜବରଦଖଲ ଯୋଗୁଁ କ୍ରମଶଃ ସଂକୁଚିତ ହେବ ସହ ଜଳପ୍ରବାହ ବନ୍ଦ ହୋଇଯାଇଛି। ଏହି ନଈରେ ଏବେ କେବଳ ସହରର ନର୍ଦ୍ଦମା ପାଣି ଓ ଆବର୍ଜନା ପଡ଼ିରହୁଥିବାରୁ ଏକପ୍ରକାର କର୍ଦ୍ଦମାକ୍ତ ସ୍ଥିତିରେ ରହିଛି। ୨୦୦୪ରୁ ମୂଷାନଈର ପୁନରୁଦ୍ଧାର ଓ ବିକାଶ ପାଇଁ ପର୍ଯ୍ୟାୟ ଭିତ୍ତିରେ ୬ କୋଟି ଟଙ୍କା ଖର୍ଚ୍ଚ କରାଯାଇଥିଲେ ମଧ୍ୟ ଏହା ଅଧିକ କର୍ଦ୍ଦମାକ୍ତ ହୋଇପଡ଼ିଛି। ଏବେ ଏହି ନଦୀର ସୌନ୍ଦର୍ଯ୍ୟକରଣ ପାଇଁ ପୁଣିଥରେ ୨୬ କୋଟି ଟଙ୍କା ମଞ୍ଜୁର କରାଯାଇଛି। ଏହାର ଜଳସ୍ରୋତ ଅବରୋଧ କରାଯାଇଥିବାରୁ ଏହାକୁ ଏକ ଲମ୍ବା ଜଳାଶୟ ଭାବେ ବିକଶିତ କରାଯିବ। ଏହି ଜଳାଶୟ ବିକାଶ କରିବା ପାଇଁ ଜଳସମ୍ପଦ ବିଭାଗ ଏକ ମାଷ୍ଟରପ୍ଲାନ୍ ପ୍ରସ୍ତୁତ କରିଛି। ଏହି ଜଳାଶୟ ବିକାଶ ହେବା ପରେ ସହରର ଭୂତଳ ଜଳ ସଂଚାରଣ (ରିଚାର୍ଜ) ହେବାରେ ସହାୟକ ହେବ। ଏହାବ୍ୟତୀତ ଏହାର ସ୍ୱଚ୍ଛତା ଅବ୍ୟାହତ ରଖି ପାନୀୟଜଳର ଉତ୍ସ ଭାବରେ ମଧ୍ୟ ବ୍ୟବହାର କରାଯିବାକୁ ଯୋଜନା କରାଯାଇଛି। ଚଳିତ ବର୍ଷାଋତୁ ପରେ କାମ ଆରମ୍ଭ ହେବ। ଦୁଇବର୍ଷରେ ଏହି କାର୍ଯ୍ୟ ଶେଷ କରିବାକୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି।



# ବର୍ତ୍ତିଗଲେ ଜେନିଫର

ବିମାନ ଦୁର୍ଘଟଣାରୁ ଅଳ୍ପକେ ବର୍ତ୍ତିଯାଇଛନ୍ତି ହଲିଉଡ ଅଭିନେତ୍ରୀ ଜେନିଫର ଲରେନ୍ସ। ଆମେରିକାର କେଣ୍ଟୁକୀ ଅନ୍ତର୍ଗତ ଲୁଇସ୍‌ଭିଲ୍ଲେରୁ ଡବଲ ଇଞ୍ଜିନ ବିଶିଷ୍ଟ ଏକ ଘରୋଇ ବିମାନରେ ଯାତ୍ରା କରୁଥିବା ବେଳେ ତା'ର ଗୋଟିଏ ଇଞ୍ଜିନ୍‌ରେ ଯାନ୍ତ୍ରିକ ତ୍ରୁଟି ଦେଖାଯାଇଥିଲା। ଫଳରେ ବିମାନଟି ନ୍ୟୁୟର୍କର ବଫାଲୋଠାରେ ଜରୁରିକାଳୀନ ଅବତରଣ କରିଥିଲା। ପାଇଲଟଙ୍କ ଉପସ୍ଥିତ ବୁଦ୍ଧି ଯୋଗୁଁ ଅଭିନେତ୍ରୀ ଜେନିଫର ନିଶ୍ଚିତ ଦୁର୍ଘଟଣାରୁ ରକ୍ଷା ପାଇଯାଇଛନ୍ତି। ଏଥିପାଇଁ ଜେନିଫର ସମ୍ପୃକ୍ତ ଡ୍ରାଇଭରଙ୍କୁ ଧନ୍ୟବାଦ ଜଣାଇଛନ୍ତି।





# ସବ୍ୟ-ଅର୍ଚ୍ଚିତା ଗାଏବ

ରଜ ଅବସରରେ ସାରା ଓଡ଼ିଶାରେ ମୁକ୍ତିଲାଭ କରିଛି ୩ଟି ଚଳଚ୍ଚିତ୍ର। ବାବୁସାନ୍-ଶିବାନୀ ଷ୍ଟାରର୍ ଚଳଚ୍ଚିତ୍ର 'ସିଷ୍ଟର ଶ୍ରୀଦେବୀ', ଅନୁଭବ-ଏଲିନା ଅଭିନୀତ 'ଅଭୟ' ଏବଂ ଅରିନ୍ଦମ୍-ବର୍ଷାଙ୍କ ଫିଲ୍ମ 'ରୋମିଓ-ଜୁଲିଏଟ୍' ବିଭିନ୍ନ ହଲ୍‌ରେ ଧମାଲ୍ ମଚାଇବାରେ ଲାଗିଛି। ବିଶେଷକରି ବାବୁସାନ୍‌ଙ୍କ ଲେଡି ଗେଟ୍‌ଅପ୍ ଦେଖିବା ପାଇଁ ଦର୍ଶକେ ହଲ୍‌ରେ ଧାଡ଼ି ଜମାଉଛନ୍ତି। ସେହିପରି ଅନୁଭବଙ୍କ ଅଭୟ ରୂପ ମଧ୍ୟ ଦର୍ଶକଙ୍କୁ ବାଇଆ କରିଛି। ତେବେ ଓଲିଉଡ଼ର ସୁପରହିଟ୍ ଜୋଡ଼ି ସବ୍ୟ-ଅର୍ଚ୍ଚିତାଙ୍କୁ ଏଥର ରଜରେ ଦେଖିବାକୁ ମିଳିନାହିଁ। ଷ୍ଟାର ଅଭିନେତା ସବ୍ୟସାଚୀ ମହାପାତ୍ର ଓ ଅଭିନେତ୍ରୀ ଅର୍ଚ୍ଚିତାଙ୍କର ଚଳିତ ରଜରେ କୌଣସି ମୁଭି ରିଲିଜ୍ ହୋଇନାହିଁ। ଫଳରେ ସେମାନଙ୍କ ଫ୍ୟାନ୍ ଓ ଫଲୋଅର ହଲ୍‌ରେ ସେମାନଙ୍କୁ ନ ପାଇ ବିଶେଷଭାବେ ନିରାଶା ଭାବ ପ୍ରକାଶ କରିଛନ୍ତି। ସୂଚନାଯୋଗ୍ୟ ଯେ ସବ୍ୟ-ଅର୍ଚ୍ଚିତା ଅଭିନୀତ ପ୍ରାୟ ସମସ୍ତ ଫିଲ୍ମ ହିଟ୍ ସାବ୍ୟସ୍ତ ହୋଇଆସିଛି। ଶେଷଥର ପାଇଁ 'ଛାତି ତଳେ ଡିଂ ଡଂ'ରେ ଏହି ଯୋଡ଼ି ଧମାଲ୍ କରିଥିଲେ।

# ଯମଜଙ୍କ ଜନକ ରୋନାଲ୍ଡୋ



**ନୂଆଦିଲ୍ଲୀ :** ପର୍ତ୍ତୁଗାଲର ଷ୍ଟାର ଫୁଟବଲ ତାରକା କ୍ରିଷ୍ଟିଆନୋ ରୋନାଲ୍ଡୋ ଯମଜ ସନ୍ତାନର ପିତା ହୋଇଛନ୍ତି। ଏ ନେଇ ପର୍ତ୍ତୁଗୀଜ୍ ଟିଭି ଚ୍ୟାନେଲ୍ ସମ୍ବାଦରୁ ଜଣାପଡ଼ିଛି। ଏହି ସନ୍ତାନ ଦୁହେଁ ଆମେରିକାରେ ଜଣେ ସରୋଗେଟ୍ ମା'ଙ୍କଠାରୁ ଜନ୍ମ ନେଇଥିବା ଟିଭି ରିପୋର୍ଟରେ ପ୍ରକାଶ ପାଇଛି। ପୁତ୍ର ଓ କନ୍ୟା ସନ୍ତାନଙ୍କ ନାମ ଯଥାକ୍ରମେ ଇଭା ଓ ମାଟେଓ ବୋଲି ଜଣାପଡ଼ିଛି। ତେବେ ଏହି ଖବର ଉପରେ ରୋନାଲ୍ଡୋ କିମ୍ବା ତାଙ୍କ ପରିବାର ପକ୍ଷରୁ କୌଣସି ପ୍ରତିକ୍ରିୟା ମିଳିପାରି ନାହିଁ। ସ୍ପାନିସ୍ ସୁନ୍ଦରୀ ଜର୍ଜିନା ରୋଡ୍ରିଏଜ୍‌ଙ୍କ ସହ ଡେଟିଂ କରୁଥିବା ରୋନାଲ୍ଡୋ ୨୦୧୦ରେ ଟ୍ୱିଟର୍ ଓ ଫେସ୍‌ବୁକ୍‌ରେ ସେ ପିତା ହୋଇଥିବା ଘୋଷଣା କରି ସାରା ଜଗତକୁ ଚକିତ କରିଦେଇଥିଲେ। କ୍ରିଷ୍ଟିଆନିନୋ ନାମରେ ଜଣାଶୁଣା କ୍ରିଷ୍ଟିଆନୋ ରୋନାଲ୍ଡୋଙ୍କ ବୟସ ଏବେ ୬ ବର୍ଷ।





# ଶ୍ରଦ୍ଧା ଆଉଟ୍ ଦିଶା ଇନ୍

ସୁପର ହିଟ୍ ସିନେମା ବାଗୀର ସିକ୍ୱେଲ ନିର୍ମାଣ ହେଉଛି ବୋଲି ପ୍ରାୟ ସମସ୍ତେ ଜାଣନ୍ତି। ଆଉ ଏହାର ଷ୍ଟାର୍‌କାଷ୍ଟ ରିପିଟ୍ ହେଉଛନ୍ତି ବୋଲି ପ୍ରାୟ ସମସ୍ତେ ଅଳ୍ପେବହୁତେ ଜାଣନ୍ତି। ମାତ୍ର ଏଥିରେ ସାମାନ୍ୟ ଟ୍ୱିଷ୍ଟ ଆସିଛି। ଟାଇଗର-ଶ୍ରଦ୍ଧା ଷ୍ଟାରର୍ ଏହି ସିନେମାର ସିକ୍ୱେଲରୁ ଶ୍ରଦ୍ଧାଙ୍କୁ ଆଉଟ୍ କରିଦିଆଯାଇଥିବା ଶୁଣିବାକୁ ମିଳିଛି। ଫିଲ୍ମ ନିର୍ମାତା ସାଜିଦ୍ ନଦିଆଦୱାଲା ତାଙ୍କ ସ୍ଥାନରେ ଦିଶା ପଟ୍‌ନାନୀଙ୍କୁ ନେବା ପାଇଁ ସାଇନ୍ କରାଇଛନ୍ତି। ଏ ନେଇ ନଦିଆଦୱାଲା କହିଛନ୍ତି ଯେ ଏହି ସିନେମାରେ ମୁଁ ଜଣେ ନୂଆ ନାୟିକାଙ୍କୁ ସ୍ଥାନ ଦେବାକୁ ଚାହୁଁଥିଲି। ଦିଶାଙ୍କ ସ୍କ୍ରିନ୍ ପ୍ରେଜେନ୍ସ ଭଲ ଓ ଟାଇଗରଙ୍କ ସହ ତାଙ୍କ କେମିଷ୍ଟ୍ରି ଦେଖିବା ପରେ ତାଙ୍କୁ ଚୟନ କରାଯାଇ ଯାଇଛି। ତେବେ ଏହି ନୂଆଯୋଡ଼ିଙ୍କୁ ନେଇ ସେ ଖୁସିଥିବା ବେଳେ ଖୁବ୍‌ଶୀଘ୍ର ଏହାର ସୁଟିଂ ଆରମ୍ଭ କରିବେ ବୋଲି କହିଛନ୍ତି। ସୂଚନାଯୋଗ୍ୟ ଯେ 'ବାଗୀ' ସିନେମାରେ ଶ୍ରଦ୍ଧା-ଟାଇଗରଙ୍କ ଚମତ୍କାର ଅଭିନୟ ଓ ମସ୍ତ ରୋମାନ୍ସ ଦର୍ଶକଙ୍କୁ ଭରପୂର ମନୋରଞ୍ଜନ ଯୋଗାଇଥିଲା। ଆଉ ଦର୍ଶକ ବି ଦେଇଥିଲେ ଥମ୍ସ ଅପ୍। ତେଣୁ ବାଗୀ-୨ ସିନେମାରେ ନିର୍ମାତା ସେହି ଯୋଡ଼ିକୁ ରିପିଟ୍ କରିବେ ବୋଲି ଦର୍ଶକେ ଆଶାବାଦୀ ଥିଲେ। ତେବେ ଦେଖାଯାଉ ଏହି ନୂଆ ନାୟିକାଙ୍କୁ ନେଇ ସାଜିଦ୍ କି କମାଲ ଦେଖାଉଛନ୍ତି ?

# ବାଂଲାଦେଶକୁ ହରାଇବା ପରେ ଭାରତକୁ କୁକୁର କହିଥିବା ସମର୍ଥକଙ୍କୁ ଭର୍ତ୍ସନା

**ନୂଆଦିଲ୍ଲୀ :** ଚାମ୍ପିୟନ୍ସ ଟ୍ରଫି ସେମିଫାଇନାଲ ମ୍ୟାଚ୍ ପୂର୍ବରୁ ବାଂଲାଦେଶର ଜଣେ ସମର୍ଥକ ବିଶେଷ ଚର୍ଚ୍ଚାରେ ରହିଥିଲେ। ଏହି ସମର୍ଥକଜଣକ କୁକୁର ପିଠିରେ ଭାରତୀୟ ଜାତୀୟ ପତାକା ଲଗାଇଥିବା ବେଳେ ତାକୁ ଆକ୍ରମଣ କରୁଥିବା ଏକ ବିରାଟ ବେଙ୍ଗଲ ଟାଇଗର (ମହାବଳ ବାଘ) ପିଠିରେ ବାଂଲାଦେଶ ପତାକା ରଖି ଟ୍ୱିଟ୍ କରିଥିଲେ। ଏଥିରେ ସେ ଜଣାଇବାକୁ ଚାହିଁଥିଲେ ଯେ ବାଂଲାଦେଶ ଏବେ ଭଲ ଫର୍ମରେ ଥିବାରୁ ଭାରତ ଏଥର କୁକୁର ଭଳି ପରାସ୍ତ ହେବ। ଏହାକୁ ନେଇ ଭାରତୀୟ ଦର୍ଶକମହଲରେ ତୀବ୍ର ଉତ୍ତେଜନା ପ୍ରକାଶ ପାଇଥିଲା। ତେବେ ଭାରତୀୟ ସମର୍ଥକମାନେ ଧୈର୍ଯ୍ୟର ସହ ସେମିଫାଇନାଲ ମ୍ୟାଚ୍ ପର୍ଯ୍ୟନ୍ତ ଅପେକ୍ଷା କରିଥିଲେ। ତେବେ ମ୍ୟାଚ୍‌ରା ଦ୍ୱିତୀୟ ଇଂନିସ ଯେତେଯେତେ ଆଗଉଥିଲା, ବାଂଲାଦେଶର ସ୍ଥିତି ସେତେସେତେ ବିଗିଡ଼ିବାରେ ଲାଗିଥିଲା। ଆଉ ଏହାପରେ ଭାରତୀୟ ଦର୍ଶକଙ୍କର ଟ୍ୱିଟରରେ ଦବ୍‌ଦବା ଦେଖିବାକୁ ମିଳିଥିଲା। ସମ୍ପୃକ୍ତ ବାଂଲା ସମର୍ଥକଙ୍କୁ କଟୁ ଭାଷାରେ ସମାଲୋଚନା କରିବା ସହ ଟ୍ୱିଟ୍ କରିଛନ୍ତି ଯେ ବାଘ ସବୁବେଳେ ବାଘ, ଆଉ କୁକୁର ସବୁ ସମୟରେ କୁକୁର ହୋଇ ରହିବ। କୁକୁର ନିଜ ଔକାତ୍ ଭୁଲିବା ଉଚିତ ନୁହେଁ। କୁକୁର ଯେତେ ବାଘ ଚମଡ଼ା ପିନ୍ଧିଲେ ବି କେବେ ବାଘ ହୋଇପାରିବ ନାହିଁ। ଅସଲ ସମୟରେ କୁକୁର ଗର୍ଜନ କରିବା ପରିବର୍ତ୍ତେ ଭୁକିବା ଆରମ୍ଭ କରିଥାଏ; ଯାହା ବାଂଲାଦେଶ କ୍ରିକେଟ ପଡ଼ିଆରେ କଲା। ତେଣୁ ତୁମେ ମଧ୍ୟ ନିଜ ଔକାତ୍‌ରେ ରହି ଟ୍ୱିଟ୍ କର ବୋଲି ଟ୍ୱିଟ୍‌ରେ ତାଙ୍କୁ କଡ଼ା ସମାଲୋଚନା କରାଯାଇଛି।




ଆବଶ୍ୟକ

EKAMAATRA
ଏକମାତ୍ର
ଅନୁସନ୍ଧାନ ପରେ ଖବର

ସ୍ୱଳ୍ପ ସମୟ ମଧ୍ୟରେ 'ଏକମାତ୍ର' ଢେର ପାଠକୀୟ ଆଦୃତିଲାଭ କରିବା ପରେ ସାରା ଓଡ଼ିଶାରେ ଏହାକୁ ପହଞ୍ଚାଇବାକୁ ଆମେ ଲକ୍ଷ୍ୟ ରଖିଛୁ। ଏଥିପାଇଁ ଜିଲ୍ଲାସ୍ତରୀୟ ରିପୋର୍ଟର, ବିକ୍ରୟ ପ୍ରତିନିଧି ଏବଂ ବ୍ଲକସ୍ତରରେ ମଧ୍ୟ ପ୍ରତିନିଧି ଆବଶ୍ୟକ କରୁଛୁ।

ଏଥିରେ ନିଷ୍ଠା ରଖିଥିବା ତଥା ଉପଯୁକ୍ତ ଦକ୍ଷତାସମ୍ପନ୍ନ ସାମ୍ବାଦିକ ଓ ଖବରକାଗଜ ଏଜେନ୍ସି ଗୁଡ଼ିକ ଏଥିପାଇଁ ଆମ ସହିତ ତୁରନ୍ତ ଯୋଗାଯୋଗ କରିବାକୁ ଅନୁରୋଧ।

ଆମ ଠିକଣା
HIG-137, Dharma Vihar
Khandagiri, Bhubaneswar-30

ଭ୍ରାମ୍ୟଭାଷ ନମ୍ବର
୭୦୦୮୪୬୭୯୮୯ / ୯୩୩୮୩୩୭୦୯୮
୯୩୩୮୨୨୪୯୩୦

www.ekamaatra.com

Printed, Published and Owned by **Rasmita Patra**, Published at Flat-003, Mahadev Orchid, Cosmopolis Road, Dumduma, Bhubaneswar-19, Dist- Khordha, Odisha & Printed at **Radhakrushna Publication Pvt. Ltd.**, Plot No-H/18, Mancheswar Industurial Estate, Bhubaneswar-10, Odisha ● Editorial Office : HIG-137, Dharma Vihar, Khandagiri, Bhubaneswar, Odisha, PIN-751030, Phone : 7008340389 (Editorial), Email : ekamaatra@gmail.com

Chief Editor : **Bibhuti Bhusan Patra** | Managing Editor : **Laxmipriya Dash** | Editor : **Tarak Mohanty**

ମୁଖ୍ୟ ସମ୍ପାଦକ : ବିଭୁତି ଭୂଷଣ ପାତ୍ର | ପରିଚାଳନା ସମ୍ପାଦିକା : ଲକ୍ଷ୍ମୀପ୍ରିୟା ଦାଶ | ସମ୍ପାଦକ : ତାରକ ମହାନ୍ତି